ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୫/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, September 25/2025 | Page 16 | ₹ 7.00

୫୧ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 301 | ମୂଲ୍ୟ₹୭/-




## ଫାଇନାଲରେ ଭାରତ

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଭାରତ ବୁଧବାର ୪୧ ରନରେ ବାଂଲାଦେଶକୁ ହରାଇ ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି।

୧୬

୦୨

## ‘ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି’

ବଲିଉଡ୍‌ରେ ସେ ରାଜନୀତିର ଶିକାର ହୋଇଛନ୍ତି ବୋଲି ଅଭିନେତ୍ରୀ ଅମୃତା ରାଓ ବୁଧବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି।



## ଲଦାଖକୁ ରାଜ୍ୟ ମାନ୍ୟତା ଦାବି

# ଲେହ୍‌ରେ ହିଂସା

### ପୋଲିସ ଗୁଳିରେ ୪ ମୃତ, ୭୦ ଆହତ

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ବୁଧବାର ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨୦ ପୋଲିସ କର୍ମଚାରୀ ଅଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଛନ୍ତି। ୫ ବର୍ଷ ହେଲା ଯୁବପିଢ଼ି ରୋଜଗାର ପାଉ ନ ଥିବାରୁ ‘ଜେନ୍-ଜି ଧରଣର ଆନ୍ଦୋଳନ’ ମୁଣ୍ଡ ଟେକିଛି। ଏହା ଏକ ସାମାଜିକ ଆନ୍ଦୋଳନ। ଲଦାଖରେ କୌଣସି ଗଣତାନ୍ତ୍ରିକ ମଞ୍ଚ ନାହିଁ। ତେବେ ହିଂସା ଯୋଗୁ ଲଦାଖବାସୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ସ୍ଥିତି ଆହୁରି ଖରାପ ଆଡ଼କୁ ଗତି କରିପାରେ। ଲଦାଖ ଓ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଅନୁଚିତ ବୋଲି ଅନଶନସ୍ଥଳରେ ୱାଙ୍ଗ୍‌ଚୁକ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।



ଲେହ୍‌ରେ ବିକ୍ଷୋଭବେଳେ ଆନ୍ଦୋଳନକାରୀମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ି ଦେଇଛନ୍ତି।

ଲେହ୍,୨୪।୯ (ପି.ଟି. /ରଏଟର୍ସ)

ହିଂସାକୁ ଦୃଷ୍ଟିରେ ରଖି ଲେହ୍ ଜିଲ୍ଲାର ବିଭିନ୍ନ ଭାଗରେ ଭାରତୀୟ ନାଗରିକ ସଂହିତା (ବିଏନ୍‌ଏସ୍) ଧାରା ୧୬୩ ଜାରି କରାଯାଇଛି। ତଦନୁସାରେ ସମ୍ପୃକ୍ତ ଅଞ୍ଚଳରେ ୫ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ହୋଇପାରିବେ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାରକରି ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ରୂପେ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ପରଠୁ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଓ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ଅନେକ ସମୟରେ ବିକ୍ଷୋଭ ☞ପୃଷ୍ଠା-୪

## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାର ସମ୍ଭାବ୍ୟ ତାରିଖ ବୁଧବାର ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀ ୧୭ରୁ ଏହି ୨ ପରୀକ୍ଷା ଆରମ୍ଭ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ୟାମ ଭରଦ୍ୱାଜ ସୂଚନା ଦେଇଛନ୍ତି। ୫ ମାସ ପୂର୍ବରୁ ପରୀକ୍ଷା ନେଇ ସମୟସାରଣୀ ପ୍ରକାଶ ପାଇଥିବାରୁ ଏଥିପାଇଁ ଛାତ୍ରୀଛାତ୍ର ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ ବୋଲି ଆଶା କରାଯାଉଛି।

ସିବିଏସ୍‌ଇର ସୂଚନାନୁସାରେ, ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ପିଲା ପରୀକ୍ଷା ଦେବେ। ଉଭୟ ଶ୍ରେଣୀ ପରୀକ୍ଷା ଗୋଟିଏ ଶିଫ୍ଟରେ ଆରମ୍ଭ ହେବ। ପରୀକ୍ଷା ସହ ଖାତାଦେଖା ଓ ଫଳାଫଳ ଆଦି ପ୍ରକ୍ରିୟା ଜୁଲାଇ ୧୫ ଭିତରେ ଶେଷ କରିବାର ଯୋଜନା ରହିଛି। ସିବିଏସ୍‌ଇ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ) ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ଯାଏ ଚାଲିବ। ସେହିପରି ସିବିଏସ୍‌ଇ ସିନିୟର ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ଦ୍ୱାଦଶ) ଏପ୍ରିଲ ୯ରେ ଶେଷ ହେବ। ପରୀକ୍ଷା ଶେଷ ହେବାର ୧୦ ଦିନ ପରେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ୧୨ଦିନ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ପରୀକ୍ଷା ନିୟନ୍ତ୍ରକ ଡ. ଭରଦ୍ୱାଜ ସୂଚନା ଦେଇଛନ୍ତି।

## ଡାକ୍ତରୀ ପଢ଼ିବେ ନାହିଁ ବୋଲି ଆତ୍ମହତ୍ୟା

### ଏନ୍‌ଇଇଟିରେ ପାଇଛନ୍ତି ୯୯.୯୯ ପର୍ସେଣ୍ଟାଇଲ

ଚନ୍ଦ୍ରପୁର, ୨୪।୯



ଅନୁରାଗ ଅନିଲ ବୋର୍‌କାର

ଭାରତରେ ଦିନକୁ ଦିନ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଏକାଡେମିକ୍ କ୍ୟାରିୟର ଏବଂ ପାଠପଢ଼ାକୁ ନେଇ ଅନେକ ଛାତ୍ରୀଛାତ୍ର ଚାପରେ ରହୁଛନ୍ତି। ଖାସ୍‌କରି ପରୀକ୍ଷାଫଳ ଏବଂ କ୍ୟାରିୟରକୁ ନେଇ ମା’ବାପାଙ୍କ ପକ୍ଷରୁ ପଡୁଥିବା ଚାପ ଛାତ୍ରୀଛାତ୍ରଙ୍କ ପକ୍ଷେ ଅସହ୍ୟ ହୋଇପଡୁଛି। ରାଜସ୍ଥାନର କୋଟାରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳ ହେବାପରେ ଏହି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ମହାରାଷ୍ଟ୍ରର ଚନ୍ଦ୍ରପୁରରେ ୧୯ ବର୍ଷୀୟ ଛାତ୍ର ଅନୁରାଗ ଅନିଲ ବୋର୍‌କାର ନିକଟରେ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ୟୁଜିରେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଭାବନାର ବାସ୍ତବତା

## ଆଇଟିଡିଏରେ ୧୪୮.୭୫ କୋଟିର ବେଆଇନ କାରବାର

### ସିଏଜି ଧରିଲେ ଆଦିବାସୀ କଲ୍ୟାଣ ପାଣ୍ଠି ଅନିୟମିତତା

ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ କଲ୍ୟାଣ ନାମରେ ବହୁ କୋଟି ଟଙ୍କାର ସରକାରୀ ଅର୍ଥ ଅପବ୍ୟବହାର ହୋଇଛି। କେଉଁଠି ସରକାରୀ ଅର୍ଥରେ ଯନ୍ତ୍ରୀମାନେ ମୋବାଇଲ ରିଚାର୍ଜ କରିଛନ୍ତି ତ’ ଆଉ କେଉଁଠି ଏଟିଏମ୍ ଉଠାଣ, ୟୁପିଆଇ କାରବାର ଓ ବୀମା ପ୍ରିମିୟମ୍ ଦେୟ କରିଛନ୍ତି। ସବୁଠାରୁ ବଡ଼କଥା ହେଲା, ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥା ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି(ଆଇଟିଡିଏ) ଅର୍ଥକୁ ଯନ୍ତ୍ରୀମାନେ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟ ବା ଖାତାରେ କାରବାର କରିଛନ୍ତି, ଯାହାର ପରିମାଣ ୧୪୮.୭୫ କୋଟିରୁ ଊର୍ଦ୍ଧ୍ୱ ବୋଲି ଭାରତର ମହାନିୟନ୍ତ୍ରକ ଓ ମହାଲେଖାକାର (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି।

ପ୍ରମୁଖ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ସୁବୁ ଆର୍ ଏବଂ ଅତୁଲ ପ୍ରକାଶ ୨୦୧୮ରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ରିପୋର୍ଟ ଉପସ୍ଥାପନ କରି କହିଛନ୍ତି, ଆଇଟିଡିଏ ଅର୍ଥକୁ ଯନ୍ତ୍ରୀମାନେ ସରକାରୀ ଅର୍ଥକୁ ବିପୁଳ ମାତ୍ରାରେ ଅନିୟମିତତା ଭାବେ ଖର୍ଚ୍ଚ କରିଛନ୍ତି। ସେମାନେ ଏଟିଏମ୍‌ରୁ ଟଙ୍କା ଉଠାଣ କରିବା ସହିତ ମୋବାଇଲ ରିଚାର୍ଜ କରିବା, ୟୁପିଆଇ ମୋଡ୍‌ରେ ଟଙ୍କା ଦେବା ଭଳି ବେଆଇନ କାର୍ଯ୍ୟ କରିଛନ୍ତି। ସେହିପରି ଆଦିବାସୀ କଲ୍ୟାଣ ନାମରେ ଆଇଟିଡିଏ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ୩.୩୮କୋଟି ଟଙ୍କାର କୌଣସି ଭାଉଚର ପ୍ରସ୍ତୁତ କରାଯାଇନାହିଁ। ଏପରି କି ୩.୨୩ ☞ପୃଷ୍ଠା-୪


B.J.B. AUTONOMOUS COLLEGE, BHUBANESWAR-751014

NAAC ACCREDITED WITH “A”

No. CAD-1836 APPROVED BY AICTE

ADMISSION NOTICE FOR THE SESSION 2025-2026

Applications are invited (Third Phase) in online mode for admission for few available seats into the following Self-Financing Programmes: MBA(Agri-Business Management), M.Com FC, IMCA, B.Sc.ITM, MA JMC & MA-PM&IR, for the Session 2025-26. The Admission Prospectus and Online Application form will be available in college website www.bjbcollege.in from 23.09.2025 to 08.10.2025 till 11.55 PM. The details about the programmes, Application form and Form fill-up procedures, etc. are available in Admission Prospectus. The details of the courses are given below.

| INTEGRATED (5 YEARS) / UNDERGRADUATE COURSES (3YEARS) | POST GRADUATE COURSES (2YEARS) |
|---|---|
| IMCA Integrated Master in Computer Application — Eligibility : Passed +2 Science with Mathematics, 40% marks in aggregate | MBA (Agri -Business Management) — Eligibility : Graduate in any stream, with minimum 40% in aggregate |
| B.Sc.ITM Bachelor of Science in Information Technology and Management — Eligibility : Passed +2 Science with Mathematics, 40% marks in aggregate | MAJMC MA in journalism and Mass Communication — Eligibility : Graduate in any stream/Equivalent, with minimum40% in aggregate |
| | MA-PM&IR MA in Personnel Management & Industrial Relations — Eligibility : Graduate in any stream/Equivalent, with minimum 40% in aggregate |
| | M.Com FC Master of Commerce in Finance and Control — Eligibility : Graduate in any Stream / Equivalent, with minimum 40% in aggregate. |

| ENTRANCE TEST | | |
|---|---|---|
| | MAJMC , IMCA 10.10.2025 11.00AM -12.00 Noon | MBA (Agri -Business Management) 11.10.2025 11.00AM - 12.00 Noon |
| | MA-PM&IR, B.Sc.ITM 10.10.2025 2.00 PM - 3.00 PM | MCFC 11.10.2025 2.00PM - 3.00PM |

FOR FURTHER DETAILS CONTACT : B.Sc.ITM/IMCA : 9861048056/9938511866
MBA (Agri-Business Managment) : 9777612056/8917672546
MAJMC: 7008678166/8637202388, MA-PM&IR : 8917672546/9776987162
M.Com FC: 9938511866/8328889298/9692480554

Application form for the above courses, complete in all respects, should be submitted on or before 08.10.2025 (11.55pm) in online mode.
NB: - The Final Print out of the application form along with all the relevant documents shall be submitted in the concern department at B.J.B. Autonomous College, Bhubaneswar Physically, on the day or before the entrance test of the respective programes.

OIPR-11011/11/0046/2526 Sd/- Principal








KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe
Nobel Laureate, Sri Lanka — 26th Sept. 2025

Justice Abdulqawi Ahmed Yusuf
Judge, International Court of Justice (ICJ), The Hague

Justice Dalveer Bhandari
Judge, International Court of Justice (ICJ), The Hague — 27th Sept. 2025

H.E. Ouided Bouchamaoui
Nobel Laureate, Tunisia — 28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in

# ୧୦ ହଜାର ଏମ୍‌ବିବିଏସ୍, ପିଜି ସିଟ୍ ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ, ୨୪ା୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ବୁଧବାର ଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକରେ ୫,୦୨୩ ଏମ୍‌ବିବିଏସ୍ ଏବଂ ୫ ହଜାର ପିଜି ସିଟ୍ ବୃଦ୍ଧିକୁ ନେଇ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଷ୍ଟ୍ରୀୟ ମିଡିଆ ସେଣ୍ଟରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେଣ୍ଟ୍ରାଲ ସ୍ପନ୍‌ସରଡ୍ ସ୍କିମ୍ (ସିଏସ୍‌ଏସ୍)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଅଧୀନରେ ଏହି ପଦକ୍ଷେପ ନିଆଯାଇଛି। ବର୍ଷ ୨୦୨୫-୨୬ରୁ ୨୦୨୮-୨୯ ମଧ୍ୟରେ ଏହି ଯୋଜନାର ମୋଟ ଆର୍ଥିକ ପ୍ରଭାବ ୧୫,୦୩୪.୫୦ କୋଟି ଟଙ୍କା ରହିଛି, ଯେଉଁଥିରେ କେନ୍ଦ୍ରର ଅଂଶ ୧୦,୩୦୩.୨୦ କୋଟି ଟଙ୍କା ଏବଂ ରାଜ୍ୟର ଅଂଶ ୪,୭୩୧.୩୦ କୋଟି ଟଙ୍କା ରହିଛି। ସମ୍ପ୍ରତି ଦେଶରେ ୮୦୮ ମେଡିକାଲ କଲେଜ ଥିବାବେଳେ ସେଥିରେ ୧ ଲକ୍ଷ ୨୩, ୭୦୦ ଏମ୍‌ବିବିଏସ୍ ସିଟ୍ ଉପଲବ୍ଧ ରହିଛି। ଗତ ଦଶନ୍ଧି ମଧ୍ୟରେ ୬୯,୩୫୨ ନୂତନ ଏମ୍‌ବିବିଏସ୍ ଏବଂ ୪୩,୦୪୧ ନୂତନ ପିଜି ସିଟ୍ ଯୋଡ଼ିହୋଇଥିବା ବୈଷ୍ଣବ କହିଛନ୍ତି।



ଇସ୍ରାଏଲର ସାମରିକ ଅପରେଶନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପରୁ ଦକ୍ଷିଣ ଭାଗକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# 'ମୋ ରୁମ୍‌କୁ ଆସ, ତୁମକୁ ବିଦେଶ ନେଇଯିବି'

## ସ୍ୱାମୀ ଚୈତନ୍ୟାନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ୧୭ ଛାତ୍ରୀ

ନୂଆଦିଲ୍ଲୀ, ୨୪ା୯



ଦିଲ୍ଲୀର ଏକ ଜଣାଶୁଣା ଆଶ୍ରମ ଚଳାଉଥିବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ କଳା କାରନାମା ସାମ୍ନାକୁ ଆସିଛି। ସେ ଦିଲ୍ଲୀର ବାବା ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଏକ ପ୍ରାଇଭେଟ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ପ୍ରତିଷ୍ଠାନରେ ମ୍ୟାନେଜମେଣ୍ଟ ପଢୁଥିବା ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ନେଇ ପୋଲିସ ଉକ୍ତ ଆଶ୍ରମରେ ଚଢ଼ାଉ କରିଥିବା ବେଳେ ସ୍ୱାମୀ ଚୈତନ୍ୟାନନ୍ଦ ଏବେ ଫେରାର ରହିଛନ୍ତି। ସ୍ୱାମୀ ଚୈତନ୍ୟାନନ୍ଦ ସେମାନଙ୍କ ସହ କରିଥିବା ଅଶ୍ଳୀଳ ଚାଟ୍‌କୁ ଛାତ୍ରୀମାନେ ପୋଲିସ ନିକଟରେ ଉପସ୍ଥାପନ କରିଛନ୍ତି। ଏହି ଚାଟ୍‌ରେ ସେ ପୀଡ଼ିତା ଛାତ୍ରୀମାନଙ୍କୁ କହିଛନ୍ତି, "ମୋ କୋଠରିକୁ ଆସ, ବିନା ଖର୍ଚ୍ଚରେ ତୁମକୁ ବିଦେଶ ନେଇଯିବି। ଯଦି କଥା ନ ମାନ, ତେବେ ତୁମମାନଙ୍କୁ ଫେଲ୍ କରିଦେବି।" ପୀଡ଼ିତାମାନେ ସ୍ୱାମୀ ଚୈତନ୍ୟାନନ୍ଦଙ୍କ ସହ ଆଶ୍ରମର ୩ ମହିଳା ୱାର୍ଡେନଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଛନ୍ତି। ଏହି ମହିଳା ୱାର୍ଡେନ ଛାତ୍ରୀମାନଙ୍କୁ ଧମକାଇବା ସହ ସେମାନଙ୍କ ହ୍ୱାଟ୍ସଆପ୍ ଚାର୍ଟ ଡିଲିଟ୍ କରୁଥିଲେ। ୩ ଅଭିଯୁକ୍ତ ୱାର୍ଡେନଙ୍କୁ ପଚରାଉଚରା କରି ପୋଲିସ ତଦନ୍ତ ଜାରି ରଖିଛି। ଆଶ୍ରମ ସହ ଜଡ଼ିତ ଅନ୍ୟାନ୍ୟ ଦୁର୍ନୀତି ମାମଲା ମଧ୍ୟ ସାମ୍ନାକୁ ଆସିଛି। ସ୍ୱାମୀ ଚୈତନ୍ୟାନନ୍ଦଙ୍କ ଗାଡ଼ିରେ ଏକ ନକଲି ଡିପ୍ଲୋମାଟ୍ ନମ୍ବର ପ୍ଲେଟ୍ ଲାଗିଥିବା ପୋଲିସ କହିଛି। ବିଭିନ୍ନ ମାମଲାରେ ତାଙ୍କ ବିରୋଧରେ ପୋଲିସ ୫ ଏଫ୍‌ଆଇଆର୍ ରୁଜୁକରି ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଚଳାଇଛି।

# ଜମ୍ମୁ-କଶ୍ମୀର: ୪ ରାଜ୍ୟ ସଭା ଆସନ ପାଇଁ ଅକ୍ଟୋବର ୨୪ରେ ନିର୍ବାଚନ

ନୂଆଦିଲ୍ଲୀ, ୨୪ା୯

ନିର୍ବାଚନ ଆୟୋଗ (ଇସି) ବୁଧବାର ଜମ୍ମୁ-କଶ୍ମୀରର ୪ ରାଜ୍ୟ ସଭା ଆସନ ପାଇଁ ତାରିଖ ଘୋଷଣା କରିଛନ୍ତି। ଏହାସହ ପଞ୍ଜାବର ଗୋଟିଏ ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନର ତାରିଖ ଘୋଷଣା ହୋଇଛି। ଆସନ୍ତା ଅକ୍ଟୋବର ୨୪ରେ ଏହି ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ଏହାର ଫଳାଫଳ ଘୋଷଣା ହେବ। ଏଥିପାଇଁ ଆସନ୍ତା ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମଙ୍କାନ ଦାଖଲ କରିବାର ସୀମା ଅକ୍ଟୋବର ୧୩ ରହିଛି। ସେହିପରି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ସମୟ ଅକ୍ଟୋବର ୧୬ ରହିଛି। ନିର୍ବାଚନ ସ୍ଥିତିରେ ଅକ୍ଟୋବର ୨୪ରେ ସକାଳ ୯ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଭୋଟିଂ ଅନୁଷ୍ଠିତ ହେବ। ୨୦୨୧ ଫେବୃଆରୀ ପରଠାରୁ ଜମ୍ମୁ-କଶ୍ମୀରର ସମସ୍ତ ୪ ରାଜ୍ୟ ସଭା ଆସନର ସିଟ୍ ଖାଲିପଡ଼ିଛି। ୨୦୨୪ ଯାଏ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଥିବାରୁ ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ରାଜ୍ୟ ସଭା ନିର୍ବାଚନ ହୋଇପାରି ନ ଥିଲା ବୋଲି ଇସି କହିଛନ୍ତି।

# ବିଧ୍ୱଂସକ ଅସ୍ତ୍ର ଦୌଡ଼ରେ ବିଶ୍ୱ

## ରୁଷିଆର ଯୁଦ୍ଧ ଅଟକାଇବାକୁ ୟୁଏନ୍‌ଜିଏରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଆହ୍ୱାନ

ଜାତିସଂଘ,୨୪ା୯

ସମ୍ପ୍ରତି ବିଶ୍ୱରେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ଦୌଡ଼ ଚାଲିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁରୋପରେ ଯୁଦ୍ଧର ପରିସୀମା ବୃଦ୍ଧି ଘଟାଇବାକୁ ଚାହୁଁଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ରୁଷିଆ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଏହାର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ରୋକିବା ଜରୁରୀ ହୋଇପଡ଼ିଛି। ଏହି ଯୁଦ୍ଧକୁ ରୋକା ନ ଗଲେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆହୁରି ତୀବ୍ରତର ହେବ, ଯାହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼ିପାରେ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସତର୍କ କରାଇଛନ୍ତି।

ନ୍ୟୁୟର୍କସ୍ଥିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନକୁ ସମ୍ବୋଧିତ କରି ଜେଲେନ୍‌ସ୍କି କହିଛନ୍ତି, ବର୍ତ୍ତମାନ ଆମେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ପ୍ରତିଯୋଗିତା ଦେଇ ଗତିକରୁଛେ।



ଭୋଲୋଡିମିର ଜେଲେନ୍‌ସ୍କି

ୟୁକ୍ରେନ୍ ଏହାକୁ ପ୍ରଥମେ ସାମ୍ନା କରିଛି। ରୁଷୀୟ ଡ୍ରୋନ୍‌ଗୁଡ଼ିକ ୟୁରୋପୀୟ ଆକାଶମାର୍ଗରେ ଉଡ଼ାଣ କରୁଛି। ରୁଷିଆର ଅପରେଶନ୍ ଅନେକ ଦେଶକୁ ବିସ୍ତାରିତ ହେବାରେ ଲାଗିଛି ଏବଂ ପୁଟିନ୍ ଯୁଦ୍ଧର ପରିସୀମା ବଢ଼ାଇ ଏହାକୁ ଜାରି ରଖିବାକୁ ଚାହୁଁଛନ୍ତି। ୧୯୩ ରାଷ୍ଟ୍ର ସଦସ୍ୟ ଥିବା ୟୁଏନ୍‌ଜିଏକୁ ନିଜ ଅଭିଭାଷଣରେ ଜେଲେନ୍‌ସ୍କି ଆହୁରି କହିଛନ୍ତି, ଯୁଦ୍ଧ ବନ୍ଦ କରିବା ସମ୍ବେଦନଶୀଳ ଭିତ୍ତିଭୂମି ପାଇଁ ଭୂତଳ କିଣ୍ଡରଗାର୍ଟେନ୍ କିମ୍ବା ବିଶାଳ ବଙ୍କର ନିର୍ମାଣ କରିବାଠାରୁ ଶସ୍ତା। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ପୋଲାଣ୍ଡ ଓ ଏଷ୍ଟୋନିଆର ବାୟୁସୀମା ଉଲ୍ଲଂଘନ କରି ମସ୍କୋ ଡ୍ରୋନ୍ ଉଡ଼ାଇବା ପ୍ରମାଣିତ କରୁଛି ଯେ, ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ନୂଆ ସୀମାଗୁଡ଼ିକୁ ନେଇ ପ୍ରୟୋଗ ଆରମ୍ଭ କରିଦେଇଛନ୍ତି। ତେବେ ୟୁକ୍ରେନ୍ ନିଜ ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ରପ୍ତାନି କରିବା ଦିଗରେ ଅଗ୍ରସର ହେଉଛି। ଆମେ ଆମ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ଆପଣଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ରରେ ପରିଣତ କରିବାକୁ ଚାହୁଁଛୁ। ୟୁକ୍ରେନ୍ ଆଗକୁ ଅସ୍ତ୍ର ରପ୍ତାନି କରିବ। ଏହି ପ୍ରଭାବଶାଳୀ ଅସ୍ତ୍ରଗୁଡ଼ିକ ରଣଭୂମିରେ ପରୀକ୍ଷାର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇଛି, ଯେତେବେଳେ କି ପ୍ରତ୍ୟେକ ଅନ୍ତର୍ଜାତୀୟ ସଂସ୍ଥା ବିଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ଦିନକ ପରେ ଜେଲେନ୍‌ସ୍କିଙ୍କ ଏହି ପ୍ରତିକ୍ରିୟା ଆସିଛି। ମଙ୍ଗଳବାର ଦୁଇନେତାଙ୍କ ସାକ୍ଷାତ ପରେ ଟ୍ରମ୍ପ କହିଥିଲେ, ୟୁକ୍ରେନ୍ ହରାଇଥିବା ନିଜ ସମସ୍ତ ଭୂଖଣ୍ଡକୁ ଫେରିପାଇବ ବୋଲି ସେ ଆଶାବାଦୀ।

## ଭାରତ ଆମ ସହ ଅଛି: ଜେଲେନ୍‌ସ୍କି

ୱାଶିଂଟନ୍,୨୪ା୯

ଭାରତ ପ୍ରାୟତଃ ୟୁକ୍ରେନ୍ ସହ ରହିଥିବା ସେଠାକାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ନୂଆଦିଲ୍ଲୀ ରୁଷୀୟ ଶକ୍ତି କ୍ଷେତ୍ର ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଚାଇନା ଓ ଭାରତର ସହଯୋଗ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଜେଲେନ୍‌ସ୍କି ଏପରି ଉତ୍ତର ରଖିଛନ୍ତି। ରୁଷିଆଠାରୁ ଭାରତ ଓ ଚାଇନା ତୈଳ କିଣୁଥିବାରୁ ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧରେ ମସ୍କୋର ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହା ଉପରେ ଜେଲେନ୍‌ସ୍କି କହିଛନ୍ତି, ଭାରତ ପ୍ରାୟତଃ ତାଙ୍କ ସହ ରହିଛି ବୋଲି ସେ ମନେକରନ୍ତି। ତେବେ ଟ୍ରମ୍ପ ୟୁରୋପୀୟଙ୍କ ସହ ମିଶି ଶକ୍ତି କ୍ରୟ ପ୍ରସଙ୍ଗର ସମାଧାନ କରିବେ। ଭାରତକୁ ଏଥିରୁ ଦୂରେଇବା ପାଇଁ ଆମକୁ ସବୁକିଛି କରିବାକୁ ପଡ଼ିବ।

# ଆଜି ଟ୍ରମ୍ପ୍‌ଙ୍କୁ ଭେଟିବାକୁ ୱାଶିଂଟନ ଯିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ

ୱାଶିଂଟନ୍,୨୪ା୯

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ଥିବା ଶେହବାଜ ଓ ଟ୍ରମ୍ପଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଆଲୋଚନା ପରେ ଶେହବାଜ ହ୍ୱାଇଟ୍ ହାଉସ୍‌ରୁ ପୁଣି ନ୍ୟୁୟର୍କକୁ ଫେରିବେ। ୨୦୧୯ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଜଣେ ପାକିସ୍ତାନୀ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ସାକ୍ଷାତ୍ ହେବାକୁ ଯାଉଛି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଶାସନ କାଳରେ ପାକିସ୍ତାନକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ତେବେ ଗତ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପାକିସ୍ତାନ-ଆମେରିକା ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଆସିଛି। ଗତ ଜୁନ୍‌ରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ପାକିସ୍ତାନୀ ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ।

# ସୋନୁ ସୁଦ୍‌ଙ୍କୁ ୭ ଘଣ୍ଟା ଇଡି ଜେରା

ନୂଆଦିଲ୍ଲୀ, ୨୪ା୯

ଏକ ବେଆଇନ ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ଅଭିନେତା ସୋନୁ ସୁଦ୍ ବୁଧବାର ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହୋଇଛନ୍ତି। ଇଡି ଅଧିକାରୀମାନେ ତାଙ୍କୁ ୭ ଘଣ୍ଟା ଧରି ଜେରା କରିଥିଲେ। ଅର୍ଥ ହେରଫେର ନିବାରଣ ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ, ସୋନୁଙ୍କ ବୟାନ ରେକର୍ଡ କରାଯାଇଛି।

# ଇସି ଆଣିଲେ ଇ-ଭେରିଫିକେଶନ ସିଷ୍ଟମ୍

ନୂଆଦିଲ୍ଲୀ,୨୪ା୯

ଭୋଟର ତାଲିକାରୁ ନାମ ହଟାଇବା ନେଇ ରହିଥିବା ନିୟମର ଦୁରୁପଯୋଗ ରୋକିବା ପାଇଁ ନିର୍ବାଚନ କମିଶନ (ଇସି) ଏକ ଇ-ଭେରିଫିକେଶନ ସିଷ୍ଟମ୍ ଆଣିଛନ୍ତି। ଯେଉଁମାନେ ନିଜ ନାମ ହଟାଇବା କିମ୍ବା ତାଲିକାରେ ନାମ ପଞ୍ଜୀକରଣ ପାଇଁ ଚାହୁଁଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଯିବ। ଉକ୍ତ ଓଟିପି ଜରିଆରେ ସମ୍ପୃକ୍ତ ବ୍ୟକ୍ତି ଅନ୍‌ଲାଇନରେ ନିଜ ଆପତ୍ତି ଜଣାଇପାରିବେ। ଏହି ଫିଚର ଯୋଗୁ ନିୟମର ଦୁରୁପଯୋଗ ରୋକାଯାଇପାରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ କେତେଜଣ ଭୋଟରଙ୍କ ନାମ ହଟାଯାଇଥିବା ନେଇ ଅଭିଯୋଗ ଆସିବା ପରେ ଏହି ବ୍ୟବସ୍ଥା ଆପଣାଯାଇଥିବା କୁହାଯାଉଛି।

# 'ଭାରତର ନିୟମ ମାନିବାକୁ ହେବ'

## କେନ୍ଦ୍ର ବିରୋଧରେ 'X'ର ଆବେଦନକୁ ଖାରଜ କଲେ କର୍ଣ୍ଣାଟକ ହାଇକୋର୍ଟ

ନୂଆଦିଲ୍ଲୀ, ୨୪ା୯

ଗତ ମେ'ରେ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାକିସ୍ତାନ ସମର୍ଥନରେ ମନ୍ତବ୍ୟ ଦେଇଥିବା ଅନେକ ଆକାଉଣ୍ଟକୁ ହଟାଇ ଦିଆଯାଇଥିଲା। ଏହାକୁ ବିରୋଧକରି ସାମାଜିକ ଗଣମାଧ୍ୟମ 'X' ପକ୍ଷରୁ ଦାଏର ହୋଇଥିବା ଏକ ଆବେଦନକୁ ବୁଧବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟ ନିଜ ରାୟରେ କହିଛନ୍ତି, ଭାରତରେ କାମ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଦେଶର ଆଇନକୁ ପାଳନ କରିବାକୁ ହେବ। ହାଇକୋର୍ଟରେ 'X' ପକ୍ଷରୁ ଦର୍ଶାଯାଇଥିଲା, ଆମେରିକାର ଆଇନ ଅନୁଯାୟୀ ଏହା କାର୍ଯ୍ୟ କରିଥାଏ। ଏଥିରୁ ହଟାଯାଇଥିବା ଆକାଉଣ୍ଟଗୁଡ଼ିକୁ ମତାମତ ଦେବାର ସ୍ୱାଧୀନତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଉଣ୍ଟଗୁଡ଼ିକୁ ହଟାଯିବା ନିଷ୍ପତ୍ତି ବେଆଇନ ବୋଲି 'X' ପକ୍ଷରୁ କୁହାଯାଇଥିଲା। ତେବେ ଆବେଦନର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ତେଣୁ ସୋସିଆଲ ମିଡିଆଗୁଡ଼ିକୁ ବିନା ନିୟନ୍ତ୍ରଣରେ କାମ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ନାଗରିକଙ୍କ ମତ ପ୍ରକାଶର ଅଧିକାରକୁ ସୁରକ୍ଷା ଦେଉଥିବା ଭାରତୀୟ ସମ୍ବିଧାନର ଧାରା ୧୯ ବିଦେଶୀ କମ୍ପାନୀ କିମ୍ବା ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ଫୁର୍‌ସତ୍

# ପ୍ରିୟ ଚକୋଲେଟ୍ ପାଇଁ ୨୪୦୦ ମାଇଲ ଯାତ୍ରା

ଲଣ୍ଡନ

କିଛି ଲୋକ ଚକୋଲେଟ୍ ଖାଇବାକୁ ଏତେ ଭଲପାଆନ୍ତି ଯେ, ସେମାନେ ଏଥିପାଇଁ କୌଣସି ମଧ୍ୟ ସୀମାକୁ ପାର୍ କରିପାରନ୍ତି। ବ୍ରିଟେନ୍‌ରୁ ଠିକ୍ ଏହିପରି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ୩୫ ବର୍ଷୀୟା ଶେଫ୍ କେଟ୍ ତାକାକ୍ସ ନିଜ ପ୍ରିୟ ଚକୋଲେଟ 'ଫେରେରୋ ରୋଚର ପକେଟ କଫି ଚକୋଲେଟ'କୁ କିଣିବା ପାଇଁ ୨୪୦୦ ମାଇଲ (ପ୍ରାୟ ୩,୮୬୨ କି.ମି.) ଯାତ୍ରା କରିଛନ୍ତି। କେଟ୍ ଲଣ୍ଡନରୁ ରୋମାନିଆର କ୍ଲୁଜ-ନାପୋକା ସହରକୁ ବିମାନ ଯାତ୍ରା କରିଥିଲେ। ସେଠାରୁ ସେ ନିଜ ପସନ୍ଦର ପକେଟ କଫି ଚକୋଲେଟର ଏକ ଷ୍ଟକ୍ ସହ ମାତ୍ର ଦିନକ ମଧ୍ୟରେ ଲଣ୍ଡନ ଫେରିଥିଲେ।

କେଟ୍ ଗତ ୧୫ ତାରିଖରେ ନିଜ ଅଫିସରେ କାମ କରୁଥିବା ବେଳେ ହଠାତ୍ ପକେଟ କଫି ଚକୋଲେଟ ଖାଇବାକୁ ତାଙ୍କୁ ଇଚ୍ଛା ହୋଇଥିଲା। ତେବେ ଉକ୍ତ ଚକୋଲେଟ୍ କେବଳ ରୋମାନିଆରେ ଉପଲବ୍ଧ ବୋଲି କେଟ୍ କହିଛନ୍ତି। ତେଣୁ ନିଜ ପସନ୍ଦର ଚକୋଲେଟ୍ ଖାଇବାକୁ ସେ ତତ୍‌କ୍ଷଣାତ୍ ରୋମାନିଆ ଯିବା ପାଇଁ ବିମାନ ଟିକେଟ ବୁକିଂ କରିଥିଲେ। ସେ ୧୫ ତାରିଖ ରାତି ୧୦ଟାରେ ଲଣ୍ଡନରୁ ଉଡ଼ାଣ କରିଥିଲେ ଏବଂ ପରଦିନ ଭୋର୍ ୩ଟା ୧୫ରେ କ୍ଲୁଜ୍-ନାପୋକାରେ ପହଞ୍ଚିଥିଲେ, ଯେଉଁଠାରେ ସେ ଜନ୍ମ ହୋଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନିଜ ମନ ପସନ୍ଦର ଚକୋଲେଟ୍ କିଣିବା ସହ ବିଭିନ୍ନ ଶପିଂ କରିଥିଲେ ଓ କ୍ଲୁଜ୍-ନାପୋକା ସହରର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ଭ୍ରମଣ କରିଥିଲେ। ୧୬ ତାରିଖ ସନ୍ଧ୍ୟାରେ ସେ କ୍ଲୁଜ୍-ନାପୋକାର ଏୟାରପୋର୍ଟରେ ପହଞ୍ଚି ବିମାନରେ ବସିଥିଲେ ଏବଂ ରାତି ୧୧ଟାରେ ଲଣ୍ଡନରେ ପହଞ୍ଚିଥିଲେ। ମଧ୍ୟରାତ୍ରି ୧୨ଟା ସୁଦ୍ଧା ସେ ନିଜ ଘରେ ପହଞ୍ଚି ଯାଇଥିଲେ। ବିମାନ ଏବଂ ଶପିଂ ସମେତ ସମଗ୍ର ଯାତ୍ରା ପାଇଁ ତାଙ୍କୁ ମାତ୍ର ୧୫୦ ଡଲାର (ପ୍ରାୟ ୧୨,୫୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥିଲା ବୋଲି କେଟ୍ କହିଛନ୍ତି। ତେବେ କେବଳ ନିଜର ପ୍ରିୟ ଚକୋଲେଟ୍‌କୁ କିଣିବା ପାଇଁ ବ୍ରିଟେନ୍‌ରୁ ରୋମାନିଆ ଯାତ୍ରା କରିବା ନେଇ ସୋସିଆଲ ମିଡିଆରେ କେଟ୍ ସୂଚନା ଦେବା ପରେ ଏଥିରେ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କର ପାଗଳାମି ବୋଲି ତାଙ୍କୁ ଅନେକ ବନ୍ଧୁ କହିଥିବା ନେଇ କେଟ୍ ସୂଚନା ଦେଇଛନ୍ତି।

ସାଧାରଣତଃ ହଠାତ୍ ଯୋଜନା ପ୍ରସ୍ତୁତ କରି ଅନ୍ୟ ଏକ ଦେଶକୁ ବିମାନ ଯାତ୍ରା କରିବା ଏବଂ ଦିନକ ମଧ୍ୟରେ ସେଠାରେ ଉପଭୋଗ କରି ପୁଣି ବିମାନରେ ନିଜ ଦେଶକୁ ଫେରି ଆସିବାକୁ 'ଏକ୍ସଟ୍ରିମ୍ ଡେ ଟ୍ରିପ୍ସ' କୁହାଯାଇଥାଏ। କେଟ୍ କହିଛନ୍ତି, ସେ ପ୍ରଥମ ଥର ପାଇଁ ଏପରି ଏକ୍ସଟ୍ରିମ୍ ଡେ ଟ୍ରିପ୍ସ କରିନାହାନ୍ତି। ପୂର୍ବରୁ ସେ ଏହିପରି ୧୭ ଥର ଯାତ୍ରା କରିଛନ୍ତି, ଯେଉଁଥିରେ ସେ ହଠାତ୍ ଯୋଜନା ପ୍ରସ୍ତୁତ କରି ଦିନକ ମଧ୍ୟରେ କୌଣସି ଏକ ଦେଶ ଭ୍ରମଣ କରି ଲଣ୍ଡନ ଫେରି ଆସିଥାନ୍ତି।








ଅମୃତା ରାଓ

# 'ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି'

ମୁମ୍ବାଇ

ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅମୃତା ରାଓ ଅନ୍ୟତମ। ୨୦୦୩ରେ ରିଲିଜ୍ ହୋଇଥିବା 'ଇଶ୍କ ୱିଶ୍କ' ଚଳଚ୍ଚିତ୍ର ମାଧ୍ୟମରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ଅମ୍ରିତା ରାତାରାତି ଷ୍ଟାର୍ ପାଲଟିଥିଲେ। ତେବେ ଏହାପରେ ତାଙ୍କୁ ବଲିଉଡ୍‌ରେ ବହୁବାର ରାଜନୀତିର ଶିକାର ହେବାକୁ ପଡ଼ିଥିବା ନେଇ ବୁଧବାର ଅମୃତା ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ପୋଡ୍‌କାଷ୍ଟ 'ଦି ରଣବୀର ଶୋ'ରେ କହିଛନ୍ତି। ଅମୃତା କହିଛନ୍ତି, ଅନ୍ୟ କ୍ଷେତ୍ର ପରି ବଲିଉଡ୍‌ରେ ମଧ୍ୟ ରାଜନୀତି ରହିଛି। 'ଇଶ୍କ ୱିଶ୍କ' ଫିଲ୍ମର ସଫଳତା ପରେ ବଲିଉଡ୍‌ର କେତେଜଣ ବରିଷ୍ଠ ଅଭିନେତ୍ରୀ ଓ ଅଭିନେତା ତାଙ୍କୁ ଈର୍ଷା କରିବା ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା ବୋଲି ପରେ ସେ ଜାଣିବାକୁ ପାଇଥିଲେ। ସେତେବେଳେ ଏହା ତାଙ୍କୁ ଖରାପ ଲାଗିଥିଲା। ତାଙ୍କ ସହ ଏପରି କାହିଁକି ଘଟୁଛି ବୋଲି ସେ ସବୁବେଳେ ଭାବୁଥିଲେ। ତେବେ ଧୀରେ ଧୀରେ ତାଙ୍କ ବିରୋଧରେ ହେଉଥିବା ରାଜନୀତିକୁ ସେ ଦୃଢ଼ତାର ସହ ମୁକାବିଲା କରିବା ଶିଖିଥିଲେ ଏବଂ ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟଦକ୍ଷତା ଦେଖାଇ ସଫଳତା ହାସଲ କଲେ ରାଜନୀତିର ଶିକାର ହେବାକୁ ପଡ଼ିଥାଏ ବୋଲି ଅମୃତା କହିଛନ୍ତି। ପ୍ରକାଶ ଯେ, ନିକଟରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅମୃତାଙ୍କୁ ଦେଖିବାକୁ ମିଳିଥିଲା।

# ଦିନକ ଆଗରୁ ସରିଲା ବିଧାନସଭା

- ୨ ବିଲ୍, ଗୋଟିଏ ସଂକଳ୍ପ ପାରିତ
- ୭ କାର୍ଯ୍ୟଦିବସରୁ ୬ ଦିନ ଚାଲିଲା
- ହୋହଲ୍ଲାରେ ଧୋଇଗଲା ୪ଦିନ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ବିଧାନସଭା ମୌସୁମୀ ଅଧିବେଶନକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। ହେଲେ ଗୃହର ଆଉ କୌଣସି ବିଜ୍‌ନେସ୍ ନ ଥିବା ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏକ ମୋଶନ ଆଣିଥିଲେ। ପାର୍ବଣ ପାଇଁ ଗୃହକୁ ଦିନକ ପୂର୍ବରୁ ବନ୍ଦ କରାଇବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ମୋଶନ ପାସ୍ କରାଇବାରେ ଅଧିକ ସଦସ୍ୟଙ୍କ ସମର୍ଥନ ରହିବା ଯୋଗୁ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଛି।

ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଥିଲା। ୫ ଦିନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିପାରି ନ ଥିଲା। ପ୍ରଥମ ୩ ଦିନ ଯାଏ ଗୃହ ଚଲାଇବା ସମ୍ଭବପର ହୋଇପାରି ନ ଥିଲା। ୪ର୍ଥ ଦିନର ପୂର୍ବାହ୍ନରେ ଗୃହ ସ୍ୱାଭାବିକ ହୋଇପାରି ନ ଥିବା ବେଳେ ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ପରେ ଦୁଇଟି ବିଲ୍ ଏବଂ ଗୋଟିଏ ସଂକଳ୍ପ ଆଗତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଆଗତ କରାଯାଇଥିଲା। ଏହାସହ ଜିଏସ୍‌ଟିରେ ସଂସ୍କାର ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ଆଗତ କରାଯାଇଥିଲା। ୫ମ ଦିନ ପୂର୍ବାହ୍ନରେ ବିରୋଧୀ ଗୃହ କାର୍ଯ୍ୟ ଚଳାଇଦେଇ ନ ଥିଲେ। ଅପରାହ୍ନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ପାରିତ ହୋଇଥିଲା। ଏହାସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ପାରିତ ହୋଇଥିଲା। ଏହି ସମୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ନ ଥିବା ସତ୍ତ୍ୱେ ସରକାରୀ ଦଳ ପକ୍ଷରୁ ଏହାକୁ ପାରିତ କରାଯାଇଥିଲା। ସେହିପରି ଷଷ୍ଠ ଦିନ କିନ୍ତୁ କିଛି ସମୟ କଂଗ୍ରେସ ସଦସ୍ୟଙ୍କ ନାରାବାଜିରେ ଗୃହ ଅଚଳ ହୋଇଥିବାବେଳେ ବାକି ସମ୍ପୂର୍ଣ୍ଣ ସମୟ ଗୃହ କାର୍ଯ୍ୟ ବିନା ବିରୋଧ ଭିତରେ ଚାଲିଥିଲା। ପୂର୍ବାହ୍ନରେ ପ୍ରଶ୍ନକାଳ, ଶୂନ୍ୟକାଳ ଆଦି ସବୁ ଠିକ୍‌ଠାକ୍ ଚାଲିଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଉପରେ ଗୃହରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ଏହି ବିଲ୍ ଗୃହରେ ପାରିତ ହେବାସହ ରାତି ୯.୧୯ ମିନିଟ୍‌ରେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବି ଘୋଷଣା ହୋଇଥିଲା। ଏହି ୭ ଦିନିଆ କାର୍ଯ୍ୟଦିବସ ଭିତରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି।



ବିଧାନସଭା ମୌସୁମୀ ଅଧିବେଶନ ବୁଧବାର ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରକୋଷ୍ଠରେ ଏକତ୍ର ହୋଇଥିବା ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନେ।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୯ (ଦୁର୍ଯ୍ୟୋଧନ ପାତ୍ର)

ଦିନକୁ ଦିନ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ପୋଲିସ ନିକଟରେ ବୁଧବାର ୨୧ ମହିଳାଙ୍କ ସମେତ ୭୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ପୁରୁଷ ମାଓବାଦୀଙ୍କ ମଧ୍ୟରେ ୩୦ ଜଣ ହାର୍ଡକୋର ଥିବାବେଳେ ସେମାନଙ୍କ ନାମରେ ମୋଟ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି, ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିବାବେଳେ ଅନେକେ ଆତ୍ମସମର୍ପଣ କରିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଅନ୍ୟପକ୍ଷରେ ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରି ମାଓବାଦୀ ସଙ୍ଗଠନକୁ ଧ୍ୱଂସକରିବାରେ ଲାଗିଛନ୍ତି। ତେଣୁ ନିଜ ଜୀବନ ପ୍ରତି ବିପଦ ଥିବା ଓ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼ର ନାରାୟଣପୁର, ବିଜାପୁର, ଦାନ୍ତେୱାଡା ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବୋଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡା ପୋଲିସ ସୂତ୍ରରୁ ପ୍ରକାଶ।

# ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ୨୬ରେ ମିଳିବ ସେପ୍ଟେମ୍ବର ଦରମା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ଆସନ୍ତା ୨୬ରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସ୍‌ଟି ୨.୦ ସଂସ୍କାର ପରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




MARUTI SUZUKI
NEXA

CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹1 60 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹92 500 |
| IGNIS | ₹71 300 | ₹5 35 100 | ₹85 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹1 10 000 |



SCAN TO CONNECT TO A SHOWROOM NEAR YOU
NEXA SAFETY SHIELD
*FESTIVE OFFERS VALID TILL 30TH SEP ONLY
UP TO 100% WAIVER ON CAR LOAN PROCESSING FEE (ONLY TILL 30TH SEP)##
E-BOOK TODAY @ WWW.NEXAEXPERIENCE.COM
Contact us at 1800-200-[6392] 1800-102-[6392]

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 30th September '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

## ବାଲେଶ୍ୱରଃ ଏଏସ୍ଆଇ, ୨ କନଷ୍ଟେବଲ ନିଲମ୍ବିତ

ବାଲେଶ୍ୱର, (ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ଅନ୍ତର୍ଗତ ବଳରାମଗଡ଼ି ମେରାଇନ୍ ଥାନାର ଜଣେ ଏଏସ୍ଆଇ ଓ ୨ କନେଷ୍ଟବଲଙ୍କୁ ବୁଧବାର ଚାକିରିରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଏଏସ୍ଆଇ ହେଉଛନ୍ତି ନୀଳକଣ୍ଠ ପୃଷ୍ଟି, କନେଷ୍ଟବଲ ନରସିଂହ ମହାପାତ୍ର ଓ ପରୀକ୍ଷିତ ନାୟକ। କର୍ତ୍ତବ୍ୟରେ ଅବହେଳା ପାଇଁ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଏସ୍ପି ପ୍ରତ୍ୟୁଷ ଦିବାକର କହିଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଦୁଗ୍ଧ ଚାଷୀ ଓ ଯାଦବମାନଙ୍କ ବିକ୍ଷୋଭ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋକସେବା କନ୍‌ଭେନ୍‌ଶନ୍ ସେଣ୍ଟର , ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରବାଦୀ ଜନନାୟକ ଦୀନଦୟାଳ ଉପାଧ୍ୟାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

### କଟକ
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ତୃତୀୟ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ଚୌଦ୍ୱାର ରୂପଯାତ୍ରା ପଡ଼ିଆ, ସମୟ: ସକାଳ ୭ଟା ୩୦।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଚତୁର୍ଥ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ ଆସୋସିଏଶନ କଟକ ଶାଖା ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ନବମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଇଂ. ସରୋଜ କୁମାର ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ୩୩ତମ ପରିଛଳ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପରିଛଳ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ବାଲେଶ୍ୱର
- ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କାସିମପୁର ଆଦିବାସୀ ସାହି, ଫୁଲାଡ଼ି, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଗବେଷଣା ଓ ପ୍ରକାଶନ ନୀତି–୨୦୨୫ ସମ୍ପର୍କିତ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଗୋଷ୍ଠୀ ସହାୟିକାଙ୍କ ୩ୟ ଦିନ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ,ସ୍ଥାନ:କୁଆଁସ, ଭଦ୍ରକ, ସମୟ:ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି,ସ୍ଥାନ: କୁଆଁସ,ସମୟ:ଅପରାହ୍ନ ୩ଟା।

### ମୟୂରଭଞ୍ଜ
- ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଶୀର୍ଷା,ସମୟ:ପୂର୍ବାହ୍ନ ୧୦ଟା।
- ସୀମାନ୍ତ ଫାର୍ମାସୀ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: କଲେଜ ପରିସର, ଝାରପୋଖରିଆ,ସମୟ:ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ ଦୁର୍ଗାପୂଜା ମଣ୍ଡପ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

### କନ୍ଧମାଳ
- 'ସ୍ୱଚ୍ଛତା ହିଁ ସେବା'ରେ ସଫେଇ ଅଭିଯାନ, ସ୍ଥାନ: ବସଷ୍ଟାଣ୍ଡ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ, ବାଲିଗୁଡ଼ା, ସମୟ: ସକାଳ ୮ ଟା ୩୦।

### ଢେଙ୍କାନାଳ
- ସିଟି ଓ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

### ଅନୁଗୋଳ
- ଜିଲା ପ୍ରଶାସନ ପକ୍ଷରୁ ସର୍ପ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା ବ୍ଲକ ସଭାଗୃହ, ସମୟ: ସକାଳ ୧୦ଟା।

### ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ମେରିଟାଇମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଜାଙ୍ଗ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

### ଯାଜପୁର
- ସତ୍ୟସାଇ ସେବା ସମିତି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ନବରାତ୍ର ପୂଜା ଓ ହୋମ। ସ୍ଥାନ: ସତ୍ୟସାଇ ମନ୍ଦିର ପରିସର, ସମୟ, ସକାଳ ୮ଟା ୩୦।
- ଚତୁର୍ଥ ଦିନରେ ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଓ ବାର୍ଷିକ ଉତ୍ସବରେ ଷୋଡଶ ଉପଚାର ପୂଜା ଏବଂ ରଥ ଚାଳନା, ସ୍ଥାନ: ଯାଜପୁର ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା ୩୦।
- ବ୍ୟାସନଗର ବିରଜାନଗର ମା' ବିରଜା ଦେବୀଙ୍କ ଷୋଡଶ ଦିବସୀୟ ପୂଜା। ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ୨୦।

### ନୟାଗଡ଼
- ନାରାୟଣୀଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ନବମ ଦିବସ, ସ୍ଥାନ:ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ଅପରାହ୍ନ ୫ଟା ।

### ରାୟଗଡ଼ା
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସର, ସମୟ: ସକାଳ ୯ ଟା ।
- ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ଅପରାହ୍ନ ୪ ଟା।

### ନବରଙ୍ଗପୁର
- ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ସାଇକେଲ ଶୋଭାଯାତ୍ରା, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୭ଟା।
- କୋରାପୁଟ ଜିଲାର ଥିବା ୫ ଆଇଟିଆଇର ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- କୋରାପୁଟ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- . ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୭ଟା।
- ଦଲେଇପଡା ରାବଣ ପୋଡି କମିଟିର ବୈଠକ, ସ୍ଥାନ : ଦଲେଇପଡା, ସମୟ : ପୂର୍ବାହ୍ନ ୧୦ଟା ୩୦।
- . ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଡିଆବାହାଲ ମଣ୍ଡଳ ଆୟୋଜନରେ ଶ୍ରୀବିଜୟା ଦଶମୀ ଉତ୍ସବ, ସ୍ଥାନ : ପଡିଆବାହାଲ ସାପ୍ତାହିକ ପରିସର, ସମୟ ଅପରାହ୍ନ ୩ଟା।
- . ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ରାତି ୭ଟା।

### ବରଗଡ଼
- ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଜମଲା ଡିଗ୍ରୀ କଲେଜ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା
- ସୁପ୍ରିୟା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

### କଳାହାଣ୍ଡି
- ଭାଜପାର ବୃକ୍ଷରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।

### ବୌଦ୍ଧ
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୮ଟା।
- ସେବାପକ୍ଷ ଅବସରରେ ପ୍ରଦର୍ଶନୀ, ସ୍ଥାନ: ମାଉସୀ ମା' ମନ୍ଦିର ବୌଦ୍ଧ, ସମୟ: ସକାଳ ୯ଟା।

### ଦେବଗଡ଼
- ନବରାତ୍ର ପୂଜା ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୮ଟା।
- ମା' ସୁରେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ, ସ୍ଥାନ:ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।

### ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନବମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।

# ସାପ କାମୁଡ଼ାରେ ମା' ପୁଅ ମୃତ

**ଲହୁଣୀପଡ଼ା, ୨୪।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ତଥା ମହୁଲପଦା ଥାନା ଅନ୍ତର୍ଗତ ତଲେଇସରା ପଞ୍ଚାୟତ ବଡ଼ଗୁଆଁ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ତୁଳସୀ କୋହ୍ଲ (୨୯) ଓ ପୁଅ ଅବିନାଶ (୪)। ରାତିରେ ଖାଇସାରି ତୁଳସୀ, ଅବିନାଶ ଓ ଅନ୍ୟ ୨ପିଲା ଏକାଠି ତଳେ ଶୋଇଥିଲେ। ତୁଳସୀଙ୍କ ସ୍ୱାମୀ ରଥ ଖଟ ଉପରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ୨ଟାରେ ରଥ ଉଠି ବାହାରକୁ ଯାଇଥିଲେ। ବାହାରୁ ଆସି ଦେଖିଲେ ଏକ ସାପ ଖଟ ଉପରକୁ ଉଠିବା ପାଇଁ ଉଦ୍ୟତ ହେଉଛି। ସେ ସାପକୁ ଦେଖି ତୁରନ୍ତ ମାରି ଦେଇ ପୁନର୍ବାର ଶୋଇ ପଡ଼ିଥିଲେ। କିଛି ସମୟ ପରେ ଉଠି ଦେଖିଲା ବେଳକୁ ତୁଳସୀ ଓ ଅବିନାଶ ଶୋଇଥିଲେ ମଧ୍ୟ ପାଟିରୁ ଫେଣ ବାହାରୁଥିଲା। ତୁରନ୍ତ ଚିକିତ୍ସା ପାଇଁ ସେମାନଙ୍କୁ ପଡ଼ୋଶୀଙ୍କ ସହଯୋଗରେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବିନାଶକୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତୁଳସୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲଙ୍କା ମରିଚ**
**ମତେ ଦେଖିକରି ଜଳି ଯାଉଛ।**

ସାଧାରଣତଃ ଲଙ୍କା ଖାଇଲେ ପାଟି ରାଗରେ ଜଳିଯାଇଥାଏ। ସେହିପରି କିଛି ବ୍ୟକ୍ତି ଅନ୍ୟକୁ ଦେଖିଲା ମାତ୍ରେ ବିନା କାରଣରେ ରାଗରେ ଜଳିଯାଇଥାନ୍ତି। ଲଙ୍କା ଓ କ୍ରୋଧି ବ୍ୟକ୍ତିଙ୍କ ପ୍ରକୃତି ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଜ ନାହିଁ ନିର୍ଲଜକୁ**
**ଶୁଖିଲା ମାଟିରେ କଠଉ ମଡ଼ାଏ**
**ଠକ ଠକ ଶୁଭିବାକୁ।**

ଶୁଖିଲା ଭୂମି ଉପରେ କଠଉ ମାଡ଼ିଲେ ଠକ ଠକ ଶବ୍ଦ ହେବା ସ୍ୱାଭାବିକ। ପରୋକ୍ଷରେ କିଛି ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ଦେଖେଇ ହେବାକୁ ଏପରି ଆଚରଣ କରିଥାନ୍ତି। ଲୋକଙ୍କର ଦେଖାଣିଆ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶ୍ରୀମୟୀଙ୍କୁ ନେଇ ବ୍ୟସ୍ତ ହୋଇପଡ଼ିଛି ବିଜେଡି

- **ଅପଶବ୍ଦ ବ୍ୟବହାର ସତ୍ତ୍ୱେ ନବୀନ କିଛି କଲେନି: ଶ୍ରୀମୟୀ**
- **ତାହା ମିଛ କହୁଛନ୍ତି ଶ୍ରୀମୟୀ: ସ୍ନେହାଙ୍ଗିନୀ**
- **ସେଭଳି ଲୋକ ଦଳରେ କେତେ ଅଛନ୍ତି: ପ୍ରମିଳା**

**ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)**

ଶ୍ରୀମୟୀଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ପରେ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଶ୍ରୀମୟୀଙ୍କ ଭୁଲ୍ ଦର୍ଶାଇବାକୁ ଯାଇ ଦଳର କେତେଜଣ ନେତାଙ୍କ ପକ୍ଷରୁ ଟାର୍ଗେଟ କରାଯାଉଛି। ନିର୍ବାଚନ ପରେ ସେ ଦଳରେ ଥିଲେ ବୋଲି ଦେଖାଇବାକୁ ତାଙ୍କର ଅନେକ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଛି। ଅନ୍ୟପଟେ ଶ୍ରୀମୟୀ ସାମାଜିକ ଗଣମାଧ୍ୟମରେ ପୁଣିଥରେ ଦଳର ସଭାପତିଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଶ୍ରୀମୟୀଙ୍କୁ ନେଇ ଦଳ ବ୍ୟସ୍ତ ହୋଇପଡ଼ିଥିବା ବହୁ ବରିଷ୍ଠ ନେତା ଚର୍ଚ୍ଚା ଆଲୋଚନା ଚଳାଇଛନ୍ତି।

ଶ୍ରୀମୟୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଗତବର୍ଷ ଦଳ ଭିତରେ ସେ ଅସନ୍ତୁଷ୍ଟ ଥିଲେ ଏବଂ କୌଣସି ପଦପଦବୀ ଗ୍ରହଣ କରି ନ ଥିଲେ ବୋଲି ବର୍ତ୍ତମାନ ସ୍ୱୀକାର କରୁଛନ୍ତି। ପ୍ରମିଳା ମଲ୍ଲିକ ଏବଂ ସ୍ନେହାଙ୍ଗିନୀ ଛୁରିଆଙ୍କ ଭଳି କେତେଜଣ ଗତ ୧୦ ଦିନରେ ଅନେକ କଥା ତାଙ୍କ ବାବଦରେ କହିବା ସହ ୟୁଟର୍ନ କଲେଣି, ତା'ର ତର୍ଜମା ରାଜ୍ୟବାସୀ କରିବେ। ୨୦୨୪ରୁ ବାରମ୍ବାର ସେ ଆତ୍ମସମ୍ମାନ ଓ ସ୍ୱାଭିମାନ ପାଇଁ ପ୍ରଶ୍ନ ଉଠାଇ ନିରାଶ ହୋଇଥିଲେ, ଯାହାକୁ ଦଳରେ ପିତୃତୁଲ୍ୟ ମାନୁଥିଲେ ସେତେବେଳେ ତାଙ୍କ ନୀରବତା ନିରାଶ କଲା। ଯେଉଁଦିନ ଜଣେ ବୃଦ୍ଧ ବ୍ୟକ୍ତି ତାଙ୍କୁ ସୂର୍ପଣଖା କହି ସମ୍ବୋଧିତ କଲେ, ଦଳୀୟ ବିଧାୟକ ଏବଂ ଅନ୍ୟ ସଦସ୍ୟମାନେ ଅପଶବ୍ଦ ବ୍ୟବହାର କରି କହିଲେ, ସେହି ବିଷୟରେ ଦଳର କେତେଜଣଙ୍କୁ କହିବା ସତ୍ତ୍ୱେ ସମସ୍ତେ ଚୁପ୍ ରହିଲେ। କେବଳ ପୂର୍ବତନ ବିଧାୟିକା ଉଷା ଦେବୀ ତାଙ୍କୁ ନେଇ ନବୀନ ନିବାସ ଯାଇଥିଲେ। ସବୁ କଥା ଦଳର ସଭାପତି ଶୁଣିବା ପରେ ପଦେ କହିଲେ 'ଇଟ୍ ହାପେନ୍ସ ଇନ୍ ପଲିଟିକ୍ସ'। ଯଦି ଏଭଳି ଘଟଣା ତାଙ୍କ ସହ ହୋଇଥାଆନ୍ତା ଆଉ ସେ ତାଙ୍କ ବାପାଙ୍କୁ ଜଣାଇ ଥାଆନ୍ତେ କ'ଣ ଏଭଳି ଉତ୍ତର ଆସିଥାଆନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାପରେ ସେ ତାଙ୍କ ସଦସ୍ୟତା ନବୀକରଣ କରିନାହାନ୍ତି କି କୌଣସି କାର୍ଯ୍ୟକ୍ରମରେ ଗଲେ ନାହିଁ। ଯଦି ଦଳ କହୁଛି ତାଙ୍କର ସଦସ୍ୟତା ରହିଛି ତେବେ ତାକୁ ସାର୍ବଜନୀନ କରାନ୍ତୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି, ଦଳକୁ କେତେ ଲୋକ ଆସିବେ ଆଉ ଯିବେ। ଯିଏ ବିଶୃଙ୍ଖଳା କରିବ ସେ ବିଦା ହେବ। ସେ ମ୍ୟାଡାମ୍ କ'ଣ କି। ସେଭଳି ଲୋକ ବିଜେଡିରେ କେତେ ଅଛନ୍ତି। ଜଣଙ୍କ ପାଇଁ କାହିଁକି ଏତେ ଚର୍ଚ୍ଚା ବୋଲି ସେ ପ୍ରଶ୍ନ କରିଛନ୍ତି। ଏକ ଖବରଦାତା ସମ୍ମିଳନୀ କରି ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଶ୍ରୀମୟୀଙ୍କ ମନ୍ତବ୍ୟ ମିଥ୍ୟା। ସେ ଜଣେ ଅଭ୍ୟାସଗତ ମିଛୁଆ। ବିଜେଡି ହେଉଛି ଭାରତର ସଫଳତମ ରାଜନୈତିକ ଦଳ। ଶୃଙ୍ଖଳା ଭଙ୍ଗକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଏ। ଗତ ବର୍ଷକ ଭିତରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି। ଦଳର ନେତୃତ୍ୱ ଓ କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। କୌଣସି ସମୟରେ ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ରଖିନାହାନ୍ତି। ମଙ୍ଗଳବାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଦଳ ନିଲମ୍ବନ କରିବା ପରେ ସେ ବିଜେଡିରେ ନାହାନ୍ତି ବୋଲି ମନ୍ତବ୍ୟ ଦେବା ତାହା ମିଛ ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତରୀ ପଢ଼ିବେ ନାହିଁ...

୯୯.୯୯ ପର୍ସେଣ୍ଟାଇଲ ରଖି ସଫଳତା ହାସଲ କରିଥିବା ବେଳେ ମେଡିକାଲ କଲେଜରେ ନାମଲେଖାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ସେ ଆତ୍ମହତ୍ୟା କରିଛନ୍ତି। ଡାକ୍ତର ହେବାକୁ ନ ଚାହିଁ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି ଅନୁରାଗଙ୍କ ସୁଇସାଇଡ୍ ନୋଟ୍‌ରୁ ହସ୍ତଗତ ହୋଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାର ନାୱରଗ୍ରାମ ନିବାସୀ ଅନୁରାଗ ଅନିଲ ବୋରକାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରୁଛନ୍ତି। ନିକଟରେ ସେ ୯୯.୯୯ ପର୍ସେଣ୍ଟାଇଲ ସହ ଏନ୍‌ଇଇଟି ୟୁଜି ୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ଏବଂ ଓବିସି ବର୍ଗରେ ତାଙ୍କ ଅଲ୍ ଇଣ୍ଡିଆ ର୍‍ୟାଙ୍କ୍ ୧୪୭୫ ଥିଲା। ଫଳରେ ଏମ୍ସ ଗୋରଖପୁରରେ ନାମ ଲେଖାଇବା ପାଇଁ ତାଙ୍କୁ ସିଟ୍ ମିଳିଥିଲା। ବୁଧବାର ନାମଲେଖା ପାଇଁ ପରିବାର ସହ ଅନୁରାଗଙ୍କୁ ଉତ୍ତରପ୍ରଦେଶର ଗୋରଖପୁର ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଅନୁରାଗଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରିବାରଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁରାଗଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। ସୁଇସାଇଡ୍ ନୋଟ୍‌ରେ ଅନୁରାଗ ଲେଖିଛନ୍ତି, ଡାକ୍ତର ହେବାକୁ ଇଚ୍ଛା ନ ଥିଲା। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୫ ବର୍ଷ ଧରି ପଢ଼ିବାକୁ ଚାହୁଁ ନ ଥିଲି। ଜଣେ ବ୍ୟବସାୟୀ ମଧ୍ୟ ଡାକ୍ତରଙ୍କ ଅନୁରୂପ ଭାବେ ଭଲ ରୋଜଗାର କରିପାରିବେ ବୋଲି ଅନୁରାଗ ଏହି ସୁଇସାଇଡ୍ ନୋଟ୍‌ରେ ଦର୍ଶାଇଛନ୍ତି। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଆତ୍ମହତ୍ୟାକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ସମ୍ପ୍ରତି ଅନେକ ଛାତ୍ରୀଛାତ୍ର ନିଜ ଏକାଡେମିକ୍ କ୍ୟାରିୟରକୁ ନେଇ ଚାପରେ ରହୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ମାନସିକ ରୋଗ ବିଶେଷଜ୍ଞ କହିଛନ୍ତି। ମାନସିକ ଚାପ କମାଇବା ପାଇଁ ଛାତ୍ରୀଛାତ୍ର ନିଜ ପରିବାର ଓ ବନ୍ଧୁଙ୍କ ସହ ଅଧିକରୁ ଅଧିକ ଖୋଲାଖୋଲି କଥା ହେବା ଉଚିତ। ନିଜ ଭାବନା ବାଣ୍ଟିବା ଦ୍ୱାରା ଏକଲାପଣ କମ୍ ହୋଇଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

### ଆଇଟିଡିଏରେ ୧୪୮.୭୫...

କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ହେଁ କୌଣସି ବିଲ୍ ମଧ କରାଯାଇନାହିଁ। ବିନା ବିଲ୍‌ରେ କିଭଳି କୋଟି କୋଟି ଟଙ୍କାର କାରବାର ହେଲା ତାହା ସନ୍ଦେହଜନକ ବୋଲି ମହାଲେଖାକାର କହିଛନ୍ତି। ସବୁଠାରୁ ଧର୍ତ୍ତବ୍ୟ କଥା ହେଉଛି, ଯନ୍ତ୍ରୀମାନେ ୨୨.୭୮ କୋଟି ଟଙ୍କା କାରବାର କରିଛନ୍ତି, ଯେଉଁଥିରେ କି ଇନ୍‌ଭଏସ୍‌ରେ ଡୁପ୍ଲିକେଟ୍ ନମ୍ବର ପକାଯାଇଛି। ଏପରିକି ଇନ୍‌ଭଏସ୍‌ଗୁଡ଼ିକରେ ତାରିଖ ଉଲ୍ଲେଖ ନ ଥିବାବେଳେ ଜିଏସ୍‌ଟି ପଇଠ କରୁ ନ ଥିବା କମ୍ପାନୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅତୁଲ ପ୍ରକାଶ ଏକ ଉଦାହରଣ ଦେଇ କହିଥିଲେ, ପାରଳାଖେମୁଣ୍ଡି ଆଇଟିଡିଏରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଣଦେଖା କରାଯାଇଛି। ଆଇଟିଡିଏରେ ୩.୭୪ କୋଟିଟଙ୍କାର ସାମଗ୍ରୀ କିଣାଯାଇଛି। ଏହି ଆଇଟିଡିଏ ପାଇଁ ମାତ୍ର ୭୩.୬୦ ଲକ୍ଷ ଟଙ୍କାର ଅନୁମୋଦନ ରହିଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଅଗୋଚରରେ କିଭଳି ୩.୭୪କୋଟି ଟଙ୍କାର ସାମଗ୍ରୀ ବିନା ଟେଣ୍ଡରରେ କିଣିଲେ, ତାହା ସନ୍ଦେହ ସୃଷ୍ଟି କରୁଛି। ଏପରି କି ଏହି ସାମଗ୍ରୀ କ୍ରୟବେଳେ ଗୋଟିଏ ସଂସ୍ଥାଠାରୁ ୨.୦୯ କୋଟି ଟଙ୍କାର ସାମଗ୍ରୀ ବେଆଇନ ଭାବେ କିଣାଯାଇଛି ବୋଲି ମହାଲେଖାକାର ସ୍ପଷ୍ଟ କରିଛନ୍ତି।

### ଲେହ୍‌ରେ ...

କରାଯାଇଆସୁଛି। ସେପ୍ଟେମ୍ବର ୧୦ରୁ ୧୫ ଜଣ ୩୫ ଦିନିଆ ଅନଶନରେ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ସେରିଙ୍ଗ୍ ୱାଙ୍ଗଚୁକ(୭୨) ଓ ତଶି ଡୋଲମା(୬୦)ଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ହସ୍ପିଟାଲକୁ ଉଭୟଙ୍କୁ ନିଆଯାଇଥିଲା। ଏହା ଦେଖି ଏଲ୍ଏବି ଯୁବ ଶାଖା ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଲେହ୍ ଆପେକ୍ସ ବଡି ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଚାହୁଁଚାହୁଁ ହିଂସାର ରୂପ ନେଇଥିଲା। ବିକ୍ଷୋଭକାରୀମାନେ ଭାଜପା ଅଫିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ଯାନବାହନଗୁଡ଼ିକରେ ନିଆଁ ଲଗାଇଦେବାରୁ ଆକାଶରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଯାଇ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ ଅନଶନ ଭାଙ୍ଗିବା ସହ ଲଦାଖର ଯୁବପିଢ଼ିଙ୍କୁ ହିଂସା ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ପୋଲିସ ପ୍ରଥମେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କିନ୍ତୁ ସ୍ଥିତି ସଙ୍ଗିନ ହେବା ଆଶଙ୍କାରେ ପରେ ଗୁଳିମାଡ଼ କରିଥିଲା। ତେବେ ବିକ୍ଷୋଭକାରୀମାନେ ଶାନ୍ତ ରୁହନ୍ତୁ ବୋଲି ୱାଙ୍ଗଚୁକ ନିଜ X ହ୍ୟାଣ୍ଡଲରେ କହିଛନ୍ତି। ସମ୍ବିଧାନର ଷଷ୍ଠ ପରିଚ୍ଛେଦ ୪ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମର ଆଦିବାସୀ ଜନସଂଖ୍ୟା ପାଇଁ ଉଦ୍ଦିଷ୍ଟ। ତଦନୁଯାୟୀ ଏହି ରାଜ୍ୟଗୁଡ଼ିକ ଅଟୋନମସ୍ କାଉନ୍‌ସିଲ ଜରିଆରେ ପ୍ରଶାସନିକ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ କ୍ଷମତା, ସ୍ୱାୟତ୍ତ ଶାସନ, ବିକଳ୍ପ ନ୍ୟାୟିକ ବ୍ୟବସ୍ଥା ଓ ଆର୍ଥିକ କ୍ଷମତାର ପ୍ରୟୋଗ କରି ସ୍ୱତନ୍ତ୍ର ସୁବିଧା ହାସଲ କରିଥାନ୍ତି। ଅକ୍ଟୋବର ୬ରେ ଏଲ୍ଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (କେଡିଏ) ସଦସ୍ୟଙ୍କୁ ନେଇ ଲଦାଖର ଏକ ପ୍ରତିନିଧି ଦଳ ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଆଲୋଚନା ହେବାକୁ ଥିବାବେଳେ ଲଦାଖକୁ ଷଷ୍ଠ ପରିଚ୍ଛେଦରେ ସାମିଲ ପାଇଁ ଦାବି ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ଖୁସିରେ ବିତାଇବେ। ଜମିଜମା, ଗାଡିମୋଟର, କରଜ ଟଙ୍କାପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇ ଯିବେ।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ହିତୈଷୀମାନଙ୍କ ସହଯୋଗରେ ପୂର୍ବପରିକଳ୍ପିତ ନୂତନଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। କୃତ୍ତିକା ନକ୍ଷତ୍ର ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ପାରିବାରିକ ଭୁଲ୍ ବୁଝାମଣାରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟରେ ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ। ମୃଗଶିରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ**
ମାନସିକ ଶିଥିଳତାଜନିତ କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁନର୍ବସୁ ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ**
ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରାଇପାରନ୍ତି। ମଘା ନକ୍ଷତ୍ର କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବାର ପରିବେଶ ସୃଷ୍ଟି ହେବ।

**କନ୍ୟା**
ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ଅର୍ଥ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇପାରିବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ପିଲାଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା**
ଆଶା ଓ ଅଭିଳାଷ ପୂରଣ କରିବାରେ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ଚିତ୍ରା ନକ୍ଷତ୍ର ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା**
ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ଆଜି ଦୂରଯାତ୍ରା କରିବାକୁ ପଡ଼ିପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ, ପରିବହନ, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ।

**ଧନୁ**
ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ଉତ୍ତରାଷାଢ଼ା ନକ୍ଷତ୍ର ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର କିଛିଟା ସ୍ୱାର୍ଥତ୍ୟାଗ କରିବା ଦ୍ୱାରା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟାଇପାରିବେ।

**କୁମ୍ଭ**
ଆଜି ଶତଭିଷା ନକ୍ଷତ୍ର କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଲାଗି ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁ ସମସ୍ୟା ସମାଧାନ ବଦଳରେ ବଢ଼ାଇଦେବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ସେପ୍ଟେମ୍ବର ୨୫ ତାରିଖ, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୩୯ ଗତେ ଘ. ୦୭.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୩୭ ମଧ୍ୟେ ରାହୁ କାଳ।




# ଆମେରିକା ଟାରିଫ୍ ମାଡ଼: ଓଡ଼ିଶାର ୨୫ ହଜାର ଚିଙ୍ଗୁଡ଼ିଚାଷୀ ପ୍ରଭାବିତ

**ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)**

ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ଓଡ଼ିଶାର ମତ୍ସ୍ୟଚାଷୀ ଓ ଉଦ୍ୟୋଗୀଙ୍କ ଉପରେ ବଡ଼ ପ୍ରଭାବ ପକାଉଛି। ଏଥିଯୋଗୁ ରାଜ୍ୟର ପ୍ରାୟ ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପ୍ରଭାବିତ ହୋଇଥିବାବେଳେ ୬୨ ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରଭାବିତ ହୋଇଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବୁଧବାର ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ଆମେରିକା ପ୍ରଶାସନର ବଡ଼ଧରଣର ଟାରିଫ୍ ଯୋଗୁ ରାଜ୍ୟର ମତ୍ସ୍ୟ ରପ୍ତାନି କେତେକାଂଶରେ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ସମୁଦାୟ ମତ୍ସ୍ୟ ରପ୍ତାନିର ପ୍ରାୟ

## ୬୨ ଉଦ୍ୟୋଗୀ କ୍ଷତିଗ୍ରସ୍ତ

୨୪.୫% ଆମେରିକାକୁ ଯାଇଥାଏ। ଏହାଦ୍ୱାରା ରାଜ୍ୟର ୬୨ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି। ସେହିପରି ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପରୋକ୍ଷଭାବେ ପ୍ରଭାବିତ ହୋଇଛନ୍ତି। ଏହାର ବିକଳ୍ପ ବଜାର ପାଇଁ ସରକାର ଚିନ୍ତା କରୁଛନ୍ତି। ଜାପାନ, ଦକ୍ଷିଣ କୋରିଆ, ୟୁକେ, ରୁଷିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ପୂର୍ବ ଏସିଆରେ ବିକଳ୍ପ ବଜାର ସୃଷ୍ଟି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଆମେରିକାକୁ ସର୍ବାଧିକ ୨୨ ହଜାର ୫୬୯ ଟନ୍ ମତ୍ସ୍ୟ ୨୦୨୪-୨୫ ବର୍ଷରେ ରପ୍ତାନି ହୋଇଥିବାବେଳେ ଚାଇନାକୁ ୨୨ହଜାର ୩୬୬ ଟନ୍ ହୋଇଥିଲା। କାନାଡାକୁ ୨୦୨୦ ଟନ୍ ରପ୍ତାନି ହୋଇଥିବାବେଳେ ଅନ୍ୟାନ୍ୟ ୧୫ଟି ଦେଶକୁ ମାଛ ରପ୍ତାନି କରାଯାଉଛି। ତେବେ ଏହି ମାଛ ରପ୍ତାନି ବାବଦକୁ ସର୍ବାଧିକ ୧୬୯.୮୩ ମିଲିଅନ ଡଲାର ଅର୍ଥାତ୍ ୧୪୨୦.୪୧ କୋଟି ଟଙ୍କା ଆମେରିକାରୁ ମିଳିଥିବା ବେଳେ ଚାଇନା ୧୧୪.୩୫ ମିଲିଅନ ଡଲାର ଅର୍ଥାତ୍ ୯୫୩.୮୯ କୋଟି ଟଙ୍କା ରପ୍ତାନି ବାବଦକୁ ଦେଇଥିବା ଜଣାପଡ଼ିଛି।

# ବିରୋଧୀ ଆଲୋଚନାରେ ଭାଗନେବା ହିଁ ଗଣତନ୍ତ୍ର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)**

- ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ଆଇନ ୨୦୨୫ ପାରିତ
- କାହା କଥାରେ କଂଗ୍ରେସ ସଦସ୍ୟଙ୍କ ବୁଦ୍ଧିରେ ରାହୁ, କେତୁ ଲାଗିଥିଲେ
- ୧୫୦ ଆଇଟମ୍ ଦର କମିଲା ପରେ କେତେ ହେଲା ତାଲିକା ମୁଖ୍ୟମନ୍ତ୍ରୀ ଦିଅନ୍ତୁ: ରଣେନ୍ଦ୍ର

ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ବୁଧବାର ଗୃହରେ ପାରିତ ହୋଇଯାଇଛି। ଏହି ବିଲ୍ ୨ ଦିନ ପୂର୍ବରୁ ଗୃହରେ ଆଗତ କରାଯାଇଥିଲା। ଏହା ଉପରେ ଅପରାହ୍ନ ୪ଟା ପରେ ଗୃହରେ ବିସ୍ତୃତ ଆଲୋଚନା ହୋଇଥିବାବେଳେ ଏଥିରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ସାମିଲ ହୋଇଥିଲେ। ଚଳିତ ମୌସୁମୀ ଅଧିବେଶନରେ ୭ଟି କାର୍ଯ୍ୟଦିବସ ଥିବାବେଳେ ୬ ଦିନ ଗୃହ ଚାଲି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ମୁଲତବୀ ଘୋଷଣା କରାଯାଇଛି। ଏହା ଭିତରୁ ୫ଦିନ ବିରୋଧୀ ଗୃହ କାର୍ଯ୍ୟରେ ପ୍ରାୟତଃ ଭାଗନେଇ ନ ଥିଲେ। ତେଣୁ ବିଲ୍ ଉପରେ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବକ୍ତବ୍ୟ ରଖିବା ସମୟରେ ବିରୋଧୀଙ୍କୁ ତାଚ୍ଛଲ୍ୟ କରି କାହିଁକି ଏତେଦିନ ଯାଏ ସେମାନେ ଗୃହ କାର୍ଯ୍ୟରେ ସାମିଲ ହେଉ ନ ଥିଲେ ବୋଲି ପ୍ରଶ୍ନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଏହା ହିଁ ଗଣତନ୍ତ୍ର। ଯଦି ପ୍ରଥମ ଦିନରୁ ବିରୋଧୀ ଆଲୋଚନାରେ ଭାଗ ନେଇଥାଆନ୍ତେ ତେବେ ସେମାନେ ଯାହା ଦାବି ରଖିଥାଆନ୍ତେ ସେ ତଥାସ୍ତୁ କରିଦେଇଥାଆନ୍ତେ। ଉଭୟ ଶାସକ, ବିରୋଧୀ ଏବଂ କଂଗ୍ରେସ ସଦସ୍ୟମାନେ ଏଠାରେ ଲୋକଙ୍କ ପାଇଁ ଲଢୁଛନ୍ତି। କଂଗ୍ରେସ ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିଥିବାରୁ ଧନ୍ୟବାଦ। ସେମାନଙ୍କ ବୁଦ୍ଧି ବିଳମ୍ବରେ ହେଲେ ମଧ୍ୟ ଉଦୟ ହୋଇଛି। କାହା କଥାରେ ସେମାନଙ୍କ ବୁଦ୍ଧିରେ ରାହୁ, କେତୁ ଲାଗିଯାଇଥିଲେ। ଯାହା ହେଉ ଶେଷରେ ସେମାନଙ୍କ ବୁଦ୍ଧି ଉଦୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଲ୍ ଉପରେ ଅଧିକ ଆଲୋଚନାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି କାଉନ୍‌ସିଲ ବୈଠକରେ ସବୁ ରାଜ୍ୟ ସାମିଲହୋଇ ଜିଏସ୍‌ଟି ସଂସ୍କାର ଉପରେ ଆଲୋଚନା ହୋଇଛି। ବିଧିର ବିଧାନ ହେଉଛି ଯାହା କେନ୍ଦ୍ର ସରକାର ଜିଏସ୍‌ଟି ଉପରେ ନିଷ୍ପତ୍ତି ନେବେ ତାକୁ ରାଜ୍ୟରେ ସମସ୍ତେ ଲାଗୁ କରାଇବା ଦରକାର। ଗତ ୮ ବର୍ଷ ତଳେ ଯେତେବେଳେ ଜିଏସ୍‌ଟି ଆସିଥିଲା, ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିଲା। ସେମାନେ ଏବେ ବିରୋଧୀ ଦଳରେ ବସିଛନ୍ତି। ସେହି ସମୟରେ ମଧ୍ୟ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ବ୍ୟବସ୍ଥାକୁ ରାଜ୍ୟରେ ଲାଗୁ କରାଇବାରେ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ଏବେ ଜିଏସ୍‌ଟିରେ ସଂସ୍କାର ଆସିବା ଯୋଗୁ ରାଜସ୍ୱ ଆଦାୟ କମିବ। ହେଲେ ବହୁ ବ୍ୟବସାୟୀ ଆଗକୁ ଜିଏସ୍‌ଟିରେ ପଞ୍ଜୀକରଣ କରିବେ। ବେପାର ବଢ଼ିବା ଯୋଗୁ ଜିଏସ୍‌ଟି ଆଦାୟ ବୃଦ୍ଧି ପାଇବ। ଜିଏସ୍‌ଟିରେ ସଂସ୍କାର ଆଣିବା ନିଷ୍ପତ୍ତି ନେବାକୁ କାହିଁକି ୮ ବର୍ଷ ଲାଗିଗଲା ବୋଲି ବିରୋଧୀ ପ୍ରଶ୍ନ କରୁଛନ୍ତି। ସେମାନଙ୍କୁ ଜଣାଇଦେବାକୁ ଚାହେଁ, ସମସ୍ତେ ଜିଏସ୍‌ଟିରେ ଅଭ୍ୟସ୍ତ ହୋଇଗଲେ। ଏଥିରେ ଷ୍ଟାବିଲାଇଜ ମଧ୍ୟ ଆସିଗଲା। ତେଣୁ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ଲାଭ ଦେବା ପାଇଁ ଜିଏସ୍‌ଟିରେ ସଂସ୍କାର ଆସିଲା। ଯାହା ବର୍ତ୍ତମାନ ରାଜସ୍ୱରେ ହାନି ଘଟିବ, ତାହା କୋଇଲାରୁ ଭରଣା କରାଯାଇପାରିବ। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଆଦାୟ ୫ ପ୍ରତିଶତକୁ ଖସିଲା ଅର୍ଥାତ୍ ଶୂନ କାହିଁକି ହେଲାନାହିଁ ବୋଲି ବିରୋଧୀ ପ୍ରଶ୍ନ କରିଥିଲେ। ସେମାନଙ୍କୁ ଜଣାଇଦେବାକୁ ଚାହଁ, ଆମେ ସମସ୍ତେ ଚାହୁଁଛେ ନିଶା କାରବାର କମୁ। ରାଜ୍ୟରେ ନିଶା କାରବାର ନ ବଢୁ। କେନ୍ଦୁପତ୍ରରୁ ବିଡି ତିଆରି ହେଉଛି। ଯଦି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଆଦାୟ ଶୂନ ହୋଇଯିବ ତେବେ ରାଜ୍ୟରେ ବିଡି ପ୍ରସ୍ତୁତ ଏବଂ ବ୍ୟବହାର ବଢ଼ିଯିବ। ତେଣୁ ଏହା ଉପରେ ୫ ପ୍ରତିଶତ ଜିଏସ୍‌ଟି ରଖାଗଲା ବୋଲି ସେ କହିଛନ୍ତି।

ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଲୋଚନାରେ ଭାଗନେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଗୃହରେ ଗୋଟିଏ କଥା ସ୍ୱଷ୍ଟକରିଛନ୍ତି କେନ୍ଦ୍ର ସରକାର ଯାହା ଜିଏସ୍‌ଟି ଉପରେ ନିଷ୍ପତ୍ତି ନେବେ ରାଜ୍ୟ ସରକାର ତାହା ଲାଗୁ କରିବାକୁ ଏକ ପ୍ରକାର ବାଧ୍ୟ। ତେବେ ଯେଉଁ ୧୫୦ଟି ଆଇଟମ୍‌ରେ ଜିଏସ୍‌ଟି ସଂସ୍କାର କାରଣରୁ ଦର ହ୍ରାସ ପାଇବ ତା'ର ତାଲିକା ଗୃହରେ ଉପସ୍ଥାପନ କରନ୍ତୁ। ସେହି ୧୫୦ଟି ଆଇଟମ୍ କେତେ ଦର ଥିଲା, ଏବେ କମିଲା ପରେ କେତେ ଟଙ୍କା ହେଲା ତା'ର ତାଲିକା ଗୃହରେ ଉପସ୍ଥାପନ କରାନ୍ତୁ ଏବଂ ବ୍ଲକ୍‌ସ୍ତରରେ ଯାଇ ଲଗାନ୍ତୁ। ସାଧାରଣ ଲୋକ ଏହା ଜାଣିବା ଦରକାର। ନ ହେଲେ ଦର କମିଲା ପରେ କେଉଁ ଜିନିଷ କେତେ ଟଙ୍କା ହେଲା କେମିତି ସେମାନେ ଜାଣିବେ। ଆଉ ୫୫ତମ ଜିଏସ୍‌ଟି କାଉନସିଲରେ ଏହା ଉପରେ ଆଲୋଚନା ହେବା ସମୟରେ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ପ୍ରତିନିଧି କ'ଣ ପ୍ରସ୍ତାବ ଦେଇଛନ୍ତି, ସେକଥା ଗୃହରେ ଜଣାନ୍ତୁ ବୋଲି ରଣେନ୍ଦ୍ର କହଛନ୍ତି।

# ଖୋଲିବ ଅପର୍ଣ୍ଣାଙ୍କ ହତ୍ୟା ରହସ୍ୟ

## ମୁଲତବୀ ଆଲୋଚନା ବେଳେ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)**

- ୭%ରୁ ଅଧିକ ହାରରେ ବଢୁଛି ଅପରାଧ: ବିଜେଡି
- ବିରୋଧୀ ନୀଳ ଚଷମା ପିନ୍ଧିଛନ୍ତି: ଆଇନ ମନ୍ତ୍ରୀ

ଓଡ଼ିଶା ଏବେ ଏକ ଅପରାଧପ୍ରବଣ ରାଜ୍ୟ ରୂପେ ପରିଗଣିତ ହେଉଛି। ରାଜ୍ୟରେ ମହିଳା ଅସୁରକ୍ଷିତ ଥିବାବେଳେ ରାଜଧାନୀରେ ମଧ୍ୟ ମହିଳା ପୋଲିସ ସୁରକ୍ଷିତ ନାହାନ୍ତି। ରାଜ୍ୟରେ ଅପରାଧ ୭.୧% ହାରରେ ବଢୁଛି ବୋଲି କହି ବିରୋଧୀ ବିଜେଡି ଗୃହରେ ମୁଲତବୀ ଆଲୋଚନାବେଳେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ପୂର୍ବ ସରକାର ସମୟରେ ବେବିନା,ଇତିଶ୍ରୀଠାରୁ ସନ୍ଥଙ୍କ ପର୍ଯ୍ୟନ୍ତ ବହୁ ହତ୍ୟା ହୋଇଛି। ସେତେବେଳେ ସେସବୁ ଠିକ୍ ଥିଲା, ଏବେ ସବୁ ଏହା ଅପରାଧ। ବିରୋଧୀମାନେ ନୀଳ ଚଷମା ପିନ୍ଧିଥିବାରୁ ସେମାନଙ୍କୁ ସବୁ ନୀଳ ଦେଖାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

ବୁଧବାର 'ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ହତ୍ୟା, ଅପରାଧ ରାଜଧାନୀରେ, ଶବ ଜବତ ହେଲା ଘଟଗାଁରେ' ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭକରି ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ କହିଥିଲେ, କମିଶନରେଟ୍ ପୋଲିସର କନ୍‌ଷ୍ଟେବଲ ଶୁଭମିତ୍ରା ଅନ୍ୟକୁ ସୁରକ୍ଷା ଦେବେ କ'ଣ ନିଜେ ହତ୍ୟାର ଶିକାର ହେଲେ। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପାଇଁ ସରକାରୀ ବ୍ୟବସ୍ଥା ଦାୟୀ। ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଇଜି ସାଇନି ଛୁଟିରେ ଯିବା ପଛର କାରଣ କ'ଣ? ଏହାପଛରେ ସରକାରୀ ଦଳର କେତେଜଣ ନେତାଙ୍କ ପ୍ରଚ୍ଛନ୍ନ ହାତ ରହିଛି ବୋଲି ଗୌତମବୁଦ୍ଧ କହିଥିଲେ। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁ କହିଥିଲେ, ମୋ ନିର୍ବାଚନମଣ୍ଡଳୀରେ ଜଣେ ଝିଅ ନିର୍ଯାତନାର ଶିକାର ହୋଇ ପୋଲିସଠାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କଲେ। ସେହିପରି ବିଜେଡି ସଦସ୍ୟା ସୁବାସିନୀ ଜେନା କହିଲେ, ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ସାଇବର ଅପରାଧରେ ଓଡ଼ିଶାର ମହିଳାମାନେ ଦେଶରେ ସର୍ବାଧିକ ପୀଡ଼ିତା। ଓଡ଼ିଶା ମହିଳା ଚାଲାଣରେ ମଧ୍ୟ ଶୀର୍ଷରେ ବୋଲି ସେ କହିଥିଲେ।

ସରକାରୀ ଦଳ ପକ୍ଷରୁ ସଦସ୍ୟ ବାବୁ ସିଂ କହିଥିଲେ, ଅପରାଧୀର କୌଣସି ଦଳ କିମ୍ବା ଜାତି ନ ଥାଏ। ଇତିଶ୍ରୀଠାରୁ ମମିତା ମେହେର ଘଟଣା ପର୍ଯ୍ୟନ୍ତ ପୋଲିସ ଉପରେ କିଏ ଚାପ ପକାଉଥିଲା। ବିଜେଡି ସଭ୍ୟମାନେ ଏବେ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ଆଗରୁ କେଉଁଠି ଥିଲେ ବୋଲି ସିଂ ପ୍ରଶ୍ନ କରିଥିଲେ। ସଦସ୍ୟ ସନ୍ତୋଷ ଖଟୁଆ ଏଫ୍‌ଏମ୍ କଲେଜରେ ସମୀର ସାହୁଙ୍କୁ ବିଭାଗୀୟ ମୁଖ୍ୟ କିଏ କରିଥିଲା କହି ବିରୋଧୀଙ୍କୁ ଟାର୍ଗେଟ କରିଥିବାବେଳେ ଭାଜପା ସଭ୍ୟ ଇରାଶିଷ୍ ଆଚାର୍ଯ୍ୟ କହିଲେ, ଏବେ ରାଜ୍ୟରେ ଅପରାଧ କମିଛି। ଅପରାଧୀଙ୍କୁ ତୁରନ୍ତ ଧରାଯାଉଛି। ସଭ୍ୟ ପଦ୍ମଲୋଚନ ପଣ୍ଡା ଆଇଏଫ୍‌ଏସ୍ ଅଫିସର ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ ଉଠାଇ ବିରୋଧୀଙ୍କ ଉପରେ ବର୍ଷିଥିଲେ।

ଶେଷରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ପୋଲିସ କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲାରେ ଅଭିଯୁକ୍ତ ଦୀପକ ରାଉତ ନିଜ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ୨୦୨୨ ମସିହାରେ ବୀମା ଟଙ୍କା ହଡ଼ପ କରିବାକୁ ହତ୍ୟା କରିଥିଲେ। ଟ୍ରକ୍ ଧକ୍କାରେ ଅପର୍ଣ୍ଣାଙ୍କ ମୃତ୍ୟୁ ବୋଲି ଦର୍ଶାଯାଇଥିଲା। ମାତ୍ର ଟ୍ରକ୍‌ଟି ସେଦିନ ରାଉରକେଲାରେ ଥିଲା। ତେଣୁ ଅପର୍ଣ୍ଣାଙ୍କ ହତ୍ୟା କାହିଁକି ହୋଇଥିଲା ଏବଂ କାହା ସ୍ୱାର୍ଥରେ ଏ ହତ୍ୟାକୁ ଲୁଚାଇ ଦିଆଯାଇଥିଲା। ଏସବୁର ରହସ୍ୟ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଖୋଲିବ ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀ ହରିଚନ୍ଦନ କହିଥିଲେ, ରାଜ୍ୟ ସରକାର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ବେଶ୍ ଗମ୍ଭୀରତା ଓ ଦକ୍ଷତାର ସହ ପଦକ୍ଷେପ ନେଉଛନ୍ତି। ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ମାମଲାରେ ସରକାର ତ୍ୱରିତ୍ ପଦକ୍ଷେପ ନେଇଛନ୍ତି। ଏପର୍ଯ୍ୟନ୍ତ ଯେତେ ଘଟଣା ଘଟିଛି, ଦୁଇ ତିନିଦିନ ଭିତରେ ଆସାମୀଙ୍କୁ ଗିରଫ କରାଯାଇଛି। ଏଥିସହ ସେ କହିଥିଲେ, ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଏ ଶତାବ୍ଦୀର ବଡ଼ ହତ୍ୟାକାଣ୍ଡ। ଜଣେ ସନ୍ଥଙ୍କୁ ୭ଟି ଗୁଳିମାରି ହତ୍ୟା କରାଯାଇଥିଲା। ତେବେ କିଏ ଏବଂ କାହା ପ୍ରରୋଚନାରେ ହତ୍ୟା କରିଥିଲା, ବିଜେଡି ଗୃହରେ ଏହା ସ୍ୱଷ୍ଟ କରୁ। ତେବେ ଆମ ସରକାର ଆସିବା ପରେ ପୂର୍ବ ତୁଳନାରେ ବଳାତ୍କାର ମାମଲା ସ୍ଥିର ଅଛି। ଯୌନ ନିର୍ଯାତନା, ମହିଳା ଚାଲାଣ, ଯୌତୁକ ନିର୍ଯାତନା ଓ ଯୌତୁକ ହତ୍ୟା ଭଳି ମାମଲା କମିଛି। ହତ୍ୟା, ଡକାୟତି, ଦଙ୍ଗା ଓ ଲୁଟ୍ ମାମଲା କମିଛି। ମହିଳା ଅପରାଧର ତ୍ୱରିତ୍ ତଦନ୍ତ ପାଇଁ ୨୯ଟି ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା କାର୍ଯ୍ୟ କରୁଛି। ରାଜ୍ୟର ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ୭୧ଟି ଶିଶୁ ଅନୁକୂଳ ଥାନା ପ୍ରତିଷ୍ଠା କରାଯାଇଛି। ୪୧୯୫ ନୂଆ ପଦବୀ ସୃଷ୍ଟି ସହ ଥାନାର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ରାଜ୍ୟରେ ଅପରାଧ କମାଇବାକୁ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ସଦସ୍ୟମାନେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶକରି କକ୍ଷ ତ୍ୟାଗ କରିଥିଲେ।




# ପ୍ରଶ୍ନ ଏବର, ଉତ୍ତର ପୂର୍ବର

**ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)**

ରାଜ୍ୟରେ ଧାନ ସଂଗ୍ରହକୁ ନେଇ ବୁଧବାର ପ୍ରଶ୍ନକାଳରେ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା। ପ୍ରଶ୍ନକର୍ତ୍ତା ବିଜେଡି ବିଧାୟକ ପ୍ରତାପ ଦେବ ୨୦୨୪-୨୫ ବର୍ଷର ଧାନ ସଂଗ୍ରହ ତଥ୍ୟ ଜାଣିବାକୁ ଚାହିଁଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୨୦୨୩-୨୪ ଆର୍ଥିକ ବର୍ଷର ଖରିଫ୍ ଏବଂ ୨୦୨୪-୨୫ ବର୍ଷର ରବିଧାନ ସଂଗ୍ରହ ତଥ୍ୟ ରଖିଥିଲେ। ଏହାକୁ ନେଇ କିଛି ସମୟ ମନ୍ତ୍ରୀ ଓ ବିଧାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଧାୟକ ସ୍ୱଷ୍ଟ କରିଥିଲେ ଯେ, ୨୦୨୪-୨୫ ବର୍ଷରେ ସରକାର କେତେ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲେ ଏବଂ କେତେ ପୂରଣ ହେଲା? କ୍ରୟ ଧାନରୁ କେତେ ଚାଉଳ ହୋଇଛି? ମନ୍ତ୍ରୀ କହିଥିଲେ, ଉକ୍ତ ବର୍ଷ ରବିରେ ୧୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ପୁନର୍ବାର ବିଧାୟକ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ କହିଥିଲେ, ଗତବର୍ଷ ୯୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉଭୟ ଖରିଫ ଓ ରବି ଋତୁରେ ସଂଗ୍ରହ ହୋଇଥିଲା। ସେଥିରୁ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ହୋଇଥିବାବେଳେ ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଏଫ୍‌ସିଆଇ ଉଠାଣକୁ ମିଶାଇ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠିଛି। ହେଲେ ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହାକୁ ଏଫ୍‌ସିଆଇ କିଣିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କିଛି ଉତ୍ତର ମିଳିନାହିଁ। ଯଦି କେନ୍ଦ୍ର କୌଣସି ସ୍ୱଷ୍ଟ ନ କରେ ତେବେ ରାଜ୍ୟ ସରକାର ଏହାକୁ ଅକ୍ସନ କରି ବିକିବେ। ବିଧାୟକ ପୁଣି କହିଥିଲେ, ଆମ ସରକାର ଥିବା ସମୟରେ ବର୍ତ୍ତମାନର ସଂସଦୀୟ ବ୍ୟାପାର ମନ୍ତ୍ରୀ ବଳକା ଚାଉଳ କେଉଁଠି ରଖୁଛ ପ୍ରଶ୍ନ କରି ରଖେଇଥୋଇ ଦେଉ ନ ଥିଲେ। ଏବେ ତୁମେ ସରକାରରେ ଅଛ, ସ୍ୱଷ୍ଟ କର। ମନ୍ତ୍ରୀ ଉତ୍ତରରେ କହିଥିଲେ, ମିଲର୍ସମାନଙ୍କ ପାଖରେ ବଳକା ଚାଉଳ ରହିଛି। ତାହାକୁ ନିର୍ଦ୍ଦିଷ୍ଟ ଅକ୍ସନ କରାଯାଇ ବିକ୍ରି କରାଯିବ। କେନ୍ଦ୍ର ସରକାରଙ୍କ ଉପରେ ଚାଉଳ ବାବଦକୁ ବକେୟା ଥିବା ୧୦ହଜାର କୋଟି ମଧ୍ୟରୁ ୨ହଜାର କୋଟି ଟଙ୍କା ମିଳିଥିବାନେଇ ମନ୍ତ୍ରୀ ଗୃହକୁ ଜଣାଇଥିଲେ।

# ଆଜିଠାରୁ ବଡ଼ ବର୍ଷା

**ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଇଦିନ ହେଲା ବର୍ଷା ପରିମାଣ କମିଥିଲେ ମଧ୍ୟ ଗୁରୁବାରଠାରୁ ବଡ଼ ବର୍ଷାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗୁରୁବାର କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ୨୬ ତାରିଖ ସୁଦ୍ଧା ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ୨୭ ତାରିଖ ସୁଦ୍ଧା ଏହା ଦକ୍ଷିଣ ଓଡିଶା ଏବଂ ଉତ୍ତର ଆନ୍ଧ୍ର ଅତିକ୍ରମ କରିବ। ଏହା ପ୍ରଭାବରେ ଗୁରୁବାରଠାରୁ ରାଜ୍ୟରେ ପ୍ରବଳ ବର୍ଷିବ। ଏନେଇ କୋରାପୁଟ, ନବରଙ୍ଗପୁର ଏବଂ ନୂଆପଡା ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏଥିସହ ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ମଧ୍ୟ ବର୍ଷା ହେବ। ସମୁଦ୍ର ଅଶାନ୍ତ ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।






ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ । –ଶ୍ରୀମା

# ଭାବନାର ବାସ୍ତବତା



ଦେବଦତ୍ତ ପଟ୍ଟନାୟକ

ନାରଦ କହିଲେ, ଯିଏ ପୃଥିବୀ ଚାରିପାଖରେ ବୁଲି ଆସିବ ତା'ପାଇଁ ମୁଁ ଗୋଟିଏ ଆମ୍ବ ରଖିଛି। କାର୍ତ୍ତିକେୟ ତତ୍‌କ୍ଷଣାତ ଡେଇଁପଡ଼ି ମୟୂର ଉପରେ ବସିପଡ଼ିଲେ ଏବଂ ପୃଥିବୀ ଚାରିପାଖରେ ଉଡ଼ିବୁଲିଲେ। ଗଣେଶ ତାଙ୍କ ମାତାପିତାଙ୍କ ଚାରିପାଖରେ ଚାଲିକରି ବୁଲି ଆସି ନିଜକୁ ବିଜୟୀ ଘୋଷଣା କଲେ। ଗଣେଶ ଯୁକ୍ତି କଲେ ଯେ ତାଙ୍କ ମାତାପିତା ହେଉଛନ୍ତି ତାଙ୍କ ପାଇଁ ପୃଥିବୀ। ଏଣୁ ସେ 'ତାଙ୍କ' ପୃଥିବୀ ଚାରିପାଖରେ ବୁଲିଆସିଲେ, 'ଜାଗତିକ' ପୃଥିବୀ ଚାରିପାଖରେ ନୁହେଁ। ନାରଦ କେଉଁ ପୃଥିବୀ ସମ୍ପର୍କରେ କହିଥିଲେ, ତାହା ସ୍ପଷ୍ଟ କରି ନ ଥିଲେ। ମନ ବାହାରେ ଥିବା ବାହ୍ୟ ବା ପାର୍ଥିବ ପୃଥିବୀ (ଆମେ ସମସ୍ତେ ଯେଉଁ ପୃଥିବୀରେ ରହୁଛୁ) କିମ୍ବା ଆମ ମନସିକ ସ୍ତରରେ ଥିବା ଅନ୍ତର୍ନିହିତ ପୃଥିବୀ ବିଷୟରେ ନାରଦ ଦର୍ଶାଇ ନ ଥିଲେ। ପୃଥିବୀ ତୁଳନାରେ ଆମେ ମାତାପିତାଙ୍କୁ କେତେ ବେଶି ଭଲ ପାଉଛୁ, ଏହି କାହାଣୀ ସେ ସମ୍ପର୍କରେ ନୁହେଁ। ଏହା ହେଉଛି ଏକ କାହାଣୀ ଯାହା ଆକଳନୀୟ ପାର୍ଥିବ ପୃଥିବୀ ଏବଂ ଅମାପ ମାନସିକ ପୃଥିବୀ ମଧ୍ୟରେ ଥିବା ପ୍ରଭେଦକୁ ସୂଚିତ କରୁଛି।

ହିନ୍ଦୁ ଆତ୍ମତତ୍ତ୍ୱ ସିଦ୍ଧାନ୍ତରେ କୁହାଯାଇଛି ଯେ ଭାବନାଠାରୁ ପ୍ରକୃତି ଭିନ୍ନ। ପ୍ରକୃତି ହେଉଛି ମଣିଷ ମନ ବାହାରେ ଥିବା ବସ୍ତୁବାଦୀ ବାହ୍ୟ ସତ୍ତାର ବାସ୍ତବତା। ମଣିଷର ଭାବନା ହେଉଛି ପୁରୁଷ। ଏହା ପ୍ରତ୍ୟେକ ମଣିଷ ମନରେ ଥିବା ଅନ୍ତର୍ନିହିତ ଜ୍ଞାନ ସିଦ୍ଧାନ୍ତର ବାସ୍ତବତା। ଲୋକେ ବହୁ ସମୟରେ ଭାବନା ପାଇଁ ଚେତନା ଓ ଆତ୍ମା ଭଳି ଜଟିଳ ଶବ୍ଦ ବ୍ୟବହାର କରିଥାନ୍ତି। ଭାବନା ରହିଛି, କିନ୍ତୁ ତାହାକୁ ମାପି ହେବ ନାହିଁ କି ନିୟନ୍ତ୍ରଣ କରିହେବ ନାହିଁ କିମ୍ବା ତା' ବିଷୟରେ ଆକଳନ ମଧ୍ୟ କରିହେବ ନାହିଁ। ଏହା ହେଉଛି ସେହି ଭାବନା, ଯାହା ମଣିଷକୁ ପ୍ରାଣୀ ଓ ଉଦ୍ଭିଦଠାରୁ ପୃଥକ୍ କରିଛି।

ମାନବୀୟ ଜିଜ୍ଞାସରୁ ସୃଷ୍ଟି ହୁଏ ମୂଲ୍ୟାଙ୍କନ, ପରୀକ୍ଷଣ ଏବଂ ଗାଣିତିକ ସମୀକରଣ, ଯାହା ପ୍ରକୃତିକୁ ଜୟ କରିବାକୁ ମଣିଷକୁ ଶକ୍ତି ଦେଇଥାଏ। ମଣିଷର ଡେଣା, ଲାଞ୍ଜ କିମ୍ବା ପଞ୍ଝା ନ ଥିଲେ ବି ଏହିସବୁ ବିଷୟ ତାହାକୁ ସୃଷ୍ଟିରେ ଭିନ୍ନ କରିଛି। ଫଳରେ ପୃଥିବୀରେ ପ୍ରାଧାନ୍ୟ ବଢ଼ାଇବାକୁ ଆମେ ସକ୍ଷମ ହୋଇଛୁ। ସେଥିପାଇଁ ଆମେ ବିଭିନ୍ନ ଯାନ୍ତ୍ରିକ ଉପକରଣ ଓ ପ୍ରଯୁକ୍ତି ସୃଷ୍ଟି କରୁଛୁ, ଯାହା ଗୃହସ୍ଥ ମଣିଷ ମନକୁ ନିୟନ୍ତ୍ରଣ ଓ ପ୍ରଭାବିତ କରିପାରୁଛି।



ମୂଳତଃ ମଣିଷ ହେଉଛି ସାମାଜିକ ପ୍ରାଣୀ। ତାହାର ଭୋକ, ଭୟ ଅଛି। ଆମେ ଖାଦ୍ୟ, ସୁରକ୍ଷା ଓ ସାଥୀ ଚାହୁଁ। ଆମେ ପ୍ରାଣୀମାନଙ୍କ ଭଳି ପ୍ରତିଯୋଗିତା କରୁ, ସହଯୋଗ କରୁ, ବଂଶବୃଦ୍ଧି କରିପାରୁ। ଆମେ ମିତ୍ର ଚାହୁଁ ଏବଂ ଶତ୍ରୁଠାରୁ ଦୂରେଇ ରହୁ। ଆମେ ମରଣଶୀଳ ବୋଲି ସ୍ପଷ୍ଟ ଭାବେ ସଚେତନ। ତେବେ ଆମେ ପୃଥିବୀକୁ ଯେଉଁଭଳି ଦେଖୁ ସେହି ଅନୁସାରେ ଆମ ଭାବନାରେ ପରିବର୍ତ୍ତନ ଆସିଥାଏ। ଆମର ଦୁଇ ପ୍ରକାର କ୍ଷୁଧା ବା କାମନା ଅଛି। ପ୍ରଥମଟି ଶାରୀରିକ କ୍ଷୁଧା, ଯାହା ଦ୍ୱାରା ଆମେ ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସୁରକ୍ଷା ଏବଂ ଆରାମ ଆବଶ୍ୟକ କରୁ। ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବାକୁ ଚାହୁଁ। ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହା ଅଛି। ଅନ୍ୟଟି ହେଉଛି ମାନସିକ କ୍ଷୁଧା; ଯେଉଁଥିରେ ଆମେ ମନୋରଞ୍ଜନ, ଆକର୍ଷଣ, ପ୍ରଭାବ, ସଫଳତା, ସ୍ୱାଧୀନତା ଚାହିଁଥାଉ, ଯାହା ପ୍ରାଣୀଙ୍କଠାରେ ନାହିଁ। ଭାବନା ଆମ କ୍ଷୁଧା ଓ ଭୟକୁ ବଢ଼ାଇଦେଇଥାଏ, ଏପରିକି ଆମେ ଅସୀମ କ୍ଷୁଧା ଓ ଭୟର ଏକ ବିଶ୍ୱ କଳ୍ପନା କରିପାରୁ ।

ଏହାସହ ଅସୀମ ଖାଦ୍ୟ ଓ ଅସୀମ ସୁରକ୍ଷାର ବିଶ୍ୱ କଥା ମଧ୍ୟ ଭାବିପାରୁ। ଗ୍ରୀକ୍ ପୁରାଣ ବର୍ଣ୍ଣିତ ସ୍ୱର୍ଗରେ ଅସୀମ ଖାଦ୍ୟ ଓ ସୁରକ୍ଷାର ପ୍ରତୀକ ହେଉଛି ଶିଙ୍ଗ ଆକୃତିର ଅକ୍ଷୟ ପାତ୍ର, ଯେଉଁଥିରୁ ସବୁବେଳେ ଖାଦ୍ୟ ବାହାରିଥାଏ। ଏହା ହେଉଛି ଐଶ୍ୱରୀୟ ତଥା ଆନନ୍ଦଦାୟକ ଖାଦ୍ୟ, ଯାହା ଗ୍ରୀକ୍ ଦେବଗଣଙ୍କୁ ସବୁ ସମୟରେ ସୁସ୍ଥ, ଶକ୍ତିଶାଳୀ ଓ ଯୁବାସ୍ଥାରେ ରଖିଥାଏ।

ପ୍ରାଣୀମାନେ ଖାଦ୍ୟ ଶିକାର ଓ ନିଜକୁ ସୁରକ୍ଷିତ ରଖିବା ପାଇଁ ସରଳ ଉପକରଣ ଗଢ଼ିଥାନ୍ତି କିମ୍ବା ଉପାୟ ଆପଣାଇଥାନ୍ତି। କିନ୍ତୁ ମଣିଷ ତାହାର ଭାବନା ବା ଜିଜ୍ଞାସା ବଳରେ ଜଟିଳ ଉପକରଣ ସବୁ ତିଆରି କରିଥାଏ। ଏହାକୁ ଆମେ ବ୍ୟବହାର କରି ଭଲ ଶିକାରୀ, କୃଷକ କିମ୍ବା ପଶୁପାଳକ ହୋଇପାରିଛୁ। ଘର, ଖାଦ୍ୟ ଭଣ୍ଡାର, ପୋଷାକ ଆଦି ତିଆରି କରିବା ପାଇଁ ଏହାକୁ ଆମେ ବ୍ୟବହାର କରୁଛୁ। ଏଣୁ ମଣିଷ ପାହାଡ଼ ଉପରେ, ସମୁଦ୍ର ଉପକୂଳରେ, ଜଙ୍ଗଲ ଓ ମରୁଭୂମିରେ, ଥଣ୍ଡା ଏବଂ ଉତ୍ତପ୍ତ ଅଞ୍ଚଳ ଭଳି ସବୁପ୍ରକାର ପରିବେଶରେ ବଞ୍ଚିବାକୁ ସକ୍ଷମ ହେଉଛି। ଆମେ ପଥର, ଧାତବ, କାଠ, ଅସ୍ଥିର ବୃହତ, କ୍ଷୁଦ୍ର ତଥା ସୂକ୍ଷ୍ମ ଜିନିଷ ତିଆରି କରିଥିଲୁ। ପାଣି, ତାପ ଓ ପବନରୁ କିଭଳି ମଧ୍ୟ ଶକ୍ତି ବାହାରିବ ସେଥିରେ ଆମେ ସଫଳ ହୋଇପାରିଲୁ। ଆମେ ନିଆଁ, ପାଣି ଓ ପବନକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବା ସହ ଗଛ କେମିତି ବଢ଼ିବ, ଗୃହପାଳିତ ପ୍ରାଣୀଙ୍କୁ କିଭଳି ପାଳନ କରାଯିବ ସେଥିରେ ଜ୍ଞାନ ହାସଲ କରି ସଫଳତା ପାଇଲୁ। ଏଥିପାଇଁ ଏକ ସଂସ୍କୃତି ସାମ୍ନାକୁ ଆସିଲା। ଭାବନା ସହିତ ଜିଜ୍ଞାସାର ପରିପ୍ରକାଶ ଘଟିଲା। ଏହା ସହ ଆମେ ଯାହା ଭାବିଲୁ ତାହାକୁ ଅନୁଭବ କରିବାକୁ ସକ୍ଷମ ହୋଇପାରିଲୁ।

ଆମେ ସଂଘବଦ୍ଧ ଶିକାରୀ ପ୍ରବୃତ୍ତିରୁ ବାହାରି କୃଷକ ଓ ପଶୁପାଳକର ଜୀବନ ଧାରାକୁ ବୁଝିଲୁ ଓ ଆପଣାଇଲୁ । ପ୍ରକୃତି ଓ ଗୃହପାଳିତ ପ୍ରାଣୀଙ୍କୁ ନିୟନ୍ତ୍ରଣ କରିପାରିଲୁ। ଚାଷଜମି ଓ ବଗିଚା ସୃଷ୍ଟି କରି ଅଧିକ ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେଲୁ। ଅନ୍ୟମାନଙ୍କ କ୍ଷୁଧା ସମ୍ପର୍କରେ ଭାବିଲୁ ଏବଂ ବଜାରର ପରିକଳ୍ପନା କରିବାକୁ ସକ୍ଷମ ହେଲୁ, ଯେଉଁଠାରେ ଜିନିଷଗୁଡ଼ିକ ବିକ୍ରି ଖର୍ଦ୍ଦି ହେବା ସହ ସେବା ଓ ବିଚାରର ଆଦାନ ପ୍ରଦାନ ହୋଇପାରିଲା। ଏକ ନୂଆ ବିଶ୍ୱ ପରିକଳ୍ପନା, ଶବ୍ଦର ଆଦାନ ପ୍ରଦାନ, ଭାଷା ଆବିଷ୍କାର ଏବଂ ଲେଖା ମାଧ୍ୟମରେ ଯୋଗାଯୋଗ କ୍ଷମତା ମଣିଷକୁ ସ୍ୱତନ୍ତ୍ର କରିଛି।

ଯଦିଓ ଆମ ମାନସିକ ସ୍ତରରେ ଏକ ବିଶ୍ୱ କଥା ଭାବିବାରୁ ଆମ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟକୁ ସ୍ୱୀକାର କରୁଥିବା କଥାଗୁଡ଼ିକ ଉପରେ ଗଭୀର ବିଚାରକଲୁ। ଆମେ ମୃତ୍ୟୁ ପରେ କ'ଣ ଘଟେ ସେ ସମ୍ପର୍କରେ ଚିନ୍ତାକଲୁ, ଯାହା ଆମକୁ ସମାଧି ଓ ସ୍ମାରକସବୁ ନିର୍ମାଣ କରିବାକୁ ପ୍ରେରିତ କଲା। ଏହିପରି ଭାବରେ ଆମ ଭାବନା ମଧ୍ୟ କୃଷି, ଶିଳ୍ପ ଓ ଡିଜିଟାଲ ବିପ୍ଳବ ଆଣିବାରେ ସକ୍ଷମ ହେଲା । ଆମେ ଯେଉଁ ଦୁନିଆ ନିର୍ମାଣ କରୁଛୁ ସେଥିରେ ଆମର ସ୍ଥିତିକୁ ବ୍ୟାଖ୍ୟା କରିବା ପାଇଁ ସେହି ସମାନ ଭାବନା ମଧ୍ୟ ମଣିଷକୁ ସାହିତ୍ୟ, ସଙ୍ଗୀତ, ନାଟକ ରଚନା କରିବା ସକାଶେ ସକ୍ଷମ କରାଇଛି।

–devduttofficial@gmail.com

# ସଂହତି ଚିନ୍ତା



ଈପ୍ସିତା ମହାନ୍ତି

ନିକଟରେ ଉତ୍ତରପ୍ରଦେଶ ସମ୍ଭଲର ଶାହି ଜାମା ମସ୍‌ଜିଦ ଏବଂ ରାଜସ୍ଥାନର ଅଜମେର ଶରିଫ ଭଳି ଉପାସନା ପୀଠ ସହ ଜଡ଼ିତ ବିବାଦପୂର୍ଣ୍ଣ ବିଷୟକୁ ସମ୍ବୋଧିତ କରି (ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ ଧାର୍ମିକ ସ୍ଥାନରେ ବିବାଦ ସୃଷ୍ଟି ହେବା ଭାରତର ଏକତା ପ୍ରତି ବିପଦ। ସେ ମଧ୍ୟ କହିଥିଲେ ଯେ ବିଭିନ୍ନ ଧର୍ମାବଲମ୍ବୀ ଏବଂ ବିଚାରଧାରା କିପରି ଏକାଠି ଅବସ୍ଥାନ କରିପାରିବେ ଭାରତକୁ ତାହାର ଏକ ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ। ଦେଖିବାକୁ ଗଲେ ଏକଦା ଶିକ୍ଷା ଗ୍ରହଣ ପାଇଁ ପୃଥିବୀର କୋଣଅନୁକୋଣରୁ ଭାରତକୁ ଶିକ୍ଷାର୍ଥୀଙ୍କ ସୁଅ ଛୁଟୁଥିଲା। ଭାରତୀୟଙ୍କ ମଧ୍ୟରେ ଏକତା ନଷ୍ଟ ହେତୁ ସମୟକ୍ରମେ ମୋଗଲ, ଫରାସୀ, ଡଚ୍, ଇଂରେଜ ଆଦି ଜାତି ଆମକୁ କେବଳ ବହୁବର୍ଷ ଧରି ଶାସନ କଲେ ନାହିଁ ବରଂ ଆମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିଚାଲିଲେ।

ବହୁ ସମୟରେ ସମ୍ପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ନୂତନ ବିବାଦ ସୃଷ୍ଟି କରାଯାଉଛି। ଏହା ଏକ ଚିନ୍ତାଜନକ ବିଷୟ। ଏହି ପ୍ରସଙ୍ଗଗୁଡ଼ିକ ଦ୍ରୁତ ଗତିରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରି ବିଶ୍ୱ ସ୍ତରରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀସମୂହ ଧାର୍ମିକ ମତଭେଦରୁ ଲାଭ ଉଠେଇବାକୁ ଆଗ୍ରହ ରଖୁଛନ୍ତି , ଯେଉଁଥିରୁ ଦୂରେଇ ରହିବା ଉଚିତ। କାରଣ ଏଭଳି କାର୍ଯ୍ୟ ରାଷ୍ଟ୍ରୀୟ ସଂହତିକୁ ଦୁର୍ବଳ କରିଦିଏ। ସାମାଜିକ ଉତ୍ତେଜନା ଓ ବିଭାଜନତା ହ୍ରାସ ପାଇଁ ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ ଅନ୍ତର୍ଭୁକ୍ତତା ଜରୁରୀ।

ଭାରତର ପାରମ୍ପରିକ ଅତୀତ ଉଗ୍ରବାଦ, ଆକ୍ରମକତା, ବହୁସଂଖ୍ୟକବାଦ ଏବଂ ଅନ୍ୟମାନଙ୍କ ପ୍ରତି ଅପମାନଜନକ ଦୃଷ୍ଟିକୋଣର ଅଭିବ୍ୟକ୍ତିକୁ ନିଜ ଅଧୀନ କରିଛି। ଆମକୁ ଭାରତର ସହନଶୀଳ ଅତୀତରୁ ନିଷ୍କର୍ଷ ବାହାର କରିବାକୁ ହେବ। ଉଭୟ ସଂଖ୍ୟାଗରିଷ୍ଠ ଏବଂ ସଂଖ୍ୟାଲଘୁଙ୍କ ଏକତାର ଆଧାର ଉପରେ ଭାରତର ପରିଚୟ ଦଣ୍ଡାୟମାନ। ସଭିଏ ଭାରତର ଏକତାର ଶକ୍ତିକୁ ଅନୁଭବ କଲେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ରୂପକ ଦ୍ୱିମତ ଆପେ ଆପେ ବିଲୁପ୍ତ ହୋଇଯିବ ଏବଂ 'ସମସ୍ତେ ଏକ' ଧାରଣାଟି ସଶକ୍ତ ହେବ। ବିନା ଭୟ ଏବଂ ପକ୍ଷପାତିତାରେ ନିଜ ପସନ୍ଦର ଆସ୍ଥା ଓ ବିଶ୍ୱାସ ପାଳନ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଧୀନତା ରହିବା ଆବଶ୍ୟକ। ବୃଦ୍ଧି ପାଉଥିବା ବିଭାଜନକାରୀ ଆହ୍ୱାନକୁ ଦମନ କରିବା, ହିନ୍ଦୁ-ମୁସଲମାନ ଏକତା ଏବଂ ସାମାଜିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସ ଜରୁରୀ। ଏହି ଆଭିମୁଖ୍ୟ ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଲୋଚନା ତଥା ପାରସ୍ପରିକ ସମ୍ମାନର ଗୁରୁତ୍ୱକୁ ରେଖାଙ୍କିତ କରିଥାଏ। ଉଭୟ ସମ୍ପ୍ରଦାୟକୁ ମତଭେଦ ବଦଳରେ ସମାନତାକୁ ପ୍ରାଥମିକତା ଦେବାକୁ ହେବ। ଭାରତର ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ନୀତିକୁ ବଜାୟ ରଖିବା ପାଇଁ ଏକାଠି କାମ କରିବାକୁ ପଡ଼ିବ। ଆଜି ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ବିଭାଜନକାରୀ କଥାକୁ ବହୁଳ ମାତ୍ରାରେ ପ୍ରୋତ୍ସାହିତ କରିଚାଲିଛି। ବିଭିନ୍ନତା ପାଇଁ ବୈଶ୍ୱିକ ସ୍ତରରେ ଭାରତର ସ୍ୱତନ୍ତ୍ର ପରିଚୟ ରହିଛି। ଯାହା ସମ୍ମିଳିତ ପ୍ରୟାସରେ ଚିରସ୍ଥାୟୀ ହୋଇପାରିବ। ଏଥିପାଇଁ ଆବଶ୍ୟକ ସଂଯମତା ଏବଂ ସତର୍କତା। ଉତ୍ତେଜନାପୂର୍ଣ୍ଣ ଭାଷଣକୁ ପ୍ରତ୍ୟାଖ୍ୟାନ କରିବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତି ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ। ଆଭ୍ୟନ୍ତରରେ ଏକାଧିକ ବିବିଧତା ସତ୍ତ୍ୱେ ଏକତାକୁ ପ୍ରୋତ୍ସାହିତ କରିବାରେ ଭାରତ ବିଶ୍ୱଗୁରୁ ଭାବରେ ଉଭା ହୋଇପାରିବ। ସହିଷ୍ଣୁତା ଏବଂ ବିବିଧତାର ମୂଲ୍ୟବୋଧକୁ ବଜାୟ ରଖି ଧାର୍ମିକ ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ବିନା ସଂଘର୍ଷରେ କିପରି ସହାବସ୍ଥାନ ସମ୍ଭବ ଭାରତ ତାହା ପ୍ରଦର୍ଶିତ କରିପାରିବ। ତେବେ ଅନେକ ସମୟରେ ଧାର୍ମିକ ନେତୃତ୍ୱ ଏବଂ ବିଭିନ୍ନ ସମ୍ପ୍ରଦାୟର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ମଧ୍ୟ ବିଭେଦ ଦୂର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ଶିଶୁ ଏବଂ ଯୁବକଙ୍କ ମନରେ ସହନଶୀଳତା ଏବଂ ସହାନୁଭୂତିର ମୂଲ୍ୟବୋଧ ଉଦ୍ରେକ କରି ଏ କ୍ଷେତ୍ରରେ ଯୋଗଦାନ ଦେଇପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକ ସଶକ୍ତ, କର୍ମଠ, ଐକ୍ୟସମ୍ପନ୍ନ ତଥା ଶାନ୍ତିପୂର୍ଣ୍ଣ ଭାରତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି, ସମ୍ପ୍ରଦାୟ ଏବଂ ଅନୁଷ୍ଠାନର ପ୍ରୟାସ ଆବଶ୍ୟକ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ବ୍ୟକ୍ତିଗତ ଆନ୍ତରିକ ପ୍ରଚେଷ୍ଟାର ସଫଳତା ସୁଦୂରପ୍ରସାରୀ ବୋଲି ପ୍ରମାଣ କରିଛନ୍ତି ରାଜସ୍ଥାନ ବିଳାସପୁରର ଚା'ଦୋକାନୀ କନରାମ ମେୱାରା। କନରାମଙ୍କୁ ଏବେ ବୟସ ୨୫। ସେ ଜାୱାଇ କଲରାପତରିଆ ବାଘ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଚା'ଦୋକାନ କରିଛନ୍ତି ଓ ଆଖପାଖ ଅଞ୍ଚଳରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପରେ ତାହାକୁ ରସାଇକେଲିଂ କରି ଚେୟାର, ବେଞ୍ଚ୍ ଆଦି ତିଆରି କରୁଛନ୍ତି। ସରକାରୀ ଅର୍ଡର ମୁତାବକ ସେଗୁଡ଼ିକୁ ସାର୍ବଜନୀନ ସ୍ଥଳକୁ ଯୋଗାଉଛନ୍ତି। କନରାମ ଭାରତରେ ବଢୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସମ୍ପର୍କରେ ଖବରକାଗଜରୁ ପଢ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗାଁରୁ ଏହା ଆରମ୍ଭ କରିଥିଲେ। ଦୋକାନ ସାମ୍ନାରେ ଏକ ନୋଟିସ୍ ଲଟକାଇଛନ୍ତି, ଯେଉଁଥିରେ ଲେଖାଅଛି–ଯେଉଁମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣିବେ ସେମାନଙ୍କୁ ଉପହାର ଦିଆଯିବ। ଉପହାର ସ୍ୱରୂପ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଥିବା ଲୋକଙ୍କୁ ସେ ସ୍ନାକ୍ସ ଦେଉଛନ୍ତି। ପ୍ରଥମେ ଏହି ଉପାୟରେ ସେ ଦିନକୁ ୫୦କେ.ଜି. ବର୍ଜ୍ୟ ସଂଗ୍ରହ କରିପାରୁଥିଲେ। ଏବେ ମୁମ୍ବାଇର ଏକ ଏନ୍‌ଜିଓ ତାଙ୍କୁ ସହଯୋଗ କରିବାରୁ ସେ ଅଧିକରୁ ଅଧିକ ବର୍ଜ୍ୟ ସଂଗ୍ରହ କରିପାରୁଛନ୍ତି। ସ୍କୁଲ୍, କଲେଜ ଓ ଗାଁଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସେ ୧୫ଟି ଗାଁରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ସେ ସେସବୁକୁ ନିକଟବର୍ତ୍ତୀ ସହରକୁ ରିସାଇକେଲିଂ ପାଇଁ ପଠାଇବାରେ ଲାଗିଲେ। ଡିଜେଇଡି ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ୧୦ ଲକ୍ଷ ଟଙ୍କାର ରିସାଇକେଲିଂ ମେଶିନ ଦିଆଯିବା ପରେ ସେ ଏବେ ତାହା ମାଧ୍ୟମରେ ୧୦ ଟନ୍‌ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲିଂ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ସେପ୍ଟେମ୍ବର ୧୯୭୬

- ବ୍ରିଟିଶ ସରକାରଙ୍କ ଦରିଆପାରି ଉନ୍ନୟନ ଶାସନ ଅଧୀନସ୍ଥ ବୈଦେଶିକ ଓ କମନୱେଲ୍‌ଥ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇନ ବିଭାଗ ଅଫିସରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ଭାରତର ୩ ଜଣ ଆଇନଜ୍ଞଙ୍କୁ କଲମ୍ବୋ ଯୋଜନା ପୁରସ୍କାର ପ୍ରଦାନ।
- ବିହାରର ବନ୍ୟାପ୍ଲାବିତ ଅଞ୍ଚଳରେ ବିମାନ ବାହିନୀର ବିମାନ ଯୋଗେ ଔଷଧ ବିତରଣ କାର୍ଯ୍ୟ ଆରମ୍ଭ।

# ଚାକିରିମୁହାଁ ଯୁବଶକ୍ତି



ପ୍ରମୋଦ କୁମାର ପଣ୍ଡା

ଭୌଗୋଳିକ କ୍ଷେତ୍ରଫଳରେ ଓଡ଼ିଶା ଭାରତର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶର ହାରାହାରି ବୃଷ୍ଟିପାତ ୧୨୦୦ ମିଲିମିଟର ଥିବାବେଳେ ଓଡ଼ିଶାର ଏହା ୧୫୦୦ ମିଲିମିଟର। ଆମ ପାଖରେ ସବୁ ପ୍ରକାର ମୃତ୍ତିକା ଏବଂ ୪୮୫ କିଲୋମିଟରର ଦୀର୍ଘ ସମୁଦ୍ରକୂଳ ଅଛି। ବିଭିନ୍ନ ପ୍ରକାର କୃଷିଜାତ, ପ୍ରାଣୀ ଓ ମତ୍ସ୍ୟ ସମ୍ବନ୍ଧିତ ଉତ୍ପାଦନ ଓ ରପ୍ତାନି ପାଇଁ ପ୍ରକୃତି ପର୍ଯ୍ୟାପ୍ତ ସୁଯୋଗ ଦେଇଛି। ଦେଶର ଶତକଡ଼ା ୨୩ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୭୬ ଭାଗ ଆଲୁମିନିୟମ ଏବଂ ଶତକଡ଼ା ୯୮ ଭାଗ କ୍ରୋମାଇଟ୍ ମହଜୁଦ ଅଛି। ତା' ଛଡ଼ା ପାଞ୍ଚ କୋଟି ଖାଉଟି ମଧ୍ୟ ଅଛନ୍ତି। ଏତେ ସବୁ ସୁବିଧା ସୁଯୋଗ ଥାଇ ଓଡ଼ିଶା ମୁଣ୍ଡପିଛା ଆୟରେ ଦେଶର ୨୨ ତମ ରାଜ୍ୟ ଭାବେ ଉଭାହେବା ଗ୍ରହଣୀୟ ନୁହେଁ। ଓଡ଼ିଶା ସେଦିନ ସମୃଦ୍ଧ ହେବ, ଯେଉଁଦିନ ଏହାର ସମୁଦାୟ ରପ୍ତାନି ମୋଟ ଆମଦାନୀକୁ ଟପିବ। କିନ୍ତୁ ଦୁଃଖ ଲାଗେ ଆଜିର ଅବସ୍ଥା ଦେଖି। ରାଜ୍ୟର ଯୁବଗୋଷ୍ଠୀ ସାତ ଦରିଆ ପାର ତ ଦୂରର କଥା ପଡୋଶୀ ରାଜ୍ୟରେ ବି ବେପାର କରିବାକୁ ସାହସ ଯୁଟାଇ ପାରୁନାହିଁ। ଜନତା ଓ ସରକାରଙ୍କୁ କେବଳ ଚାକିରିରେ ଓଡ଼ିଶାର ଭବିଷ୍ୟତ ଦେଖାଯାଉଛି। ତା'ର ସଦ୍ୟତମ ଉଦାହରଣ ହେଉଛି ସରକାରୀ ଚାକିରିରେ ନ୍ୟୂନତମ ପ୍ରବେଶ ବର୍ଷ ସାଧାରଣ ବର୍ଗ ପାଇଁ ୪୨ବର୍ଷକୁ ବୃଦ୍ଧି କରାଯିବା। ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ୪୭ ବର୍ଷ, ଦିବ୍ୟାଙ୍ଗଙ୍କ ପାଇଁ ୫୨ ବର୍ଷ ହୋଇଛି। ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଦିବ୍ୟାଙ୍ଗଙ୍କ ପାଇଁ ଏହା ୫୭ ବର୍ଷକୁ ବୃଦ୍ଧି ପାଇଛି। ସମାଜରେ ସରକାରୀ ପିଅନର ଗୁରୁତ୍ୱ ରହିଛି ମାତ୍ର ଜଣେ ଉଦ୍ୟୋଗୀ କିମ୍ବା ବ୍ୟବସାୟୀର ଗୁରୁତ୍ୱ ନାହିଁ। ସେଥିପାଇଁ ଆମ ରାଜ୍ୟର ସ୍ଥିତି ଅତି ଦୁର୍ବଳ।

ଦେଶର ବିକଶିତ ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ଗୁଜରାଟ, ଆନ୍ଧ୍ର, ତାମିଲନାଡୁ ଆଦି ଉଦ୍ୟୋଗ, ବ୍ୟାପାର ଓ କୃଷିରେ ଉତ୍କର୍ଷ ଲାଭ କରିଛନ୍ତି। ସେ ସବୁ ରାଜ୍ୟରେ ଉଦ୍ୟୋଗ, ବ୍ୟାପାର ଓ କୃଷକଙ୍କୁ ସମାଜରେ ଉଚ୍ଚ ସମ୍ମାନ ମିଳେ ଏବଂ ବାହାଘର ପାଇଁ ଉପଯୁକ୍ତ କନ୍ୟାପାତ୍ର ମିଳେ। ମାତ୍ର ଓଡ଼ିଶାରେ ଉପଯୁକ୍ତ କନ୍ୟା ପାତ୍ରର ପ୍ରଥମ ପସନ୍ଦ ସରକାରୀ ଚାକିରି। ପ୍ରକୃତ ପକ୍ଷେ ସରକାରୀ ଚାକିରିଆ ପାଖରେ ପରିବାର ଆର୍ଥିକ ସମୃଦ୍ଧି ପାଇଁ ପର୍ଯ୍ୟାପ୍ତ ଧନ ନ ଥାଏ। କାରଣ ସରକାରୀ ଦରମା ସ୍ୱଳ୍ପ ଓ ସେଥିରେ ଆୟକର ଦେବାକୁ ପଡ଼ିଥାଏ। ମାତ୍ର ବ୍ୟାପାରରେ ସସୀମିତ ଆୟ ଥାଏ।

ପ୍ରାଚୀନ ଓ ମଧ୍ୟଯୁଗରେ କଳିଙ୍ଗ ଏବଂ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରାନ୍ତଠୁ ପ୍ରଗତିରେ ଆଗୁଆ ଥିଲା। ଆମେ ମୁଖ୍ୟତଃ ଦେଶ ଭିତରେ ଓ ବାହାରେ ବେପାର କରି ପ୍ରଚୁର ରପ୍ତାନି କରୁଥିଲୁ। ସାଧୀନତା ପରବର୍ତ୍ତୀ ସମୟରେ ଆମକୁ ସରକାରୀ ଚାକିରିରେ ଭବିଷ୍ୟତ ଦେଖାଗଲା। ଫଳରେ ଏବେକାର ପିଢି ସରକାରୀ ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କୌଣସି ଦେଶ ବା ରାଜ୍ୟର ଯୁବ ପିଢି ଯଦି କେବଳ ସରକାରୀ ଚାକିରି ସନ୍ଧାନରେ ରହିବେ, ତା' ହେଲେ ପ୍ରଗତି ଅସମ୍ଭବ। କାରଣ ସରକାରୀ ଚାକିରି ସବୁବେଳେ ସୀମିତ। ସମସ୍ତଙ୍କୁ ମିଳିବା ସମ୍ଭବ ନୁହେଁ। ସମସ୍ତେ ଚେଷ୍ଟା କରନ୍ତୁ, ଯାହାକୁ ମିଳିଲା ମିଳିଲା, ଯାହାକୁ ନ ମିଳିଲା ସେ ସମୟ ନଷ୍ଟ ନ କରି ଅନ୍ୟ ଉପାୟରେ ଟଙ୍କା ରୋଜଗାର କରିବା କଥା। କିନ୍ତୁ ଦୁଃଖର କଥା ସରକାର ସରକାରୀ ଚାକିରିର ସମୟ ସୀମା ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି, ଅର୍ଥାତ୍ କୌଣସି ଯୁବତୀଯୁବକ ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ଚେଷ୍ଟା କରି ଚାଲିବ। ପାଇଲେ ଭଲ



ନ ପାଇଲେ ସେ ଆଉ କିଛି କରିପାରିବ ନାହିଁ। କାରଣ ସେତେବେଳକୁ ୫୦ ବର୍ଷ ପାଖାପାଖି ହୋଇଯାଇଥିବ। ଚାକିରିଟେ ପାଇଲେ ବି ବର୍ଷ କମ୍ ଥିବାରୁ ପେନ୍‌ସନ ଗ୍ରାଚ୍ୟୁଇଟିରୁ ବଞ୍ଚିତ ହେବ। ଅଳ୍ପ ବର୍ଷ ଚାକିରି ଥିବାରୁ ପରିବାରର ଆର୍ଥିକ ସ୍ୱଚ୍ଛଳତା ବଢାଇବା ପାଇଁ ଭ୍ରଷ୍ଟାଚାରର ସାହାରା ନେବେ। ଯାହାଦ୍ୱାରା ରାଜ୍ୟର ଉତ୍ପାଦକତା ହ୍ରାସ ପାଇବ। ମାତ୍ର କମ୍ ବୟସର ଯୁବକ ଯୁବତୀ ଚାକିରି ପାଇଲେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଘଟିବ। ଯେଉଁମାନେ ଚାକିରି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହେବେ, ସେମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ଯେ ଚାକିରି କରିବା ବୟସ ଆମର ଚାଲିଗଲା। ଆମକୁ ଅନ୍ୟାନ୍ୟ ଧନ୍ଦା ଦ୍ୱାରା ରୋଜଗାର କରିବାକୁ ପଡିବ। ତେଣୁ କିଏ ଉଦ୍ୟୋଗ କରିବ ତ କିଏ ବେପାର ତ ଆଉ କିଏ କୃଷି କାର୍ଯ୍ୟ କରିବ। ଯେହେତୁ ସେମାନେ କମ ବୟସରୁ ସେ ସବୁ କାର୍ଯ୍ୟ କରିବେ, ତେଣୁ ସେଥିରେ ପାରଦର୍ଶିତା ଲାଭ କରିବେ ଓ ଆଗକୁ ବଢିବେ। ରାଜ୍ୟର ଉତ୍ପାଦକତା ବଢିବ ଓ ରାଜ୍ୟର ପ୍ରଗତି ହେବ।

ରାଜ୍ୟର ଶାସନ କାର୍ଯ୍ୟ ପାଇଁ କର୍ମଚାରୀ ଆବଶ୍ୟକ। ମାତ୍ର ଆବଶ୍ୟକତାଠୁ ଅଧିକ କର୍ମଚାରୀ ନିୟୋଜିତ କଲେ ବିତ୍ତୀୟ ନିଅଣ୍ଟ ହୁଏ ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସରକାର ବେରୋଜଗାର ଯୁବତୀଯୁବକଙ୍କ ପାଇଁ ସରକାରୀ ଚାକିରି ବିକଳ୍ପ ସ୍ୱରୂପ ଉଦ୍ୟୋଗ ଓ ବ୍ୟବସାୟ ମାଧ୍ୟମରେ ରୋଜଗାର ସୃଷ୍ଟି ପାଇଁ ଉଦ୍ୟମ କରିବା ଆବଶ୍ୟକ। ସରକାରୀ କାର୍ଯ୍ୟକୁ ସ୍ୱଳ୍ପ ସମୟରେ ସୁଚାରରୂପେ ସମ୍ପାଦନ ପାଇଁ ଦକ୍ଷ ଯୁବତୀଯୁବକଙ୍କର ଆବଶ୍ୟକତା ରହିଛି, ଯାହାକୁ ୪୮ ବର୍ଷ ବୟସ୍କ କରିପାରିବେ ନାହିଁ। ସେଥିପାଇଁ ୩୦/୩୨ ବର୍ଷ ଭିତର ଯୁବତୀଯୁବକ ଆବଶ୍ୟକ। ଅନେକ ବର୍ଷ ଧରି ଚାକିରି ବାହାରୁ ନ ଥିବାରୁ କିଛି ଛାତ୍ରୀଛାତ୍ର ଚାକିରି ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମକୁ ସରକାରୀ ଚାକିରିରେ ପ୍ରବେଶ ବୟସ ବଢାଇବାକୁ ପଡୁଛି। ଭବିଷ୍ୟତରେ ଆଉ କେଉଁ ସରକାର ଆସିବ, ହୁଏତ ଏହାକୁ ଆହୁରି ବଢାଇଦେବେ। ପଚାଶ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ନେଇ କ'ଣ ଆମେ ବିଭାଗର କାର୍ଯ୍ୟଦକ୍ଷତା ବଢାଇପାରିବା ? ପ୍ରତିବର୍ଷ କର୍ମଚାରୀ ଅବସର ନେଉଛନ୍ତି। ପ୍ରତିବର୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ପଡିବ। ଯାହାଦ୍ୱାରା ପ୍ରତିବର୍ଷ ପାସ୍ କରୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବିକାଶରେ ବିନିଯୋଗ କରାଯାଇପାରିବ। ରାଜ୍ୟର ଯୁବତୀଯୁବକଙ୍କୁ ସରକାରୀ ଚାକିରି ମନସ୍କ କରାଇବା କିମ୍ବା ସେମାନଙ୍କୁ ରୋଜଗାରକ୍ଷମ ନ କରାଇ ୪୮ କିମ୍ବା ୫୦ ବର୍ଷ ପର୍ଯ୍ୟନ୍ତ ଚାକିରି ପରୀକ୍ଷା ପାଇଁ ପ୍ରସ୍ତୁତ କରାଇବା ଆଦୌ ବିଜ୍ଞତା ଓ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ଯୁବା ଗୋଷ୍ଠୀ ପାଖରେ ବିକାଶର ପର୍ଯ୍ୟାପ୍ତ ଶକ୍ତି ଅଛି। କୌଣସିମତେ ଯଦି ଆମେ ତାକୁ ଓଡ଼ିଶାରେ ପ୍ରସ୍ଫୁଟିତ କରାଇପାରିବା, ପର ପିଢି ପାଇଁ ବିକାଶର ରାସ୍ତା ସବୁଦିନ ପାଇଁ ଖୋଲିଯିବ, ଯାହାକି ଦେଶର ବିକଶିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳେ। ତେଣୁ ଆମକୁ ବ୍ୟାପକ ସାମାଜିକ ପରିବର୍ତ୍ତନ ଉପରେ ଜୋର ଦେବାକୁ ପଡିବ। ୨୮ରୁ ୩୫ ବର୍ଷରେ ଚାକିରି ରାସ୍ତା ବନ୍ଦ ହେଲେ, ଯୁବାଗୋଷ୍ଠୀ ଅନ୍ୟାନ୍ୟ କ୍ଷେତ୍ର ପ୍ରତି ଆକୃଷ୍ଟ ହେବେ ଓ ସେଥିରେ ନିଜର ପାରଦର୍ଶିତା ଦେଖାଇବେ ଏବଂ ଓଡ଼ିଶାକୁ ସମୃଦ୍ଧ କରି ଗଢିତୋଳିବେ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| 8 | | | | | | | 5 | |
| | | | | 6 | | | | |
| 9 | | | 7 | | 2 | | 1 | |
| | 8 | | | | | 2 | 9 | 3 |
| 4 | | | | | | | 7 | |
| 3 | | | | 1 | | 5 | 4 | |
| 7 | | 5 | | | | | 3 | |
| | | 2 | 5 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 6 | 5 | 4 | 7 | 2 | 8 |
| 4 | 2 | 8 | 1 | 7 | 3 | 6 | 5 | 9 |
| 6 | 7 | 5 | 8 | 9 | 2 | 3 | 1 | 4 |
| 2 | 5 | 1 | 7 | 3 | 8 | 4 | 9 | 6 |
| 3 | 9 | 7 | 4 | 1 | 6 | 5 | 8 | 2 |
| 8 | 6 | 4 | 9 | 2 | 5 | 1 | 3 | 7 |
| 5 | 8 | 2 | 3 | 4 | 7 | 9 | 6 | 1 |
| 1 | 4 | 6 | 5 | 8 | 9 | 2 | 7 | 3 |
| 7 | 3 | 9 | 2 | 6 | 1 | 8 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଓକିଲଙ୍କୁ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତ କରାଯାଉ

ମହାଶୟ,

ଭାରତର ଉଚ୍ଚତମ, ରାଜ୍ୟଗୁଡ଼ିକର ଉଚ୍ଚ ଏବଂ ଜିଲା ତଥା ନିମ୍ନ ଅଦାଲତଗୁଡ଼ିକରେ ଶାସକ ଦଳ ସମର୍ଥିତ ଆଇନଜୀବୀମାନେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇ ଅଦାଲତରେ ସରକାରଙ୍କ ପକ୍ଷ ରଖିଥାନ୍ତି। ଯଦି ଶାସକ ଦଳ କାର୍ଯ୍ୟକାଳ ସରିଯାଏ ବା କୌଣସି କାରଣରୁ ସରକାର ଭାଙ୍ଗିଯାଏ, ତେବେ ସେମାନେ ମଧ୍ୟ ଇସ୍ତଫା ଦେଇଥାନ୍ତି। ପୁଣି ନୂଆ ସରକାର ସେମାନଙ୍କ ଦଳର ସମର୍ଥିତ ଆଇନଜୀବୀଙ୍କୁ ଏହି ପଦବୀରେ ନିଯୁକ୍ତ ପ୍ରଦାନ କରିଥାନ୍ତି। ପ୍ରାୟତଃ ଦେଖିଯାଉଛି, ଇସ୍ତଫା ଦେଇଥିବା ପୂର୍ବ ସରକାର ଅମଳର ଆଇନଜୀବୀମାନେ ଯେଉଁ ସରକାରୀ ମକଦ୍ଦମାରେ ସରକାରୀ ପକ୍ଷ ରଖିଥିଲେ, ସେହି ମକଦ୍ଦମାରେ ବିରୋଧୀ ପକ୍ଷ ବା ଅପରପକ୍ଷଙ୍କ ଆଇନଜୀବୀ ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତ ହୋଇ ଏହି ବିରୋଧୀଙ୍କ ପକ୍ଷ ରଖୁଛନ୍ତି। ଏହା କି ପ୍ରକାର ସମ୍ବିଧାନ ? ଏହା ଏକ ପ୍ରକାର ଦଳବଦଳ ହେଲା ନାହିଁ କି ? ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଉକ୍ତ ପଦବୀଗୁଡ଼ିକ ପାଇଁ କେନ୍ଦ୍ର/ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପ୍ରତିଭାବାନ୍ ପ୍ରାର୍ଥୀଙ୍କୁ ଲିଖିତ, ମୌଖିକ ପରୀକ୍ଷା ଦ୍ୱାରା ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଉ। ଏହାଦ୍ୱାରା ନ୍ୟାୟ ମିଳିବାରେ ସ୍ୱଚ୍ଛତା ଆସିପାରିବ ।

– ଅନନ୍ତରାମ ସିଂ, କେନାଲ ରୋଡ୍, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା ।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !
–(ଯୁଗଳ ପ୍ରୟାଣେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଥାର୍ ମାଲିକଙ୍କ ସମେତ ୨ ଗିରଫ

## ବହୁଚର୍ଚ୍ଚିତ ପାତ୍ରପଡ଼ା ହିଟ୍ ଆଣ୍ଡ୍ ରନ୍ ମାମଲା

### ଖଣ୍ଡଗିରି ଥାନାରେ ତାତିଲେ ସମ୍ପର୍କୀୟ

ଭୁବନେଶ୍ୱର,୨୪।୯ (ସତ୍ୟଜିତ୍ ରାଉତ)



ଦୁର୍ଘଟଣା ଘଟାଇଥିବା ଥାର୍ ଗାଡ଼ି।

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ା ଭି୨ ମଲ୍ ନିକଟ ଜାତୀୟ ରାଜପଥରେ ଗତ ଅଗଷ୍ଟ ୯ରେ ଘଟିଥିବା ହିଟ୍ ଆଣ୍ଡ୍ ରନ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଥାର୍ ମାଲିକଙ୍କୁ ପୁରୀରୁ ପୋଲିସ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଚଣାଘର ଗାଁର ସୋମନାଥ ବେହେରା(୨୨)। ସୋମନାଥଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ପୁରୀ ଜିଲା ପେଣ୍ଟକଟା ଥାନା ଅଞ୍ଚଳରେ ରହୁଥିବା କଟକ ଜିଲା ଖୁଣ୍ଟୁଣୀ ଅଞ୍ଚଳର ସନ୍ଦୀପ କୁମାର ନସ୍କାର(୨୨)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଖଣ୍ଡଗିରି ଥାନା ପକ୍ଷରୁ ଥାର୍ ସହ ଦ୍ରୁତ ଗତିରେ ଆସିଥିବା ସ୍କର୍ପିଓ ଚାଳକ ସୋହମରାଜ ତ୍ରିପାଠୀ ଓ ସେଥିରେ ବସିଥିବା ରୋହନ ରଞ୍ଜନ ରାଉତ, ଅଙ୍କିତ ଶ ଏବଂ ଅଭିଯୁକ୍ତଙ୍କୁ ଫେରାର କରାଇବା ଅଭିଯୋଗରେ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଭିଯୁକ୍ତଦ୍ୱୟ ଧରାପଡ଼ିଥିବା ଖବରପାଇ ମୃତକଙ୍କ ସମ୍ପର୍କୀୟଙ୍କ ସମେତ ଫୁଲେଶ୍ୱରୀ ବସ୍ତି ବାସିନ୍ଦା ଖଣ୍ଡଗିରି ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଉତ୍ତ୍ୟକ୍ତ ଲୋକମାନେ ପୋଲିସ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଭିଯୁକ୍ତ ଥାର୍ ଚାଳକ ପ୍ରଭାବଶାଳୀ ଘରର ବୋଲି ପୋଲିସ ତାଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୯ ରାଖୀ ପୂର୍ଣ୍ଣିମାରେ ଫୁଲେଶ୍ୱର ବସ୍ତିରେ ରହୁଥିବା ରେବତୀ ନାୟକ ତାଙ୍କ ୮ବର୍ଷୀୟା ଝିଅ ରେଶମା ଏବଂ ୨ବର୍ଷୀୟ ପୁଅଙ୍କୁ ନେଇ ପଟିଆରେ ରହୁଥିବା ଭାଇଙ୍କ ଘରକୁ ରାଖୀ ବାନ୍ଧିବାକୁଯାଇଥିଲେ।ସେଠାରୁଅପରାହ୍ନରେ ଏକ ବସ୍ ଯୋଗେ ଫେରି ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱର ବସ୍ତିକୁ ଯିବାପାଇଁ ରାସ୍ତା ପାର ହେଉଥିବାବେଳେ ଖୋର୍ଦ୍ଧା ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡ଼ି ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଉକ୍ତ ଦୁର୍ଘଟଣାରେ ରେବତୀ ଏବଂ ରେଶମାଙ୍କ ଜୀବନ ଯାଇଥିବାବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ସ୍ୱାମୀ ମାନସଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା (ନଂ.୫୫୨/୨୦୨୫) ରୁଜୁ କରିଥିଲା।



ସୋମନାଥ ବେହେରା ଏବଂ ସନ୍ଦୀପ କୁମାର ନସ୍କାର

# ପୁଇଁତଲା ଥାନାରୁ ଗିରଫ ଅଭିଯୁକ୍ତ ଚମ୍ପଟ

ବଲାଙ୍ଗୀର,୨୪।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭିତରୁ ବୁଧବାର ଭୋର ସମୟରେ ପୋଲିସକୁ ଚକ୍‌ମା ଦେଇ ଜଣେ ଗିରଫ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ କୁଲଥିପାଲି ଗାଁର ମଣ୍ଟୁ ଦଳେଇ (୨୬)। ୨୦୨୩ ମସିହାର ଏକ ମାମଲା (ନଂ. ୨୯୯/୨୩)କୁ ନେଇ ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ମଙ୍ଗଳବାର ଗିରଫ କରି ପୁଇଁତଲା ଥାନାରେ ଆଣି ରଖିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା। ତେବେ ଭୋର୍ ସମୟରେ ସେ ଥାନା ପରିସର ଭିତରେ ଥିବା ଶୌଚାଳୟ ଯିବାକୁ କହି ଲୁହାଗ୍ରୀଲ ଲାଗିଥିବା ଏକ ଗେଟ୍ ଭାଙ୍ଗି ସେଠାରୁ ଚମ୍ପଟ ମାରିଥିଲେ। ଅଭିଯୁକ୍ତ ମଣ୍ଟୁ ଫେରାର ମାରିବା ଜାଣିବା ପରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତାଙ୍କୁ ଖୋଜାଖୋଜି କରାଯାଉଥିବା ଥାନା ଆଇଆଇସି ଅନିତା ପ୍ରଧାନ ସୂଚନା ଦେଇଛନ୍ତି।

# ସନ୍ଦେହ ଘେରରେ ମହିଳା କନ୍‌ଷ୍ଟେବଲ୍

## ଶୁଭମିତ୍ରା ସାହୁ ହତ୍ୟା ମାମଲା

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)



ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଏହି ଘଟଣାରେ ଏବେ ତ୍ରିକୋଣୀୟ ପ୍ରେମ କାହାଣୀ ଥିବା ଚର୍ଚ୍ଚା ହେଉଛି। ସିପି ଅଫିସରେ କାର୍ଯ୍ୟରତ ଜଣେ ମହିଳା କନ୍‌ଷ୍ଟେବଲଙ୍କ ଭୂମିକାକୁ ନେଇ ପୋଲିସ ତଦନ୍ତ କରୁଥିବା ଶୁଣିବାକୁ ମିଳୁଛି। ସେ ମହିଳା ଜଣକ କିଏ ସେନେଇ ସ୍ପଷ୍ଟ ସୂଚନା ମିଳିପାରି ନ ଥିବାବେଳେ ପୋଲିସ ଏନେଇ କିଛି ମୁହଁ ଖୋଲି ନାହିଁ। ଶୁଭମିତ୍ରାଙ୍କୁ ଉକ୍ତ ମହିଳା କନ୍‌ଷ୍ଟେବଲ୍ ଗାଳି ଦେଇଥିଲେ ବୋଲି ସୂଚନା ମିଳିଛି। ସେପଟେ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଦୀପକ ରାଉତଙ୍କ ବାବଦରେ ଅଧିକ ତଥ୍ୟ ପୋଲିସ ସଂଗ୍ରହ କରୁଛି। ଅପରପକ୍ଷରେ ଦୀପକ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ହତ୍ୟା କରିଥିବା ନେଇ ଆଇନ ମନ୍ତ୍ରୀ କହିଥିବାରୁ ଏହି ଘଟଣା ବଡ଼ ଚର୍ଚ୍ଚାର ବିଷୟ ହୋଇଛି। ଖୁଣ୍ଟୁଣୀ ପୋଲିସ ଏହି ପୁରୁଣା ଘଟଣାରେ ତଥ୍ୟ ପ୍ରମାଣ ଏକଜୁଟ କରିବାରେ ଲାଗିଛି। ସୂଚନାଯୋଗ୍ୟ, ଶୁଭମିତ୍ରା ହତ୍ୟା ମାମଲାରେ ଦୀପକଙ୍କ ସମେତ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓ ତାଙ୍କ ସାଙ୍ଗ ଶମ୍ଭୁନାଥ ମହନ୍ତ କ୍ୟାପିଟାଲ ପୋଲିସ ଗିରଫ କରିଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି।

# ଭିବ୍‌ଗ୍ୟୋର ଚିଟ୍‌ଫଣ୍ଡ ଓଡ଼ିଶା ମୁଖ୍ୟଙ୍କୁ ୧୦ବର୍ଷ ଜେଲ

## ୧୪ କୋଟି ଠକେଇ ମାମଲା

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବା ଆଳରେ ଜମାକାରୀଙ୍କଠାରୁ ୧୪ କୋଟି ଟଙ୍କା ଠକେଇ ମାମଲାରେ 'ଭିବ୍‌ଗ୍ୟୋର ଆଲାଏଡ ଇନ୍‌ଫ୍ରାଷ୍ଟ୍ରକ୍ଟର ପ୍ରାଇଭେଟ୍ ଲିମିଟେଡ' ସଂସ୍ଥାର ଓଡ଼ିଶା ମୁଖ୍ୟ ପବିତ୍ର କୁମାର ସାହୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୭୦ ହଜାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ କଟକସ୍ଥିତ ଓପିଆଇଡି କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି। ୨୦୧୫ରେ ଇଓଡବ୍ଲ୍ୟୁ ଏହି ସଂସ୍ଥା ମୁଖ୍ୟ ରାଣା ଭଦ୍ରାଙ୍କୁ ଗିରଫ କରିଥିବା ବେଳେ କୋର୍ଟରେ ତାଙ୍କର ମାମଲା ବିଚାରାଧୀନ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ କୋଲ୍‌କାତାରେ ଥିବାବେଳେ ୨୦୦୯ରେ କମ୍ପାନୀ ଓଡ଼ିଶାରେ ପ୍ରବେଶ କରିଥିଲା। କମ୍ପାନୀ ପ୍ରଥମେ ଭୁବନେଶ୍ୱର ୟୁନିଟ୍-୭ ସୂର୍ଯ୍ୟନଗରସ୍ଥିତ ପ୍ଲଟ୍ ନଂ.୧୨୦-ବିରେ ବ୍ରାଞ୍ଚ ଅଫିସ ଖୋଲିଥିଲା। ପରେ ବାଲେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅଫିସ ଖୋଲିଥିଲା। ଅଧିକ ହାରରେ ସୁଧଦେବା ଲାଗି ଜମାକାରୀଙ୍କୁ ପ୍ରଲୋଭିତ କରି ବିଭିନ୍ନ ସ୍କିମ୍‌ରେ ଟଙ୍କା ସଂଗ୍ରହ କରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ ଏଭଳି ପ୍ରାୟ ୧୫ ହଜାର ଜମାକାରୀଙ୍କଠାରୁ ପ୍ରାୟ ୧୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ହେଲେ ୨୦୧୩ରେ କମ୍ପାନୀ ଟଙ୍କା ଫେରସ୍ତ ନ କରି ଏହାର ସମସ୍ତ ଅଫିସକୁ ବନ୍ଦ କରିଦେଇଥିଲା। ଏପରିକି ସଂସ୍ଥାରେ କାମ କରୁଥିବା ସମସ୍ତ ଅଧିକାରୀ ମଧ୍ୟ ଫେରାର ହୋଇଯାଇଥିଲେ। ଏନେଇ ପ୍ରଥମେ କ୍ୟାପିଟାଲ ଥାନାରେ ୨୦୧୫ରେ ଅଭଯୋଗ ହେବା ପରେ ଏକ ମାମଲା (ନଂ.୨୩୫/୨୦୧୫) ରୁଜୁ ହୋଇଥିଲା। ପରେ ଠକେଇର ଶିକାର ଜମାକାରୀ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଇଓଡବ୍ଲ୍ୟୁ ୨୦୧୮ରେ ମାମଲା (ନଂ.୧/୨୦୧୮) ରୁଜୁକରିତଦନ୍ତ କରିଥିଲା। ୯ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିବାବେଳେ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଲଲାଟେନ୍ଦୁ ଦାସ ପରିଚାଳନା କରୁଥିଲେ।

# ଚଳନ୍ତା ଅଟୋରୁ ଡେଇଁ ପଡ଼ିଲେ ଯୁବତୀ

## ଭୁବନେଶ୍ୱରରେ ଅପହରଣ ଉଦ୍ୟମ

ଭୁବନେଶ୍ୱର,୨୪।୯ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଯୁବତୀ ଜଣକ ଅଟୋରୁ ଡେଇଁପଡ଼ି ଆହତ ହୋଇଛନ୍ତି। ଯୁବତୀଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆଚାର୍ଯ୍ୟ ବିହାରରୁ ନୟାପଲ୍ଲୀ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ବୁଧବାର ଏନେଇ ଯୁବତୀଙ୍କ ମା' ନୟାପଲ୍ଲୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏତଲା ଅନୁଯାୟୀ, ଅଟୋରେ ଦୁଇଜଣ ଥିଲେ ଏବଂ ଜଣେ ଚଳାଉଥିଲେ। ଆଉ ଜଣେ ମହିଳା ଅଟୋରେ ଲୁଗାରେ ଓଢଣୀ ଦେଇ ପଛରେ ବସିଥିଲେ। ଅଭିଯୁକ୍ତମାନେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ମୋବାଇଲ ଛଡ଼ାଇନେଇଥିଲେ। ଏଥିସହ ଏକ ରୁମାଲରେ ତାଙ୍କ ମୁହଁକୁ ଭିଡି କିଡ୍‌ନାପ କରିବାକୁ ଚେଷ୍ଟା କରିଥିଲେ। ଗାଡ଼ିକୁ ଦ୍ରୁତଗତିରେ ଚଳାଉଥିବା ବେଳେ ଉପାୟ ନ ପାଇ ଯୁବତୀ ଅଟୋରୁ ଡେଇଁ ପଡ଼ିଥିଲେ। ରାତି ୮ଟା ୧୩ବେଳେ ଏନେଇ ସେ ଖବର ପାଇଥିଲେ ବୋଲି ଯୁବତୀଙ୍କ ମା' ଅଭିଯୋଗ କରିଛନ୍ତି। ତେବେ ଯୁବତୀଜଣକ ଅଟୋରୁ ଡେଇଁପଡ଼ିଲେ ନା ଖସିପଡ଼ିଲେ ସେନେଇ ସତ୍ୟତା ଜାଣିବାକୁ ପୋଲିସ ଅଧିକ ଖୋଳତାଡ଼ କରିଛି। ଅପରପକ୍ଷରେ ଅଟୋ ଚାଳକ ଏବଂ ଅଭିଯୁକ୍ତଦ୍ୱୟ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସିସିଟିଭିକୁ ଯାଞ୍ଚ କରାଯାଉଛି ବୋଲି ପୋଲିସ କହିଛି।

# ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ଜେଲ

## ପ୍ରଥମାଖଣ୍ଡି ଡବଲ ମର୍ଡର ଘଟଣା

ଯାଜପୁରଟାଉନ,୨୪।୯(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)



ଦୋଷୀ ସବ୍ୟସ୍ତ ହୋଇଥିବା ବିଳାସୀ ଏବଂ ନୀଳମଣିଙ୍କୁ ଜେଲକୁ ନିଆଯାଉଛି।

ଯାଜପୁର ଜିଲା କୁଆଖିଆ ଥାନା ପ୍ରଥମାଖଣ୍ଡି ଗ୍ରାମରେ ୨୦୧୬ ଅକ୍ଟୋବର ୩୧ରେ ଜମିବାଡ଼ି ବିବାଦକୁ ନେଇ ସଂଘଠିତ ବହୁ ଚର୍ଚ୍ଚିତ ଡବଲ ମର୍ଡର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁସାରେ, ଘଟଣା ଦିନ ପ୍ରଥମାଖଣ୍ଡି ଗ୍ରାମର ନୀଳମଣି ସେଠୀ ଓ ତାଙ୍କ ସ୍ତ୍ରୀ ବିଳାସୀ ସେଠୀଙ୍କର ସାନଭାଇ ସୁଶୀଳ ଓରଫ ଗେଡ଼ ଓ ତାଙ୍କ ସ୍ତ୍ରୀ ଝରଣାଙ୍କ ସହ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନୀଳମଣି ଓ ବିଳାସୀ ମିଶି ସୁଶୀଳ ଓ ଝରଣାଙ୍କୁ କୋଦାଳ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶୀଳ ଓ ଝରଣାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ୨ଦିନ ମଧ୍ୟରେ ପ୍ରଥମେ ଝରଣା ଏବଂ ପରେ ସୁଶୀଳଙ୍କ ମୃତ୍ୟୁ ମୃତ୍ୟୁ ଘଟିଥିଲା। ମୃତ ସୁଶୀଳଙ୍କ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ସେଠୀ ୨୦୧୬ ନଭେମ୍ବର ୨ରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୮୫/୧୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନୀଳମଣି ଓ ବିଳାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଅଭିଯୁକ୍ତ ନୀଳମଣି ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲରେ ରହିଥିବାବେଳେ ସ୍ତ୍ରୀ ବିଳାସୀଙ୍କୁ କିଛି ମାସ ପରେ ଜାମିନ ମିଳିଥିଲା। ବୁଧବାର ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୟଦୀପ ମିଶ୍ର ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର(କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

# ୟୁଟ୍ୟୁବର ଦୀପକ ଗିରଫ

## କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ଘଟଣା

### ଆନ୍ଦୋଳନ ବେଳେ ଭିଡିଓ କରି ଉସୁକାଇଥିଲେ

ଭୁବନେଶ୍ୱର,୨୪।୯ (ସତ୍ୟଜିତ୍ ରାଉତ)



ଦୀପକ ନାୟକ

କ୍ୟାପିଟାଲ ହସ୍ପିଟାଲରେ ଶିଶୁମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ବେଳେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣାରେ ୟୁଟ୍ୟୁବର ଦୀପକ ନାୟକ(୨୭)ଙ୍କୁ ବୁଧବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଆନ୍ଦୋଳନ ସମୟର ଭିଡିଓ କରି ଆକ୍ରମଣ ପାଇଁ ଉସୁକାଇବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି। ଗିରଫ ଦୀପକଙ୍କ ଘର ଭଦ୍ରକ ଜିଲା ନାୟକାଣିଡିହି ଥାନା ଅନ୍ତର୍ଗତ ପୁରୁଷୋତ୍ତମ ଗ୍ରାମରେ। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ସୋମବାର ସାଲିଆସାହିର ୧୩ ମାସର ଏକ ଶିଶୁପୁତ୍ରର ମୃତ୍ୟୁକୁ ନେଇ ହସ୍ପିଟାଲ ପରିସର ରଣକ୍ଷେତ୍ର ପାଲଟିଥିଲା। କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ସ୍ମାର୍ଟସିଟି ଅନ୍‌ଲାଇନ୍ ଅଟୋଚାଳକ ସଂଘ ମଧ୍ୟରେ ହାତାହାତି ହୋଇଥିଲା। ପୋଲିସର ବୁଝାଶୁଝା ପରେ ମାମଲା ଶାନ୍ତ ପଡ଼ିଥିଲା। ତେବେ ପୋଲିସ ସୂଚନା ଅନୁଯାୟୀ, ଦୀପକ ସେହି ସମୟରେ ଭିଡିଓ ଶୁଟ୍ କରିବା ସହ ସୁରକ୍ଷାକର୍ମୀ ଓ ହସ୍ପିଟାଲ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉସୁକାଇଥିଲେ। ଭିଡ଼ ଭିତରେ ସୁରକ୍ଷାକର୍ମୀ ସୁବ୍ରତ ବିଶ୍ୱାଳଙ୍କୁ ଇଙ୍ଗିତ କରି 'ୟାକୁ ଜୀବନରୁ ମାରିଦିଅ' ବୋଲି କହିଥିଲେ। ଏହା ପରେ ଦୀପକ ଓ ଅନ୍ୟମାନେ ମିଳିତ ଭାବରେ ସୁବ୍ରତଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତ ଦୀପକଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୩ଟି ମାମଲା ରହିଛି। ଏନେଇ ସୁବ୍ରତଙ୍କ ଏତଲାକୁ ଭିତ୍ତିକରି କ୍ୟାପିଟାଲ ଥାନା ପୋଲିସ ମାମଲା (ନଂ.୫୬୬/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ୟୁଟ୍ୟୁବ୍‌ରେ ଦୀପକଙ୍କର ୱେବିଗୋ ଟିଭି ନାମରେ ଏକ ଚ୍ୟାନେଲ ଥିବାବେଳେ ଏଥିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି। ସେହିପରି ଫେସ୍‌ବୁକରେ ମଧ୍ୟ ଏହି ଚ୍ୟାନେଲର ୧.୯୭ ଲକ୍ଷ ଫଲୋଅର୍ସ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଆକ୍ରମଣକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୁରକ୍ଷାକର୍ମୀମାନେ ମଙ୍ଗଳବାର ଧାରଣାରେ ବସିଥିଲେ।


ଓଡ଼ିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

**ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନ**

No.V-08:ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ୨୦୨୫-୨୬ ବର୍ଷ ପାଇଁ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ http://www.scholarship.odisha.gov.in URL ରେ କରିବେ ।

ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ସେ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାରେ ଅତିକମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।
- ରାଜ୍ୟ ବାହାରେ କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଓଡ଼ିଶାର ବାସିନ୍ଦା ଛାତ୍ରବୃତ୍ତି ପାଇଁ ଯୋଗ୍ୟ ହେବେ ।

ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ. | କାର୍ଯ୍ୟକ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୬.୦୯.୨୦୨୫ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୦୧.୨୦୨୬ |

**ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଛାତ୍ରଛାତ୍ରୀମାନେ ପଞ୍ଜୀକରଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL (OSSP) ରେ "HOW TO APPLY" ବିଭାଗରେ ଜାଣିପାରିବେ ।
2. OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
3. ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୨୦୨୫-୨୬ ବର୍ଷରୁ "ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ" (OSSP) ଅର୍ଥାତ୍ scholarship.odisha.gov.in ରେ ଅନଲାଇନ ଛାତ୍ରବୃତ୍ତି ଆବେଦନ କରିବା ପୂର୍ବରୁ NSP ଅର୍ଥାତ୍ scholarships.gov.in କୁ ଯାଇ ଏକକାଳୀନ ପଞ୍ଜୀକରଣ ନମ୍ବର (OTR) ସୃଷ୍ଟି କରିବା ବାଧ୍ୟତାମୂଳକ ଅଟେ । ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟା OSSPର ହୋମ୍ ପେଜ୍‌ରେ ପ୍ରଦାନ କରାଯାଇଛି ।
4. NSP ରୁ OTR ପାଇବା ପରେ OSSP ରେ ହିଁ ଛାତ୍ରବୃତ୍ତି ଆବେଦନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ NSP ରେ କୌଣସି ଆବେଦନ ନକରିବାକୁ ପରାମର୍ଶ ଦିଆଯାଉଛି ।
5. ଛାତ୍ରବୃତ୍ତି ରାଶି କେବଳ ଆଧାର-ସଂଯୋଜିତ ବ୍ୟାଙ୍କ ଖାତାରେ ହିଁ ପ୍ରଦାନ କରାଯିବ । ତେଣୁ, ଆବେଦନକାରୀମାନେ ନିଶ୍ଚିତ କରିବେ ଯେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଆଧାର ନମ୍ବର ସହିତ ସଂଯୋଜିତ ହୋଇଛି । ଛାତ୍ରବୃତ୍ତିର ଏକ ଛୋଟ ଅଂଶ (top-up) ଆବେଦନକାରୀ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ-ଆକାଉଣ୍ଟରେ ପ୍ରଦାନ କରାଯିବ ।
6. ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି । ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ ।
7. ୧ ଫେବୃଆରୀ, ୨୦୨୦ ପରେ ଜାରି ହୋଇଥିବା ଆୟ ଏବଂ ଜାତି ପ୍ରମାଣପତ୍ର ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ମାଧ୍ୟମରେ ଯାଞ୍ଚ କରାଯିବ । ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନରେ ଆୟ/ଜାତି ପ୍ରମାଣପତ୍ରର ରେଫରେନ୍ସ ନମ୍ବର (E-CAS/INC....) ଏବଂ token number ପ୍ରଦାନ କରିବେ । ଯେଉଁ ଛାତ୍ରଛାତ୍ରୀମାନେ ୧ ଫେବୃଆରୀ ୨୦୨୦ ପୂର୍ବରୁ ଜାତି ପ୍ରମାଣପତ୍ର ପାଇଛନ୍ତି ସେମାନେ ଅନଲାଇନ୍ ଆବେଦନରେ ଏହାକୁ ଅପଲୋଡ୍ କରିବେ ।
8. ନୂତନ ପଞ୍ଜୀକରଣ ଏବଂ ନୂତନ ପାଠ୍ୟକ୍ରମରେ ନବୀକରଣ ଆବେଦନରେ କେବଳ ଚଳିତ ବର୍ଷ ୨୦୨୫-୨୬ କିମ୍ବା ତା ପୂର୍ବ ଦୁଇ ବର୍ଷ ଅର୍ଥାତ୍ ୨୦୨୩-୨୪ ଏବଂ ୨୦୨୪-୨୫ ରେ ଜାରି କରାଯାଇଥିବା ଆୟ ପ୍ରମାଣପତ୍ର ହିଁ ଗ୍ରହଣ କରାଯିବ ।
9. ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବିବରଣୀ ଏବଂ ପ୍ରମାଣପତ୍ର/ମାର୍କସିଟ୍ ସମ୍ପୃକ୍ତ ବିଭାଗରେ ପ୍ରଦାନ କରିବେ ।
10. ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କର ଡିଜିଲକର ବ୍ୟବହାର କରନ୍ତୁ ଏବଂ ସେଥିରେ ସମ୍ପୃକ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାର୍କ-ସିଟ୍/ସାର୍ଟିଫିକେଟ୍ ଭଳି ଶିକ୍ଷାଗତ ଡକ୍ୟୁମେଣ୍ଟ ରଖନ୍ତୁ । ଛାତ୍ରଛାତ୍ରୀମାନେ OSSPରେ ଡିଜିଲକର ସୁବିଧା ବ୍ୟବହାର କରି ସେମାନଙ୍କର ଛାତ୍ରବୃତ୍ତି ଆବେଦନରେ ଆବଶ୍ୟକ ଶିକ୍ଷାଗତ ଡକ୍ୟୁମେଣ୍ଟ ଆଣିପାରିବେ ।
11. ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମାଟରେ (ଫର୍ମ ଲଗଇନ୍ ପୃଷ୍ଠାରେ ପ୍ରଦାନ କରାଯାଇଛି) ଅନୁଷ୍ଠାନ ମୁଖ୍ୟ/କର୍ତ୍ତୃପକ୍ଷଙ୍କ ଦ୍ୱାରା ସିଲ୍ ଏବଂ ସ୍ୱାକ୍ଷର ହୋଇଥିବା institution declaration form ଅପଲୋଡ୍ କରିବେ ।
12. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ Password ଗୋପନୀୟ ରଖିବାକୁ ଅନୁରୋଧ । ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି ପ୍ରକାରର ଚଞ୍ଚକତା ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

**ଶିକ୍ଷାନୁଷ୍ଠାନଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

1. ଅନୁଷ୍ଠାନର OSSP ପ୍ରୋଫାଇଲରେ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ସମ୍ପୃକ୍ତ ସଂସ୍ଥା/ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱୀକୃତି ପ୍ରମାଣପତ୍ର ଏବଂ affiliation କପି ନିଶ୍ଚିତ ଭାବରେ ଅପଲୋଡ୍ କରିବେ ।
2. ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ (HoI) ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ମାନେ ୨୦୨୪-୨୦୨୫ ରୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ କରିବା ଅନିବାର୍ଯ୍ୟ ଅଟେ । ପୋର୍ଟାଲରେ ଯେଉଁ ଶିକ୍ଷାନୁଷ୍ଠାନମାନଙ୍କ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣ ହୋଇଛି, କେବଳ ସେମାନେ ହିଁ ଆବେଦନ ଗୁଡିକୁ ଆଗକୁ ପ୍ରକ୍ରିୟାକରଣ କରିପାରିବେ । ପୋର୍ଟାଲରେ ଶିକ୍ଷାନୁଷ୍ଠାନ ଗୁଡିକର ନିଜର ଲଗ-ଇନ୍ ପେଜରେ ବାୟୋମେଟ୍ରିକ୍ E-KYC ପ୍ରମାଣୀକରଣର ବ୍ୟବସ୍ଥା ରହିଛି ।
3. ଯେଉଁ ଅନୁଷ୍ଠାନର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ (HoI) କିମ୍ବା/ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ବଦଳି ହୋଇଛନ୍ତି, ସେଠାରେ ବର୍ତ୍ତମାନ HOI/INO ପଦବୀରେ ଥିବା ବ୍ୟକ୍ତିଙ୍କୁ OSSP ରେ ବାୟୋମେଟ୍ରିକ୍ E-KYC ପ୍ରାମାଣୀକରଣ ଏବଂ ସେମାନଙ୍କର ପ୍ରୋଫାଇଲ୍ ପୃଷ୍ଠାରେ ବିବରଣୀକୁ ବାଧ୍ୟତାମୂଳକ ଭାବରେ ଅପଡେଟ୍ କରିବେ ।
4. ଅନୁଷ୍ଠାନ/DWOମାନେ ଶେଷ ତାରିଖକୁ ଅପେକ୍ଷା ନକରି ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

OIPR-26001/11/0016/2526




୨୪।୦୯।୨୦୨୫

| | |
|---|---|
| ୨,୮୬,୩୫୯ ଟଙ୍କା | |
| ସୁନା | ୭୦୦ ମିଲିଗ୍ରାମ୍ |
| ରୁପା | ୮୮ ଗ୍ରାମ୍ |

# ଗଣେଶ ଭସାଣିରେ ଆକ୍ରମଣ, ୬ ଗିରଫ

ବଲଙ୍ଗା,୨୪।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମଉଗଜପୁର ଗ୍ରାମ ଦଳିତସାହିରେ ମଙ୍ଗଳବାର ଗଣେଶ ଭସାଣି ହୋଇଥିଲା। ଏହି ଭସାଣି ଶୋଭାଯାତ୍ରା ବେଳେ କେତେଜଣ ଅସାମାଜିକ ବ୍ୟକ୍ତି ଉଗ୍ରରୂପ ଧାରଣକରି ଗଣ୍ଡଗୋଳ କରିବା ସହ ୩ ଜଣଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବା ବେଳେ ଜଣେ ମହିଳାଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ପରେ ଏକ ମେଡିସିନ ଦୋକାନ ଭଙ୍ଗାରୁଜା ସହିତ ଅଭିଯୋଗକାରୀଙ୍କ ଘର ଭିତରେ ପଶି ଭଙ୍ଗାରୁଜା କରିଛନ୍ତି। ଖବରପାଇ ବଲଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ୬ ଗଣ୍ଡଗୋଳକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ପ୍ରଦୀପ ବେହେରା, ନଟବର ପରିଡ଼ା, ପ୍ରକାଶ ବେହେରା, ମିଟୁ ପରିଡ଼ା, ମନୋଜ ପରିଡ଼ା ଓ ପ୍ରଭାତ କୁମାର ପରିଡ଼ା। ଏନେଇ ପୋଲିସ କେସ୍ ନଂ.୨୦୯/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଚକ ବଲଙ୍ଗାର ସୁବାସ ଖଟୁଆଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ରାତିରେ ମଉଗଜପୁର(ଭୋଇସାହି)ର ଗଣେଶ ଭସାଣି ହୋଇଥିଲା। ସୁବାସଙ୍କ ଘର ଦେଇ ଭସାଣି ଶୋଭାଯାତ୍ରା ଯାଉଥିବା ବେଳେ କେତେଜଣ ଲୋକ ମଦପିଇ କାଚ ଭାଙ୍ଗିଥିଲେ। କାଚଗୁଣ୍ଡ ସୁବାସଙ୍କ ପୁତୁରା ସୁନୀଲ ଖଟୁଆ ଏବଂ ତାଙ୍କ ସାଙ୍ଗ ଆଲୋକ ବେହେରାଙ୍କ ଉପରେ ପଡ଼ିଥିଲା। କାହିଁକି ଏଠାରେ ମଦକାଚ ଭାଙ୍ଗୁଚ ବୋଲି କହିବାରୁ ସେମାନେ ଅଭିଯୋଗକାରୀଙ୍କ ପୁତୁରାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତୁମେ କିଏ କହି ମଦ୍ୟପମାନେ ସେମାନଙ୍କୁ ବାଡ଼େଇବା ପାଇଁ ବାରମ୍ବାର ଚିହିଁକି ଆସିବାରୁ ଏହି ସମୟରେ ମହାବୀର ପ୍ରସାଦ ବରାଳ ସେଠାରେ ପହଞ୍ଚି ତାଙ୍କୁ ବୁଝାଶୁଝା କରୁଥିଲେ। ମଦ୍ୟପମାନେ ମହାବୀର ପ୍ରସାଦ ବରାଳ ଓ ସୁବାସଙ୍କ ଦୁଇ ପୁତୁରାଙ୍କୁ ମାଡ଼ ମାରିଥିଲେ। ନିକଟରେ ଥିବା ଗୀତାଞ୍ଜଳି ଔଷଧ ଦୋକାନରେ ପଶି ଭଙ୍ଗାରୁଜା କରି ଲକ୍ଷାଧିକ ଟଙ୍କାର ଔଷଧ ନଷ୍ଟ କରିଛନ୍ତି। ଦୋକାନ ମାଲିକ ସତ୍ୟନାରାୟଣ ଦାଶ ଏବଂ ତାଙ୍କ ବାପା ସଚ୍ଚିଦାନନ୍ଦ ଦାଶ(୭୬) ଙ୍କୁ ମାଡ଼ ମାରିବା ସହିତ ଗେଟ୍ ଭିତରେ ପଶି କ୍ଲିନିକ୍ ଦୁଆର କାଚକୁ ଭାଙ୍ଗି ଦେଇଥିଲେ। ପରିବାର ଲୋକ ସେଠାକୁ ଯିବାରୁ ସୁବାସଙ୍କ ପରିବାର ଲୋକଙ୍କୁ ଇଟାଖଣ୍ଡ ଫୋପାଡ଼ିଥିଲେ। ସୁବାସଙ୍କ ସ୍ତ୍ରୀ ରଞ୍ଜୁଲତା ଖଟୁଆଙ୍କୁ ସେମାନେ ଭିଡ଼ିନେଇ ତଳେ ପକାଇବା ସହ ମୁଣ୍ଡରେ ଇଟାରେ ଛେଚି ଦେଇଥିବା ଜଣାପଡ଼ିଛି। ସୁବାସଙ୍କ ସ୍ତ୍ରୀ ମରିଗଲା ବୋଲି ସେମାନେ ଭାବି ପାଚେରି ତଳକୁ ଥିବା କଦଳୀ ବଗିଚାକୁ ଫୋପାଡ଼ି ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଶ୍ରୀମନ୍ଦିରରେ ମୋବାଇଲ୍ ବାରଣ ହେଉ

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମୋବାଇଲ୍ ବାରଣ ହେଉ, ଲ୍ୟାଣ୍ଡ ଫୋନ୍ ଅଧିକ ମାତ୍ରାରେ ସଂଯୋଗ କରାଯାଉ ବୋଲି ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିର ଭିତରକୁ ସମସ୍ତ ଜେଟିପି, ପୋଲିସ ଅଧିକାରୀ, ସେବାୟତମାନେ ମୋବାଇଲ ଫୋନ୍ ନେଇ ଯାଉଛନ୍ତି। ଫଳରେ ସେମାନଙ୍କୁ ଦେଖି କିଛି ଭକ୍ତମାନେ ମୋବାଇଲ୍ ନେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି ଓ ଧରାପଡ଼ି ଫାଇନ ଗଣୁଛନ୍ତି। ଭକ୍ତମାନଙ୍କ ଉପରେ କଟକଣା ଲଗାଇ ପ୍ରଶାସନ ଚୁପ୍ ବସି ପଡୁଛି। ଅଧିକାରୀମାନଙ୍କ ଉପରେ ମୋବାଇଲ ବାରଣ ନେଇ ପ୍ରଶାସନ ବାରମ୍ବାର ପ୍ରତିକ୍ରିୟା ଦେଉଥିଲେ ମଧ ଫଳଶୂନ। ସମସ୍ତଙ୍କ ପାଇଁ ଏକକ ନିୟମ କାର୍ଯ୍ୟକାରୀ ହେଉ। ଜେଟିପି, ପୋଲିସ ଅଧିକାରୀଙ୍କଠାରୁ ଆରମ୍ଭ କରି ସେବାୟତଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ନେବାକୁ ବାରଣ କରାଯାଉ। ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ, ଶ୍ରୀମନ୍ଦିର ଭିତରେ ଥିବା ବିଭିନ୍ନ ନିଯୋଗରେ ଅଧିକ ମାତ୍ରାରେ ଲ୍ୟାଣ୍ଡ ଫୋନ ସଂଯୋଗ କରାଯାଉ। ଫଳରେ ଶ୍ରୀମନ୍ଦିର ଭିତରେ କୌଣସି ଜରୁରୀ ଖବର ଲ୍ୟାଣ୍ଡ ଫୋନ ମାଧ୍ୟମରେ ଯୋଗାଯୋଗ କରିହେବ ବୋଲି ମତବ୍ୟକ୍ତ କରି କହିଛନ୍ତି।

## କତା କଣ୍ଢେଇ ସମୃଦ୍ଧି ଯୋଜନାର ଉଦ୍‌ଘାଟନୀ ସମାରୋହ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨୪।୯(ବିଚିତ୍ରାନନ୍ଦ ସାହୁ)

ମହାଶକ୍ତି ଫାଉଣ୍ଡେଶନ ଭୁବନେଶ୍ୱର ପକ୍ଷରୁ ଟିପିସିଓଡିଏଲ ସହାୟତାରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ନଡଣା ଗ୍ରାମଠାରେ କତା କଣ୍ଢେଇ ସମୃଦ୍ଧି ଯୋଜନାର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ନିମାପଡ଼ା ବ୍ଲକ୍‌ର ବିପିଏମ୍ ମୋନାଲିସା ତ୍ରିପାଠୀ, ବିଏଲ୍‌ସି. ସବ୍ୟସାଚୀ ମହାରଣା, ସିଏସ୍ଆର ମୁଖ୍ୟ ପ୍ରଦୀପ ଘୋଷାଲ, ରଶ୍ମି ପଟ୍ଟନାୟକ, ଅରୁଣ ମହାନ୍ତି, ସୁବ୍ରତ ପଟ୍ଟନାୟକ, ନିମାପଡ଼ା ବ୍ଲକ୍‌ର ମାଷ୍ଟର କ୍ରାଫ୍ଟ ପର୍ସନ (ଏମଏଲ୍‌ପି) ଅମିୟ ପୌଦାର, ମହାଶକ୍ତି ଫାଉଣ୍ଡେଶନର ନିର୍ଦ୍ଦେଶକ ମୋହନ କୁମାର ବଳିୟାରସିଂ, ମୁସ୍କାନ ଅଗ୍ରୱାଲ, ସୁରଜିତ ପଟ୍ଟନାୟକ, ସମାଧାନ ରଥ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଓ କର୍ମଶାଳାର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ, ଡିଜାଇନ୍ ବିକାଶ, ବଜାର ସହାୟତା, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହ ସମ୍ପର୍କ ସ୍ଥାପନ, କତା ଶିଳ୍ପର ବିକାଶ, ଏହି ଶିଳ୍ପର ପ୍ରଚାର ପ୍ରସାର ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ନଡଣା କ୍ଲଷ୍ଟର୍‌ର ୫୦ ଜଣ ମହିଳା କତାଶିଳ୍ପୀ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ଆର୍ଥିକ ବର୍ଷରେ ୨ଶହ ନଡ଼ିଆ କତାଶିଳ୍ପୀଙ୍କ ସହିତ ଏକ ପ୍ରକଳ୍ପ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଲକ୍ଷ୍ୟ ରଖାଯାଇଥିବା ଅନୁଷ୍ଠାନ ପକ୍ଷରୁ ଜଣାପଡ଼ିଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ସମୃଦ୍ଧ ଯୋଜନା' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା।

## ରାଜ୍ୟ ବାହାରକୁ ଗଲେ କରିବେ ସରକାରୀ ପଞ୍ଜୀକରଣ

ପିପିଲି,୨୪।୯(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)

■ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ସଚେତନତା ଶିବିର

ପୁରୀ ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରୀ ମଙ୍ଗଳ ମହିଳା ସମିତି ପକ୍ଷରୁ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସହ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ, ଅନ୍ୟତମ ସହ ଶ୍ରମ ଅଧିକାରୀ ଆଶୁତୋଷ ସାହୁ, ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ ଯୋଗଦେଇ ଶ୍ରମ ସଚେତନତା ଆଇନ ଓ ବିଭିନ୍ନ ସରକାରୀ ନୀତିନିୟମ ବିଷୟରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକମୁକ୍ତ ଓଡ଼ିଶା କରିବା ପାଇଁ ବିପଦସଙ୍କୁଳ ବୃତ୍ତି ନିରୋଧ ଓ ଦଣ୍ଡନୀୟ ଏବଂ ପ୍ରବାସୀ ଶ୍ରମିକ ନିଜର ସମସ୍ତ ବ୍ୟକ୍ତିଗତ ତଥ୍ୟ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକୃତ କରିବା ଆବଶ୍ୟକ ବୋଲି ଶ୍ରମ ଅଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କ ସହିତ ନାରୀ ମଙ୍ଗଳ ମହିଳା ସମିତିର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସମିତିର ସଂଯୋଜିକା ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।


ଭାରତ ପେଟ୍ରୋଲିୟମ୍ ଏବଂ କୋଲକାତା ସୋସାଇଟି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପୁରୀ ବେଳାଭୂମି ସଫେଇ କରାଯାଉଛି।

## ଶେଷ ମୁହୂର୍ତ୍ତରେ ବାତିଲହେଲା ଭିନ୍ନକ୍ଷମ ଚିହ୍ନଟ ଶିବିର

ଡେଲାଙ୍ଗ,୨୪।୯(ରଶ୍ମିରଞ୍ଜନ ପ୍ରଧାନ)

**ନିରାଶ ହୋଇ ଫେରିଲେ ଆଶାୟୀ ଭିନ୍ନକ୍ଷମ**

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ପୂର୍ବାହ୍ନରେ ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ଆଭା ଅନୁଷ୍ଠାନ ପରିସରରେ କରାଯିବ ବୋଲି ଡେଲାଙ୍ଗ ବିଡିଓ ସମସ୍ତଙ୍କୁ ଅବଗତ କରାଇଥିଲେ। ଶେଷ ମୁହୂର୍ତ୍ତରେ ଏହା ବାତିଲ୍ ହୋଇଯିବାରୁ ଶତାଧିକ ଭିନ୍ନକ୍ଷମ ଓ ତାଙ୍କ ସହଯୋଗୀମାନେ ଅନୁଷ୍ଠାନ ଫାଟକରୁ ନିରାଶ ହୋଇ ଫେରିଯିବାକୁ ବାଧ ହୋଇଛନ୍ତି। ଅଟୋରିକ୍ସା ଭଡ଼ା ଦେଇ ଦୂରଦୂରାନ୍ତରୁ ଭିନ୍ନକ୍ଷମମାନେ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚି ଜାଣିବାକୁ ପାଇଥିଲେ ଯେ, ବ୍ଲକ୍ ପ୍ରଶାସନ ପକ୍ଷରୁ ଗତ ମଧ୍ୟରାତ୍ରିରୁ ଏହାକୁ ବାତିଲ କରାଯାଇଛି। ଆଇନଗତ ବିବାଦ ଯୋଗୁ ଆଭା ଅନୁଷ୍ଠାନ ପରିସରରେ ଏହି ଶିବିର କରାଯାଇପାରିବନି ବୋଲି ସ୍ପଷ୍ଟୀକରଣରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଶିବିର ପାଇଁ ଉକ୍ତ ଅନୁଷ୍ଠାନ ପକ୍ଷରୁ ଟେଣ୍ଟ ବନ୍ଧାଯିବା ସହ ବିଭିନ୍ନ ବିଭାଗ ପାଇଁ କାଉଣ୍ଟରମାନ ପ୍ରସ୍ତୁତି ସରିଥିଲା ଓ ଖାଦ୍ୟପେୟ ବ୍ୟବସ୍ଥା ମଧ ହୋଇଥିଲା। ଶେଷ ମୁହୂର୍ତ୍ତରେ ଏହା ବାତିଲ୍ କରାଯାଇଥିବାରୁ ଆଶାୟୀ ଭିନ୍ନକ୍ଷମଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବାତିଲ୍ ଆଦେଶ ମଙ୍ଗଳବାର କରାଯାଇଥିଲେ ଆଶାୟୀ ଭିନ୍ନକ୍ଷମମାନେ ଆସି ନ ଥାନ୍ତେ। ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏହି ଶିବିର ଆୟୋଜନ କରିବା ପରିବର୍ତ୍ତେ କାହିଁକି ଆଭା ଅନୁଷ୍ଠାନକୁ ଏହି ଦାୟିତ୍ୱ ଦେଇଥିଲେ, ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଫେରିଥିବା ଆଶାୟୀମାନଙ୍କୁ ଅଟୋରିକ୍ସା ଭଡ଼ା ପ୍ରଦାନ କରିବାକୁ ଦାବି କରାଯାଇଛି। ପୁରୀ ଜିଲାପାଳ ଏହି ସମସ୍ୟା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଆଶାୟୀ ଭିନ୍ନକ୍ଷମ ଅଭିଭାବକମାନେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

**ସାକ୍ଷୀଗୋପାଳ,୨୪।୯(ଭରତ ରାଉତ):** ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଏବଂ ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। +୨ ଏବଂ +୩ ଜାତୀୟ ସେବା ଯୋଜନାର ସମ୍ପାଦକ ଯଥା ପ୍ରକାଶ କୁମାର ସାହୁ ଓ ଦିଲୀପ କୁମାର ବେହେରା ଏହାକୁ ସଂଯୋଜନା କରିଥିଲେ। ଅଧ୍ୟକ୍ଷା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ସହ ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ପ୍ରାଧ୍ୟାପକ ମୁଦୁଲି ତାଙ୍କ ଅଭିଭାଷଣରେ ସ୍ୱେଚ୍ଛାସେବୀମାନଙ୍କୁ ଉପଦେଶ ଦେବା ସହିତ ଏହି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କର ଯୋଗଦାନ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ।

### ବିଶିଷ୍ଟ ସାମାଜିକ କର୍ମୀଙ୍କ ପରଲୋକ

**ନୟାହାଟ/ଯୋଗେଶ୍ୱରପୁର, ୨୪।୯ (ମହମ୍ମଦ ସମସୁଲ ଆରେଫିନ/ରଶ୍ମି ରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଖାଣିଯିପୁର ମହାନ୍ତି ସାହି ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ହୃଷୀକେଶ ମହାନ୍ତି (୬୩)ଙ୍କ ବୁଧବାର ତାଙ୍କ ବାସଭବନରେ ମୃତ୍ୟୁ ଘଟିଛି। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ପରିଚିତ ଥିଲେ। ହୃଷୀକେଶ ମା ଚର୍ଚ୍ଚିକା ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଓ କୁମାର ପୂର୍ଣ୍ଣିମା କମିଟିର ମୁଖ୍ୟ ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ସରପଞ୍ଚ ମୋନାଲିସା ସିଂହ, ବିଜେଡି ସଭାପତି ଆଲୋକ ରାୟ, ସମିତି ସଭ୍ୟ ଭାନୁମତୀ ମାଣିକ, ଯୁବନେତା ଅଭିମନ୍ୟୁ ସିଂହ, ନରସିଂହପୁର ହାଟ ସଭାପତି ବୁଦ୍ଧଦେବ ସାହୁ, ଇନ୍ଦ୍ରମଣି ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ପରିବାରକୁ ଶାନ୍ତନା ଦେଇ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ।

## ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)



ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

ଜାତୀୟ ସେବା ଯୋଜନାର ୫୬ତମ ଦିବସ ଅବସରରେ ବୁଧବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତପୂର୍ବ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇ ଜାତୀୟ ସେବା ଯୋଜନା ଦିବସ ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ଆଶ୍ରୟସ୍ଥଳୀ 'ଆଶ୍ରୟ'କୁ ଯାଇ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରି ଜାତୀୟ ସେବା ଯୋଜନା ଦିବସ ପାଳନ କରିଛନ୍ତି। ମହାବିଦ୍ୟାଳୟର ଭୂତପୂର୍ବ ସ୍ୱେଚ୍ଛାସେବୀ ପ୍ରତିନିଧି ଓମ୍ ପ୍ରସାଦ ମହାନ୍ତି (ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ)ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ସେବା ହିଁ ପରମ ଧର୍ମ'। ଏହି କାର୍ଯ୍ୟକ୍ରମର ପରିଚାଳନାରେ ସେବା ଯୋଜନାର ଭୂତପୂର୍ବ ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ବରାଳ, ତୃପ୍ତିମୟୀ ଶତପଥୀ, ପ୍ରଦୀପ କୁମାର ସାହୁ(ବିଶ୍ୱବିଦ୍ୟାଳୟ ପୁରସ୍କାରପ୍ରାପ୍ତ), ସୌମ୍ୟରଞ୍ଜନ ବାରିକ(ସ୍ୱେଚ୍ଛାସେବୀ ପ୍ରତିନିଧି) ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ହରପ୍ରସାଦ ଅତିଥିମାନଙ୍କୁ ସମ୍ମାନିତ କରି ରକ୍ତଦାନର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ରକ୍ତଦାନର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ରକ୍ତଭଣ୍ଡାର କଟକର ଡା. କିଶୋର ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡା. ରବି ଶଙ୍କର ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଅଭିଜିତ୍ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିପର୍ଯ୍ୟୟ ପରିଚାଳନା ତାଲିମ



ତାଲିମପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ନାହିଁ। କିନ୍ତୁ ଏହାର ସଫଳ ମୁକାବିଲା କରି ଧନଜୀବନ ଓ କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ। ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଓ ସଚେତନତାର ଆବଶ୍ୟକ ରହିଛି ବୋଲି ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ, ଗୋପ, ପିପିଲି ଓ ଡେଲାଙ୍ଗ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ୨୩ରୁ ୨ ଦିନିଆ ବିପର୍ଯ୍ୟୟ ପରିଚାଳନା ତାଲିମ୍ ଶିବିର ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କିପରି ବିପର୍ଯ୍ୟୟ ସମୟରେ ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ କରିବେ, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ତାଲିମ ଶିବିର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଶିବିରରେ ଓସ୍‌ଡମା ଦ୍ୱାରା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ତାଲିମ୍ ପ୍ରଦାନ କରିଥିଲେ ଏବଂ ଜିଲା ଆପଦ୍‌କାଳୀନ ବିଭାଗ ଏହି ଶିବିରକୁ ସୁପରିଚାଳନା କରିଥିଲା।

## ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ସାକ୍ଷୀଗୋପାଳ,୨୪।୯(ଭରତ ରାଉତ)


'ସତ୍ୟବାଦୀ ସ୍ୱାଭିମାନ ମଞ୍ଚ' ର ସଦସ୍ୟମାନେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସାକ୍ଷୀଗୋପାଳକୁ ବିଜ୍ଞାପିତ ପରିଷଦ ଘୋଷଣା କରିବା ପାଇଁ 'ସତ୍ୟବାଦୀ ସ୍ୱାଭିମାନ ମଞ୍ଚ' ତରଫରୁ ନୀହାର ରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଦିବାକର ମହାପାତ୍ର ପ୍ରମୁଖ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସତ୍ୟବାଦୀର ସ୍ୱାଭିମାନକୁ ବଜାୟ ରଖି ସତ୍ୟବାଦୀକୁ ଉନ୍ନତ ଓ ବିକଶିତ କରିବାକୁ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ 'ସତ୍ୟବାଦୀ ସ୍ୱାଭିମାନ ମଞ୍ଚ' ୨ ବର୍ଷ ତଳେ ମଧ ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା ପାଇଁ ପ୍ରଚେଷ୍ଟା କରିଥିଲା। ପୂର୍ବତନ ଓଡ଼ିଶା ସରକାର ସେ ସମୟରେ ଉକ୍ତ ସଂଗଠନର ଦାବିକୁ ଯଥାର୍ଥ ବୋଲି ବିବେଚନା କରି ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ହୋଇଥିବା ଏନ୍‌ଏସି ଘୋଷଣାକୁ ରଦ୍ଦକରି ନୂତନଭାବେ ୨୮ଟି ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। କିନ୍ତୁ ଏନ୍‌ଏସି ମାନ୍ୟତା ପାଇଁ ସାକ୍ଷୀଗୋପାଳ ସବୁଠୁ ଅଧିକ ଯୋଗ୍ୟ ଥିଲେ ମଧ ଓଡ଼ିଶା ସରକାର ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା କରିନାହାନ୍ତି, ଯାହାକି ସତ୍ୟବାଦୀ ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସାକ୍ଷୀଗୋପାଳର ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ପରିମଳ ବ୍ୟବସ୍ଥା, ଜଳ ନିଷ୍କାସନ, ଆଲୋକୀକରଣ, ବର୍ଜ୍ୟବସ୍ତୁ ପରିଚାଳନା, ଯାନବାହନ ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ପର୍ଯ୍ୟଟନ ପରିଚାଳନା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଗମନାଗମନର ସୁବିଧା ଆଦି ଜରୁରୀ ହୋଇପଡ଼ିଛି, ଯାହାକି ଅଞ୍ଚଳର ବିକାଶ ଉପରେ ନିର୍ଭର କରେ।

## ୩ୟ ଦିନରେ ପହଞ୍ଚିଲା ଜିପିଏଲ୍‌ଏଫ୍ କର୍ମୀଙ୍କ ଆନ୍ଦୋଳନ

ପିପିଲି, ୨୪।୯ (ପ୍ରଭାତ କୁମାର ମହାପାତ୍ର/ ଦୁର୍ଗା ମାଧବ ମିଶ୍ର)


ଜିପିଏଲ୍‌ଏଫ୍ କର୍ମୀମାନେ ଧାରଣାରେ ବସିଛନ୍ତି।

■ ସାମିଲ ହେଲେ ପୂର୍ବତନ ବିଧାୟକ

■ ଗୀତ ଗାଇ ସରକାରଙ୍କୁ ଗୁହାରି କଲେ ମହିଳା

ପିପିଲି ବ୍ଲକ୍‌ସ୍ତରୀୟ ଗୋଷ୍ଠୀ ସହାୟିକା କର୍ମୀ(ଜିପିଏଲ୍‌ଏଫ୍) ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଆନ୍ଦୋଳନ ବୁଧବାର ୩ୟ ଦିନରେ ପହଞ୍ଚିଛି। ଆନ୍ଦୋଳନରେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ସାମିଲ ହୋଇ ମହିଳାମାନଙ୍କ ପ୍ରତି ସରକାରଙ୍କ ଏଭଳି ଆବେଗକୁ ଘୋର ନିନ୍ଦା କରିବା ସହ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି। ଏଥିସହ ବ୍ଲକ୍ ଅଧ୍ୟକ୍ଷା ଓ ଜିଲା ପରିଷଦ ସଭ୍ୟମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମହିଳାମାନଙ୍କ ଦାବି ରଖିବେ ବୋଲି ବିଧାୟକ କହିଛନ୍ତି। ବିଜେଡି ମହିଳାମାନଙ୍କର ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିବା ବେଳେ ଦାବି ପୂରଣ ନିମନ୍ତେ ଦଳର ବିଧାୟକଙ୍କ ଦ୍ୱାରା ଏହାକୁ ବିଧାନସଭାରେ ପ୍ରସଙ୍ଗ କରାଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ପୂବା ଶାସନ ପଞ୍ଚାୟତ ବ୍ୟାଙ୍କ ମିତ୍ର ଗୀତାଞ୍ଜଳି ନାୟକ ସରକାରଙ୍କ ଅବଗତି ନିମନ୍ତେ ଏକ ଗୀତ ଗାଇ ସରକାରଙ୍କୁ ଗୁହାରି କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଗୋଷ୍ଠୀ ସହାୟିକା କର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା ଆଦି ରହିଥିବା ବେଳେ ସରକାର ଏଥିରେ ବ୍ୟତିକ୍ରମ ସୃଷ୍ଟି କରୁଛନ୍ତି। ଯେପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି, ସେପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ମହାସଂଘର ସଭାନେତ୍ରୀ ଗୀତାଞ୍ଜଳୀ ପ୍ରଧାନ କହିଛନ୍ତି। ଆନ୍ଦୋଳନ ସ୍ଥଳରେ ପୂର୍ବତନ ବିଧାୟକଙ୍କ ସହ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ ପ୍ରକାଶ ଧଳଙ୍କ ସହ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।




# ଆକର୍ଷଣ ସାଜିବ ଭୁବନେଶ୍ୱରର ମିରର ଇମେଜ୍


ଖବରଦାତା ସମ୍ମିଳନୀରେ ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି କର୍ମକର୍ତ୍ତାମାନେ।



## ବଳିପ୍ରଥା ବିରୋଧରେ ବାର୍ତ୍ତା ଦେବ ତୋରଣ

### ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି

ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)

ବାହାରେ ବଳିପ୍ରଥାକୁ ନେଇ ବାର୍ତ୍ତା, ଭିତରେ ଭୁବନେଶ୍ୱରର ମିରର ଇମେଜ। ଏଭଳି ନିଆରା ସାଜସଜ୍ଜା ପୁରୁଣା ଷ୍ଟେଶନ ବଜାର ଦୁର୍ଗାପୂଜାରେ ମୁଖ୍ୟ ଆକର୍ଷଣ ସାଜିବ। ପ୍ରତିବର୍ଷ ଅନ୍ୟମାନଙ୍କଠାରୁ ନିଆରା କରି ସହରବାସୀଙ୍କ ମନ ଜିଣୁଥିବା ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ମଧ୍ୟ ଏଥର ସାଜସଜ୍ଜା ଓ ତୋରଣରେ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିବା ସହ ମନ ଜିଣିବ। ସମିତି ପକ୍ଷରୁ ତିଆରି ଚାଲିଥିବା ତୋରଣରେ ବଳି ପ୍ରଥାକୁ ନେଇ ଭିନ୍ନ ବାର୍ତ୍ତା ରହିବ। କୌଣସି ଦେବାଦେବୀଙ୍କ ପୀଠରେ ପଶୁପକ୍ଷୀଙ୍କୁ ବଳି ନ ଦେଇ ପନିପରିବା କିମ୍ବା ଫଳମୂଳ ବଳି ଦେବା ପାଇଁ ଆହ୍ୱାନ ଦିଆଯିବ। ତୋରଣରେ ମହାଦେବଙ୍କ ଉଗ୍ରରୂପ, ମା' କାଳୀଙ୍କ ଆବିର୍ଭାବ ଏବଂ ତନ୍ତ୍ରମନ୍ତ୍ର ଉଚ୍ଚାରଣ ସାଙ୍ଗକୁ କିଛି ହୃଦୟସ୍ପର୍ଶୀ ସାଜସଜ୍ଜା ଦେଖିବାକୁ ମିଳିବ। ସେହିପରି ମା'ଙ୍କୁ ଦର୍ଶନ ସମୟରେ ମୁଣ୍ଡ ଉପରେ ପୂରା ଭୁବନେଶ୍ୱରକୁ ଭାସମାନ ଅବସ୍ଥାରେ ଦେଖିପାରିବେ ଶ୍ରଦ୍ଧାଳୁ। ପ୍ରବେଶପଥଠାରୁ ମଣ୍ଡପ ପର୍ଯ୍ୟନ୍ତ ସିଲିଂରେ ଭୁବନେଶ୍ୱରର ମନ୍ଦିରଗୁଡିକଠାରୁ ଆରମ୍ଭ କରି ବଡ ବଡ ଅଟ୍ଟାଳିକା, ଛକ ବଜାରଗୁଡିକର ଦୃଶ୍ୟ ତଳେ ଦର୍ପଣରେ ନିଚ୍ଛକ ଭାବେ ପ୍ରତିବିମ୍ବିତ ହେବ। କଳା ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୬୦ରୁ ଅଧିକ କାରିଗର ଦୁଇ ମାସ ହେବ ତୋରଣ ନିର୍ମାଣରେ ଲାଗିଛନ୍ତି। ତୋରଣର ଉଚ୍ଚତା ୪୦ଫୁଟ ରହିଥିବା ବେଳେ ଲମ୍ବ ୧୬୦ ଫୁଟ ରହିଛି ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ସମିତି ସଭାପତି ଗଣେଶ ପ୍ରସାଦ ସାହୁ କହିଛନ୍ତି।

### ଚାନ୍ଦିମେଢ଼ରେ ସୁନା ଅଳଙ୍କାର ପିନ୍ଧି ଦର୍ଶନ ଦେବେ ମା'

୧୯୫୫ ମସିହାରୁ ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମା'ଙ୍କ ପ୍ରଥମ ପୂଜା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଏହି ପୂଜା ୭୦ବର୍ଷରେ ପ୍ରଦାପର୍ଣ କରୁଛି। ମା' ଦୁର୍ଗା ସୁନା ଅଳଙ୍କାରରେ ଝଟକିବା ସହ ପାର୍ଶ୍ୱ ଦେବଦେବୀ ରୁପା ଅଳଙ୍କାରରେ ଦର୍ଶନ ଦେବେ। ଏବର୍ଷ ମା'ଙ୍କ ମୁକୁଟରେ ୨୦୦ଗ୍ରାମର ଅଧିକ ସୁନା ଅଳଙ୍କାର ମିଶାଯାଉଛି। ସେହିପରି ୨୨ଫୁଟ ଉଚ୍ଚତାର ଚାନ୍ଦି ମେଢ଼ ତିଆରି ହେଉଥିବା ବେଳେ ପଶ୍ଚିମବଙ୍ଗର କାରିଗରଙ୍କ ଦ୍ୱାରା ମା'ଙ୍କ ୧୬ ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।

### ପାରମ୍ପରିକ ବାଦ୍ୟରେ ଭସାଣ ଉତ୍ସବ

ସପ୍ତମୀ ତିଥିରୁ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ଚଉଅନ୍ନ ଭୋଗ ଏବଂ ଦଶମୀରେ ଦହି ପଖାଳ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ପାରମ୍ପରିକ ବାଦ୍ୟରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଷଷ୍ଠୀ ତିଥିରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସମିତିର ଯୁଗ୍ମ ସମ୍ପାଦକ ଚିନ୍ମୟ ସାମନ୍ତରାୟ, ରଞ୍ଜନ ଖଟାଇ, ଉପଦେଷ୍ଟା ଧନେଶ୍ୱର ଭୋଳ ଓ ଧୀରେନ୍ଦ୍ର କୁମାର ବଳ କହିଛନ୍ତି।

### ଭିଡ଼ ନିୟନ୍ତ୍ରଣ କରିବ ଏଆଇ କ୍ୟାମେରା

ଭିଡକୁ ନିୟନ୍ତ୍ରଣ ପାଇଁ ଏଆଇ କ୍ୟାମେରାର ବ୍ୟବହାର କରାଯାଉଛି। ଏଥିରେ ଲୋକଙ୍କ ଫଟୋ ସହିତ କଥାବାର୍ତ୍ତା ରେକର୍ଡ ହୋଇପାରିବ। ଏଥିସହ ୫୦ଟି ସିସି ଟିଭି କ୍ୟାମେରା ଲାଗାଯାଉଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ପୂଜା ସମୟରେ ପୋଲିସ କର୍ମଚାରୀ ମୁତୟନ ହେବେ। ଗାଡ଼ି ପାର୍କିଂଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଷ୍ଟଲ ଓ ଖେଳନା ଯନ୍ତ୍ର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମଣ୍ଡପକୁ ଆସୁଥିବା ମହିଳା, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ପୂଜାର୍ଚ୍ଚନା ପାଇଁ ମହିଳା ଓ ପୁରୁଷ ସେଚ୍ଛାସେବୀ ନିୟୋଜିତ ରହିବେ। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା ଓ ଛୋଟପିଲାଙ୍କ ପାଇଁ ସ୍ତନ୍ୟପାନ ଗୃହ ନିର୍ମାଣ କରାଯାଇଛି ବୋଲି ସମ୍ପାଦକ ଦୀପକ କୁମାର ଜେନା କହିଛନ୍ତି।

## ରେଳ କର୍ମଚାରୀଙ୍କୁ ୧୮୬୬ କୋଟିର ବୋନସ୍

ନୂଆଦିଲ୍ଲୀ, ୨୪।୯

କେନ୍ଦ୍ର ସରକାର ବୁଧବାର ୧୦.୯୦ ଲକ୍ଷ ରେଳ କର୍ମଚାରୀଙ୍କ ପାଇଁ ୧୮୬୬ କୋଟି ଟଙ୍କାର ପ୍ରଡକ୍ଟିଭିଟି ଲିଙ୍କଡ୍ ବୋନସ୍ (ପିଏଲ୍‌ବି)କୁ ଅନୁମୋଦନ କରିଛନ୍ତି। ୯୦୦,୯୧,୧୪୬ କର୍ମଚାରୀଙ୍କ ପାଇଁ ଘୋଷିତ ଉପରୋକ୍ତ ବୋନସ୍ ସେମାନଙ୍କ ୭୮ ଦିନର ମଜୁରୀ ସହ ସମାନ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାର ପ୍ରତିବର୍ଷ ଦୁର୍ଗାପୂଜା/ଦଶହରା ଛୁଟି ପୂର୍ବରୁ ରେଳ କର୍ମଚାରୀଙ୍କୁ ପିଏଲ୍‌ବି ପ୍ରଦାନ କରିଥାନ୍ତି। ଗତ ବର୍ଷ ମୋଦି ସରକାର ୨,୦୨୯ କୋଟି ଟଙ୍କାର ବୋନସ ଦେଇଥିଲେ, ଯହିଁରୁ ୧୧,୭୨,୨୪୦ କର୍ମଚାରୀ ଉପକୃତ ହୋଇଥିଲେ।

## ସୁରମ୍ୟ ଝଙ୍କଡ଼ର ଆଲୋଚନାଚକ୍ର

ଭୁବନେଶ୍ୱର, ୨୪।୯(ସୌମ୍ୟରଞ୍ଜନ ରାଉତ)

ସୁରମ୍ୟ ଝଙ୍କଡ଼ ଆନୁକୁଲ୍ୟରେ ମାସିକ ବୌଦ୍ଧିକ ଚିନ୍ତନ ଓ ପ୍ରତିଭା ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ପାନ୍ଥ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠ ପୋଷକ ପୂର୍ବତନ କୁଳପତି ପ୍ରଫେସର ଶୁକଦେବ ନନ୍ଦ, ପୂର୍ବତନ କୁଳପତି ଜୟକୃଷ୍ଣ ବରାଳ, ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରସନ୍ନ କୁମାର ମିଶ୍ର, ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀତ, ପ୍ରଫେସର ଅମୀୟ କୁମାର ପଟ୍ଟନାୟକ, ପ୍ରଫେସର ରବୀନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ଡ. ସୁରେନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ. ପୀତାମ୍ବର ରାଉତ ଧନ୍ୟବାଦ ଦେଇଥିଲେ।

## 'ନବ ଭାରତର ଚୈତନ୍ୟ'ରେ ଗାଁର କଥା


କୋଲ୍‌କାତାର ୟୁନିଟ୍ ମାଲଞ୍ଚର କଳାକାରଙ୍କ ଦ୍ୱାରା ପରିବେଷିତ ବଙ୍ଗଳା ନାଟକ 'ନବ ଭାରତର ଚୈତନ୍ୟ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୨୪।୯
(ସୌମ୍ୟରଞ୍ଜନ ରାଉତ)

ପଶ୍ଚିମବଙ୍ଗ ନଦିଆ ଜିଲା କୁଷ୍ଟିଆର କୁମାରଖାଲି ଗ୍ରାମରେବୋହେମିଆନ ଲାଲୁ ନାମକ ଜଣେ ପିଲା ଥିଲେ। ତାଙ୍କର ମନ ପାଠପଢିବାରେ ବା କୌଣସି କାର୍ଯ୍ୟ କରିବାରେ ଆଗ୍ରହ ହେଉ ନ ଥିଲା। କିନ୍ତୁ ସେ ସର୍ବଦା ତାଙ୍କ ଅଞ୍ଚଳର ପାରମ୍ପାରିକ ଲୋକକଳା ଗୀତ ଗାଇବାରେ ମଜି ରହୁଥିଲେ। ଗୋଟିଏ ଦିନ କବିରାଜ କୃଷ୍ଣପ୍ରସନ୍ନଙ୍କ ସହିତ ତୀର୍ଥଯାତ୍ରା କରୁଥିଲାବେଳେ ଲାଲୁଙ୍କୁ ହଠାତ୍ ହାଡ଼ ଫୁଟି ରୋଗ ହୋଇଗଲା। ଧୀରେ ଧୀରେ ଶରୀର କ୍ଷୀଣ ହେବାରେ ଲାଗିଲା। ପରେ ସେ ମରିଗଲା ଭାବି ତାଙ୍କ ଶରୀରକୁ ନଦୀ ପାଣିରେ ଭସାଇ ଦିଆଗଲା। ରାବେୟା ବେଗମ ନାମକ ଜଣେ ମୁସଲିମ୍ ମହିଳା ତାଙ୍କୁ ନଦୀ ଜଳରୁ ଉଦ୍ଧାର କରି ଘରେ ଆଶ୍ରୟ ଦେଇ ଚିକିତ୍ସା କରାଇଥିଲେ। ଲାଲୁ ସୁସ୍ଥ ହୋଇଥିଲେ ମଧ୍ୟ ସ୍ମୃତି ଶକ୍ତି ହରାଇ ବସିଥିଲେ। କିନ୍ତୁ ରାବେୟା ତା'ର ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଜାତି ଏବଂ ଧର୍ମକୁ ବିଚାର ନ କରି ପୁଅ ପରି ସ୍ନେହ ମମତାରେ ପାଳିଲେ। ଏହା ଭିତରେ ଅନେକ ବର୍ଷ ବିତିଯାଇଥିଲା, ଲାଲୁ ବାଳକରୁ ଯୁବକ ହୋଇଯାଇଥିଲେ ମଧ୍ୟ ସେ ତା'ର ପଛ କଥାକୁ ମନେ ପକେଇ ପାରୁନ ଥିଲେ। ଏହାପରେ ତାଙ୍କ ଜୀବନରେ ଘଟିଲା ଏକ ବଡ଼ ପରିବର୍ତ୍ତନ। ଦିନେ ହଠାତ୍ ଲାଲୁ ତା'ର ପିଲାଦିନର ସାଙ୍ଗମାନଙ୍କୁ ଦେଖି ତା'ର ସ୍ମୃତି ଶକ୍ତି ଫେରି ପାଇଲା। ଏଥିସହ ମନ ପଡ଼ିଗଲା ତାର ମା', ଗାଁ ଆଉ ସାଙ୍ଗସାଥୀଙ୍କ କଥା। ପିଲା ଦିନେ ଗାଉଥିବା ଗାଁ ଲୋକସଙ୍ଗୀତର କଥା। ଏପରି ଏକ କାହାଣୀକୁ ନେଇ ପରିବେଷିତ ହୋଇଥିଲା ବେଙ୍ଗଲୀ ନାଟକ 'ନବ ଭାରତର ଚୈତନ୍ୟ'। ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଚତୁର୍ଥ ଜାତୀୟ ନାଟ୍ୟ ମହୋତ୍ସବରେ ଏହି ନାଟକ ପରିବେଷଣ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଥିଲେ ଦେବାଶିଷ ସରକାର। ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ, ଓଡ଼ିଶା ନାଟ୍ୟ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ, ସମ୍ପାଦକ ଶୁଭକାନ୍ତ ପାଢୀ ଓ ଅନ୍ୟତମ ସମ୍ପାଦକ ସୁଶିଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ନୂଆ କର୍ମକର୍ତ୍ତା ନିର୍ବାଚିତ, ୮ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

### ବେହେରାସାହି ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା

ଭୁବନେଶ୍ୱର, ୨୪।୯(ସୌମ୍ୟରଞ୍ଜନ ରାଉତ)

ବେହେରାସାହି ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା ବୁଧବାର



ନୟାପଲ୍ଲୀସ୍ଥିତ ଶ୍ରୀକୃଷ୍ଣ କ୍ଲବ୍‌ଠାରେ ସଭାପତି ଅଶ୍ୱିନୀ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ୮୦ ବର୍ଷରୁ ଉର୍ଦ୍ଧ୍ୱ ୮ ଜଣ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ସ୍ୱତନ୍ତ୍ର ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୂତନ କମିଟି ଗଠନ ପାଇଁ ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଇଂ. ସୁଧାକର ପତ୍ରି, କାର୍ଯ୍ୟକାରୀ ସଭାପତି ରାଜକିଶୋର ସାମନ୍ତରାୟ, ଉପସଭାପତି ଜୟଶଙ୍କର ପାଢ଼ୀ, ସାଧାରଣ ସମ୍ପାଦକ ଖଗେଶ୍ୱର ସେଠୀ, ସହକାରୀ ସମ୍ପାଦକ ନାରାୟଣ ଦାସ, କୋଷାଧ୍ୟକ୍ଷ ଭାବେ ରଞ୍ଜିତ କୁମାର ସାହୁ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୮ ଜଣ ନିର୍ବାଚିତ ହୋଇଥିଲେ। ଅତୁଲ୍ୟ କୁମାର ତ୍ରିପାଠୀ ଏବଂ କୃଷ୍ଣ ମୋହନ ରାଉତ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ମୁକୁନ୍ଦ ଚନ୍ଦ୍ର ଜେନା, ଚରଣ ଆଚାର୍ଯ୍ୟ, ହରିହର ପଣ୍ଡା, ପ୍ରଭାକର ରାଉତ, ବଳରାମ ଦାସ, କୃଷ୍ଣ ମୋହନ ରାଉତ, ପ୍ରମୋଦ କୁମାର ମହାନ୍ତି, ପ୍ରବାସ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ପୂର୍ବତନ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ନବନିର୍ବାଚିତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପଣ୍ଡା କାର୍ଯ୍ୟାବଳୀ ବିବରଣୀ ଏବଂ କୋଷାଧ୍ୟକ୍ଷ ଖଗେଶ୍ୱର ସେଠୀ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ।

## 'ଯୋଗ ଉତ୍ସବ'ରେ ସାମିଲ ହେଲା ଭଜନ, ଯୋଗ ସଙ୍ଗୀତ



ଭୁବନେଶ୍ୱର, ୨୪।୯(ସୌମ୍ୟରଞ୍ଜନ ରାଉତ)

ଭାରତୀୟ ଯୋଗ ସଂସ୍ଥାନ, ନୟାପଲ୍ଲୀ ଯୋଗ ଜିଲା ଇନ୍ଦ୍ରଧନୁ କ୍ଷେତ୍ର ଏବଂ ଆଇଆର୍‌ସି କ୍ଷେତ୍ରର ମିଳିତ ଆନୁକୂଲ୍ୟରେ ବୁଧବାର 'ଯୋଗ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ, ସୁସ୍ଥ ଏବଂ ଶାନ୍ତ ପରିବେଶରେ ଲୋକଙ୍କ ମଧ୍ୟରେ ଯୋଗ ପ୍ରତି ସଚେତନତା ସୃଷ୍ଟି କରିବା ଓ ସମସ୍ତଙ୍କ ମନରେ ନିୟମିତ ଯୋଗାଭ୍ୟାସ ପାଇଁ ଏକ ସୁନ୍ଦର ଏବଂ ସ୍ୱତନ୍ତ୍ର ଛାପ ଛାଡ଼ିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଅତିଥି ଭାବେ ସଂସ୍ଥାନର ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର, ଜିଲା ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଜ୍ୟୋତିର୍ମୟ ରଥ, ଜୟଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଜନସାଧାରଣଙ୍କୁ ଯୋଗ ପ୍ରତି ଆକୃଷ୍ଟ କରିବା, ଏକ ନୀରୋଗ ଏବଂ ଶୃଙ୍ଖଳିତ ସମାଜ ଗଠନରେ ନିଜ ଭୂମିକାକୁ ପ୍ରଭାବୀ କରିବା ସମ୍ପର୍କରେ ଆଲୋକପାତ କରି ଉତ୍ସାହିତ କରିଥିଲେ। ପରେ ବିଭିନ୍ନ ସାଧିକା ସାଧକଙ୍କ ଦ୍ୱାରା ଯୋଗର ବିଭିନ୍ନ ଆସନ, ପ୍ରାଣାୟାମ, ଧ୍ୟାନର ଅଭ୍ୟାସ କରାଯିବା ସହ ଭଜନ, ଯୋଗ ସଙ୍ଗୀତ, ଯୋଗର ମହତ୍ତ୍ୱକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଉତ୍ସବକୁ ମମତା ଦାଶ ସଞ୍ଚାଳନ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀଙ୍କୁ ପ୍ରାଧାନ୍ୟ ପରମ୍ପରା ବହୁ ପ୍ରାଚୀନ

ଭୁବନେଶ୍ୱର, ୨୪।୯(ସୌମ୍ୟରଞ୍ଜନ ରାଉତ)

ଭାରତ ବର୍ଷରେ ଶକ୍ତି ଉପାସନା ଅତି ପ୍ରାଚୀନ। ବେଦ ଓ ତନ୍ତ୍ରରେ ଶକ୍ତିଙ୍କ ବର୍ଣ୍ଣନା ଓ ପୁରାତନ ଯୁଗର ଧ୍ୱଂସାବଶେଷରୁ ଆବିଷ୍କୃତ ଦେବୀ ମୂର୍ତ୍ତିଙ୍କୁ ଦେଖିଲେ ଜଣାଯାଏ, ପ୍ରାକ୍ ଐତିହାସିକ ଯୁଗରୁ ଶକ୍ତିପୂଜା ପରମ୍ପରା ପ୍ରଚଳିତ ଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିରେ ଶକ୍ତିଙ୍କୁ ପ୍ରାଧାନ୍ୟ ଦେଇଥିବାର ପ୍ରମାଣ ବହୁଳ ପରିଲକ୍ଷିତ ହୁଏ ବୋଲି ମୁଖ୍ୟ ଅତିଥି ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର କହିଛନ୍ତି। 'ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ପକ୍ଷରୁ ବିଦ୍ୟାଭବନଠାରେ ବୁଧବାର ନବରାତ୍ର ଉପଲକ୍ଷେ ୨୧୦ତମ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଶକ୍ତି ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଡା. ମହାପାତ୍ର କହିଲେ, ଶ୍ରୀମନ୍ଦିରର ରତ୍ନସିଂହାସନ ସ୍ୱୟଂ ଏକ ଶକ୍ତିପୀଠ। ଶ୍ରୀମନ୍ଦିର ଅଧିଷ୍ଠାତ୍ରୀ ଦେବୀ ବିମଳା ଭୈରବୀ ହୋଇଥିବାବେଳେ ଏହି ପୀଠର ଅଧିଷ୍ଠାତା ଶ୍ରୀଜଗନ୍ନାଥ ଭୈରବ ଅଟନ୍ତି। ନାରୀଙ୍କୁ ପ୍ରାଧାନ୍ୟ ଦେବାର ପରମ୍ପରା ଶ୍ରୀଜଗନ୍ନାଥ ସଂସ୍କୃତିର ସବୁଠାରୁ ବଡ଼ ପ୍ରାଚୀନ ବୋଲି ଉଦାହରଣ ମାଧ୍ୟମରେ ସେ ପ୍ରକାଶ କରିଥିଲେ।

ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅସିତ୍ ମହାନ୍ତି ଶକ୍ତିପୂଜାର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରି କହିଲେ, ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣକାଳିକା ଭାବେ ଉପାସନା କରାଯାଏ। ଆଶ୍ୱିନ ମାସରେ ଶ୍ରୀମନ୍ଦିରରେ ମୂଳାଷ୍ଟମୀଠାରୁ ଷୋଡ଼ଶ ଦିନଧରି ଦୁର୍ଗାମାଧବଙ୍କ ପୂଜା ସମ୍ପର୍କରେ ବିଶଦ୍ ବିବରଣୀ ଦେଇ ସେ ଶାକ୍ତ ଗୁଣ୍ଡିଚା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୟଲକ୍ଷ୍ମୀ ପଟ୍ଟନାୟକ ବେଦ ଓ ତନ୍ତ୍ରରେ ଶକ୍ତି ଉପାସନା ସମ୍ପର୍କରେ ବର୍ଣ୍ଣନା କରି ଶଙ୍କରାଚାର୍ଯ୍ୟଙ୍କ ଆଗମନ ପରେ ଶ୍ରୀମନ୍ଦିରରେ ତାନ୍ତ୍ରିକ ପରମ୍ପରାର ପ୍ରଚଳନ ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତା ଡ. ଆରତି କର ଶ୍ରୀମନ୍ଦିରର ପାର୍ଶ୍ୱ ଦେବୀଗଣ ଓ ଶ୍ରୀକ୍ଷେତ୍ରର ଅଷ୍ଟଦେବୀଙ୍କ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ 'ଆଦି ଓ ମଧ୍ୟପର୍ବର ମହୀୟସୀ ଲେଖିକା' ଉନ୍ମୋଚିତ ହୋଇଥିଲା। ସମ୍ପାଦକ ପୀତବାସ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



'ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ପକ୍ଷରୁ ଅନୁଷ୍ଠିତ ୨୧୦ତମ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଶକ୍ତି ପରମ୍ପରା' ଆଲୋଚନାଚକ୍ର।

## ଆଧୁନିକ ଚିକିତ୍ସା ପଦ୍ଧତି ସହିତ ପାରମ୍ପରିକ ଭାରତୀୟ ଚିକିତ୍ସାକୁ ଗୁରୁତ୍ୱ

### ଏମ୍ସରେ ଆୟୁର୍ବେଦ ଦିବସ

### ଲିଚ୍ ଥେରାପି ମାଧ୍ୟମରେ ଚିକିତ୍ସା

ଭୁବନେଶ୍ୱର,୨୪।୯
(ଅନୁରାଧା ମହାରଣା)



ଅତିଥିମାନେ ଆୟୁଷ ବିଭାଗର ପତ୍ରିକା 'ଆୟୁଷ୍ମାଣୀ'କୁ ଉନ୍ମୋଚନ କରୁଛନ୍ତି।

ଏମ୍ସ ଭୁବନେଶ୍ୱରର ଆୟୁଷ ବିଭାଗ ପକ୍ଷରୁ ପ୍ରତିଷ୍ଠାନ ପରିସରରେ ୧୦ମ ଆୟୁର୍ବେଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗଦେଇ ଦୈନନ୍ଦିନ ସ୍ୱାସ୍ଥ୍ୟ ସେବାରେ ଆୟୁର୍ବେଦର ବର୍ଦ୍ଧିତ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ ଆୟୁଷ ବିଭାଗର ପତ୍ରିକା 'ଆୟୁଷ୍ମାଣୀ'କୁ ଉନ୍ମୋଚିତ କରିଥିଲେ। ଏମ୍ସ ଆୟୁଷ ବିଭାଗ ଉଭୟ ଓପିଡି ଏବଂ ଆଇପିଡିରେ ପଞ୍ଚକର୍ମ, ଶିରୋଧାର, ଜାନୁବସ୍ତି, କଟି ବସ୍ତି, ଶିରୋବସ୍ତି, ନେତ୍ର କ୍ରିୟାକଳ୍ପ, ଯୋଗିକ କ୍ରିୟା ସମେତ ଶାସ୍ତ୍ରୀୟ ଆୟୁର୍ବେଦିକ ଚିକିତ୍ସାର ଏକ ବିସ୍ତୃତ ସେବା ପ୍ରଦାନ କରୁଛି। ଏହି ବିଭାଗ ରୋଗୀମାନଙ୍କୁ ମାଗଣାରେ ଆୟୁର୍ବେଦିକ, ହୋମିଓପାଥିକ ଏବଂ ୟୁନାନି ଔଷଧ ପ୍ରଦାନ କରୁଥିବା ଏକ ସ୍ୱତନ୍ତ୍ର ଫାର୍ମାସି ମଧ୍ୟ ପରିଚାଳନା କରୁଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ଅଲସର, ଭାରିକୋଜ ଭେନ ଏବଂ ଏକଜିମା ଭଳି ଅବସ୍ଥା ପାଇଁ ଲିଚ୍ ଥେରାପି ପ୍ରଚଳନ କରିଛି। ଫିଷ୍ଟୁଲା ଏବଂ ପାଇଲୋନିଡାଲ ସାଇନସ୍ ସମେତ ଆନୋରେକ୍ଟାଲ ରୋଗ ପରିଚାଳନା ପାଇଁ ଏକ ଉତ୍ସର୍ଗୀକୃତ କ୍ଷାରସୂତ୍ର ଅପରେଶନ ଥିଏଟର୍ ମଧ୍ୟ କାର୍ଯ୍ୟକ୍ଷମ ରହିଛି। ଗ୍ଲୁକୋମା ଏବଂ ଡାଏବେଟିକ ରେଟିନୋପାଥି ଭଳି ଚକ୍ଷୁ ରୋଗଗୁଡ଼ିକୁ କ୍ରିୟାକଳ୍ପ ଏବଂ ପଞ୍ଚକର୍ମ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଉଛି। ଆୟୁଷ ବିଭାଗ ରୋଗୀଙ୍କ ଚିକିତ୍ସା ଏବଂ ନିଦାନ ପାଇଁ ଅନ୍ୟ କ୍ଲିନିକାଲ ୟୁନିଟ ସହିତ ସମନ୍ୱିତ ଭାବରେ କାର୍ଯ୍ୟ କରୁଛି। ମଧୁମେହ, ଡିସଲିପିଡେମିଆ, ଅଷ୍ଟିଓଆର୍ଥରାଇଟିସ୍, ରିଉମାଟେଡ୍ ଆର୍ଥ୍ରାଇଟିସ, ପିସିଓଏସ୍, ବନ୍ଧ୍ୟାତ୍ୱ ଏବଂ ଚର୍ମ ରୋଗ ସମେତ ବିଭିନ୍ନ ଅବସ୍ଥା ସମ୍ପର୍କରେ ଗବେଷଣା କାର୍ଯ୍ୟ ମଧ୍ୟ ଜାରି ରହିଛି। ଡିଜିଟାଲ ନାଡ଼ି ପରୀକ୍ଷା (ନାଡ଼ି ତରଙ୍ଗିଣୀ) ବ୍ୟବହାର କରି ବ୍ୟକ୍ତିଗତ ଚିକିତ୍ସା ପ୍ରଚଳନ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କଲୋନେଲ ଅଭିଜିତ ସରକାର, ବରିଷ୍ଠ ଚିକିତ୍ସା ଅଧିକାରୀ ତଥା ଆୟୁଷ ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ କୁମାର ସାହୁ, ଡ. ଅଜିତ କୁମାର ପ୍ରଧାନ (ଆୟୁର୍ବେଦ) ପ୍ରମୁଖ ଉପସ୍ଥିତ ଥିଲେ।

## ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼): ଏୟାରଫିଲଡ ଥାନା ପୋଲିସ ଅସଦାଚରଣ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ବ୍ଲକ ଏୟାରଫିଲଡ ଥାନା ଅଧୀନ ପଞ୍ଚପଲି ବ୍ରହ୍ମଣ୍ଡଳ ଭୋଇ ସାହି ଅଞ୍ଚଳର କୋଲ୍ହା ଓରଫ ଅକ୍ଷୟ ଭୋଇ(୨୫)। ଏନେଇ ଥାନା ପକ୍ଷରୁ ଏକ ମାମଲା (ନଂ. ୩୩୦/୨୫) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ୨୩ ତାରିଖରେ ଅଭିଯୋଗକାରିଣୀ ରାତି ପ୍ରାୟ ୮ଟା ୩୦ରେ ଶୌଚ ପାଇଁ କେନାଲକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ କୋଲ୍ହା ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ।

# ସାର ମିଳୁନି: ଫସଲ ଚିନ୍ତାରେ ଚାଷୀ



ଗଡ଼ମାଣତୀର ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ସାର ପାଇଁ ଚାଷୀଙ୍କ ଗହଳି।



ଟାଙ୍ଗୀ କଲେଜ ସମ୍ମୁଖସ୍ଥ ଏକ ସାର ଦୋକାନ ଆଗରେ ଲମ୍ବାଧାଡ଼ି।

ବେଗୁନିଆ,୨୪।୯(ହରପ୍ରସନ୍ନ ପଣ୍ଡା)

**ବେଗୁନିଆ ବ୍ଲକ**
- ରାତିଅଧିଆ କଳାବଜାରି ହେଉଥିବା ଅଭିଯୋଗ
- ସିସିଟିଭି ଫୁଟେଜ ଯାଞ୍ଚ ଦାବି କଲା କୃଷକ ସଙ୍ଗଠନ

ବେଗୁନିଆ ବ୍ଲକ୍‌ରେ ସାର ମିଳୁନାହିଁ। ଫଳରେ ଧାନଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। କ୍ଷେତରେ ହସୁଥିବା ଧାନଗଛରେ ଧୀରେ ଧୀରେ ଥୋଡ଼ ବାହାରିଲାଣି। ବର୍ତ୍ତମାନ ସ୍ଥିତିରେ ଧାନଗଛ ହୃଷ୍ଟପୁଷ୍ଟ ପାଇଁ ସାରକୁ ପୋଷକତା ରୂପେ ଗ୍ରହଣ କରିଥାଏ। ହେଲେ ଠିକ୍ ସମୟରେ ସାର ଅଭାବ ପରିସ୍ଥିତି ଦେଖାଦେଇଛି। ହୋଲ୍‌ସେଲର ଓ ରିଟେଲର ବିକ୍ରୟ କେନ୍ଦ୍ରକୁ ଗଲେ ମାତ୍ରାଧିକ ଦର ଶୁଣି ଚାଷୀଙ୍କ ଚିନ୍ତା ବଢ଼ିଯାଉଛି। ଚଳିତ ଖରିଫ ଚାଷ ଆରମ୍ଭ ସମୟରେ ପ୍ରଥମ ପର୍ଯ୍ୟାୟରେ ବେଗୁନିଆ ବ୍ଲକ୍ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇ ଦିଆଯାଇଥିଲା। ପରେ ଆବଶ୍ୟକତା ମେଣ୍ଟାଇବାକୁ ଦ୍ୱିତୀୟ ପର୍ଯ୍ୟାୟ ସାର ବିଳମ୍ବରେ ଆସି ପହଞ୍ଚିଲା। ହେଲେ ଗତ ୧ ସପ୍ତାହ ହେଲା ସେବା ସମବାୟ ସମିତି ଜରିଆରେ ଚାଷୀଙ୍କୁ ସାର ଯୋଗାଇ ଦିଆଯାଉଛି। ତେବେ କେଉଁଠି କେଞ୍ଚେ ତ ଆଉ କେଉଁଠାରେ ମେଞ୍ଚାଏ ହିସାବରେ ସାର ଯୋଗାଇ ଦିଆଯାଉଛି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ସେହିପରି ଅନ୍ୟ କେତେକ ସମବାୟ ସମିତି ପକ୍ଷରୁ ଦିନ ବେଳେ ଭାଗବଣ୍ଟା ନୀତିରେ ୪ ଜଣ ଚାଷୀଙ୍କ ପ୍ରତି ଗୋଟିଏ ବସ୍ତା ସାର ଯୋଗାଇ ଦିଆଯାଉଛି। ମାତ୍ର ଆଉ କେତେଜଣ ସମିତି କର୍ମଚାରୀଙ୍କ ପକ୍ଷରୁ ପ୍ରିୟାପ୍ରୀତି ତୋଷଣରେ ରାତି ଅଧିଆ କଳାବଜାର କରାଯାଇ ଚାଷୀଙ୍କୁ ଗୋଟିଏ ବସ୍ତା ଲେଖାଏ ସାର ବିକ୍ରି କରୁଥିବା ଜଣାପଡ଼ିଛି। ଏପରି ବ୍ୟତିକ୍ରମ ଗଡ଼ମାଣତୀର ସେବା ସମବାୟ ସମିତିରେ ଦେଖିବାକୁ ମିଳିଛି। ଉକ୍ତ ସମିତି ଉପରେ ନିର୍ଭରଶୀଳ ଚାଷୀମାନେ ସାର ନ ପାଇ ହଇରାଣ ହେଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ନିର୍ଦ୍ଦିଷ୍ଟ କେତେଜଣ ଚାଷୀଙ୍କୁ କର୍ମଚାରୀଙ୍କ ପକ୍ଷରୁ ଜଣକ ପିଛା ଏକ ବସ୍ତା ଲେଖାଏ ସାର ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୬ଟା ପରଠାରୁ ରାତି ୧୧ଟା ଭିତରେ ସମବାୟ ସମିତି ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚକଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କେତେଜଣ ଚାଷୀ ନାମ ଗୋପନ ରଖି ଜଣାଇଛନ୍ତି। ଯଦି ଆସନ୍ତା ୨ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରା ନ ଯାଏ ଏବଂ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇଦିଆ ନ ଯାଏ, ତେବେ ଆମେ ସରକାରଙ୍କ ନିକଟରେ ଅଭିଯୋଗ କରିବୁ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ପ୍ରକାଶ ଥାଉକି, ବେଗୁନିଆ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୪ଟି ସେବା ସମବାୟ ସମିତି ଜରିଆରେ ଚାଷୀଙ୍କ ପାଇଁ ଆବଶ୍ୟକ ସବ୍‌ସିଡି ସାର ଯୋଗାଣ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଥିଲା। ସେହିପରି କୃଷି ବିଭାଗ ପକ୍ଷରୁ ୫୨ ଜଣ ବିକ୍ରେତାଙ୍କୁ ଲାଇସେନ୍ସ ବଣ୍ଟନ କରାଯାଇଥିଲା। ହେଲେ ସାର କଳାବଜାର ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସାର ପାଇ ନ ଥିବା ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟଠାରୁ ଆରମ୍ଭ କରି ହୋଲ୍‌ସେଲର ଏବଂ ରିଟେଲର ବିକ୍ରୟ କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗଡମାଣତୀର ସେବା ସମବାୟ ସମିତି ସମ୍ପାଦକ ମାନସ ଛୋଟରାୟ କହିଛନ୍ତି, ଆବଶ୍ୟକ ପରିମାଣଠାରୁ ସ୍ୱଳ୍ପ ପରିମାଣର ସାର ଯୋଗାଣ ବିଭାଗ ପକ୍ଷରୁ ଆମକୁ ଯୋଗାଇ ଦିଆଯାଇଥିଲା। ମଙ୍ଗଳବାର ଆମ ପକ୍ଷରୁ ସ୍ୱଳ୍ପ ପରିମାଣର ସାରକୁ ଅଧିକ ସଂଖ୍ୟକ ଚାଷୀଙ୍କୁ ଯୋଗାଇଦେବା ଅସମ୍ଭବ ହୋଇପଡ଼ିଥିଲା। ତେଣୁ ଆମକୁ ନିଷ୍ପତ୍ତି ନେଇ ସାର ବଣ୍ଟନ କରିବାରେ ବହୁ ବିଳମ୍ବ ହୋଇଥିଲା। କିନ୍ତୁ ଆମ ପକ୍ଷରୁ କୌଣସି ଅନିୟମିତତା କରାଯାଇନାହିଁ।

## ୟୁରିଆ ସାର ପାଇଁ ଲମ୍ବାଧାଡ଼ି

**ଟାଙ୍ଗୀ,୨୪।୯(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅଞ୍ଚଳରେ ସାର ଅଭାବ ଚାଷୀଙ୍କ ଚିନ୍ତା ବଢାଇଛି। ବିଭିନ୍ନ ପଞ୍ଚାୟତରେ ଥିବା ସେବା ସମବାୟ ସମିତି ଆଗରେ ସାର ପାଇଁ ଚାଷୀଙ୍କ ହୋହଲ୍ଲା ଦେଖିବାକୁ ମିଳୁଛି। ଯେତିକି ସାର ଆସୁଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଚାଷୀ ବାଧ୍ୟହୋଇ ବଜାରରୁ ଚଢା ଦରରେ ସାର କିଣୁଛନ୍ତି। ବୁଧବାର ଟାଙ୍ଗୀ କଲେଜ ସମ୍ମୁଖସ୍ଥ ଏକ ସାର ଦୋକାନରୁ ୟୁରିଆ ସାର କିଣିବା ପାଇଁ ସକାଳୁ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ସାର ଅଭାବର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ମନଇଚ୍ଛା ଦରରେ ବିକୁଛନ୍ତି। ତେଣୁ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଗଛରୁ ପଡ଼ି ବୃଦ୍ଧ ଗୁରୁତର

ବୋଲଗଡ଼,୨୪।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦଳେଇସାହି ଗ୍ରାମପଞ୍ଚାୟତ ମାଳିସାହି ଗ୍ରାମର ସଂକର୍ଷଣ ରାଉତ(୬୦)ବୁଧବାର ଅପରାହ୍ନରେ ଗଛରୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କର ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସଂକର୍ଷଣଙ୍କ ବାଡ଼ିରେ ଥିବା ଏକ ଗଛର ଏକ ଡାଳ ପଡୋଶୀଙ୍କ ଘର ଉପରକୁ ଲମ୍ବିଥିଲା। ବର୍ଷା ସମୟରେ ହଇରାଣ ହେଉଥିବା ନେଇ ପଡୋଶୀ ସଂକର୍ଷଣଙ୍କୁ ଅଭିଯୋଗ କରୁଥିଲେ। ତେଣୁ ସଂକର୍ଷଣ ନିଜେ ଗଛରେ ଚଢି ଡାଳ କାଟୁଥିଲେ। ଡାଳ ହାଣିବା ସମୟରେ ସେ ଅସାବଧାନତାବଶତଃ ଗଛରୁ ଖସିପଡ଼ିଥିଲେ। ଗରିବ ଶ୍ରେଣୀର ସର୍ଙ୍କର୍ଶନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଓ ଭାଜପା ନେତା ଆର୍ତ୍ତବନ୍ଧୁ ପ୍ରଧାନ ନିବେଦନ କରିଛନ୍ତି।

# ରକ୍ତଦାନ ଶିବିର, ଚାରାରୋପଣ କାର୍ଯ୍ୟକ୍ରମ



ଶିବିରରେ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

କୃଷ୍ଣପ୍ରସାଦ,୨୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ରକ୍ତଦାନ ଶିବିର, ବିଶେଷଜ୍ଞଙ୍କ ପରାମର୍ଶ ଶିବିର, ଚାରାରୋପଣ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ନବ କିଶୋର କରଙ୍କ ପୌରାହିତ୍ୟରେ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ଇତିଶ୍ରୀ ସିଂହ, ବ୍ଲକ ଆତ୍ମା କମିଟି ଅଧକ୍ଷ ସଞ୍ଜୟ କୁମାର ସେଠୀ, ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ରୋଗୀ କଲ୍ୟାଣ ସମିତି ସଭ୍ୟ ଶରତ ଚନ୍ଦ୍ର ଜେନା, କୁମାର ସିଂହ, ରମେଶ ଚନ୍ଦ୍ର ସିଂହ ସାମନ୍ତ, ପ୍ରମୋଦ କୁମାର ବିଶ୍ୱାଳ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ର ଦ୍ୱାରା ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ୪୦୦ ଶହ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପରାମର୍ଶ ଦିଆଯାଇଥିଲା। ସରପଞ୍ଚ ଇତିଶ୍ରୀ ସିଂହଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ଅଧିକାରୀ ସଞ୍ଜିତ କୁମାର ସୁନ୍ଦରାୟ, ଡା. ସୁଜ୍ଞାନୀ ମହାରଣା, ଅମିୟ କୁମାର ନାୟକ, ସୁଶାନ୍ତ କୁମାର ପଣ୍ଡା, ସୁନୀଲ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃଷ୍ଣପ୍ରସାଦ ଥାନା ହାବିଲଦାର ନିତ୍ୟାନନ୍ଦ ପାତ୍ର, ଚିଛିଣି ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ ଜେନା, ପ୍ରଦୀପ କୁମାର ଜେନା, ଭୋବନା ତରେଇ, ବିଦ୍ୟାଧର ପଲେଇ, କ୍ଷେତ୍ରବାସୀ ପଲେଇ, ମନୋଜ କୁମାର ଜେନା, ବିଛନ୍ଦ ଜେନା, ଚନ୍ଦନ ଦଣ୍ଡସେଣା, ପ୍ରିୟବ୍ରତ ସିଂହସାମନ୍ତ, ସୀମାଞ୍ଚଳ ବେହେରାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଏବଂ ଆଶା କର୍ମୀ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ଶିକ୍ଷକ ଆଶୁତୋଷ ପତି ଚାକିରିରୁ ନିଲମ୍ବିତ

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ କାର୍ଯ୍ୟରେ ଅବହେଳା ଅଭିଯୋଗରେ ରଙ୍କନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଆଶୁତୋଷ ପତିଙ୍କୁ ଚାକିରିରୁ ଚିଲିକା ବ୍ଲକ୍ ଶିକ୍ଷା ଅଧିକାରୀ ନିଲମ୍ବନ କରିଛନ୍ତି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ପତ୍ର ସଂଖ୍ୟା ୧୭୪୩୩ ତା ୨୩.୦୯.୨୦୨୫ ରିଖ ନିର୍ଦ୍ଦେଶ କ୍ରମେ ଏବଂ ଜନପ୍ରତିନିଧି ଅଧିନିୟମ ୧୯୫୦ ପରିଚ୍ଛେଦ ୩୨ ବଳରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ପରେ ଆଶୁତୋଷଙ୍କୁ ଅଙ୍କୁଲାଚାଟିସ୍ଥିତ ପିଏମଶ୍ରୀ ପି.ଏସ୍. ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଓଡ଼ିଶା ସରକାରୀ ସେବାସଂହିତା–୯୦ ଅନୁଯାୟୀ ତାଙ୍କୁ କେବଳ ସାଧନ ଭତ୍ତା ଦିଆଯିବ ବୋଲି ଚିଲିକା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୧୪୧୭ ତା ୨୩.୦୯.୨୦୨୫ରେ ଉଲ୍ଲେଖ ରହିଛି। ଆଶୁତୋଷ ବିନାନୁମତିରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ଚିଠିରେ ଦର୍ଶାଯାଇଛି।

# ଐତିହ୍ୟ, ସଂସ୍କୃତି ସୁରକ୍ଷା ବିଦ୍ୟାର୍ଥୀଙ୍କ ଦାୟିତ୍ୱ



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ବୁଧବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଷୟବସ୍ତୁ ଉପରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଆଶୁତୋଷ ମହାପାତ୍ର ପ୍ରଥମ, ନିଶିନକ୍ଷତ୍ର ଦ୍ୱିତୀୟ, ଏସ୍. ସନ୍ଧ୍ୟା ୩ୟ ସ୍ଥାନରେ ରହିଛନ୍ତି। ସେହିପରି ମହାବିଦ୍ୟାଳୟ ସ୍ତରରେ ହୃଷିକେଶ ପଣ୍ଡା, ଶୁଭଲକ୍ଷ୍ମୀ ପଣ୍ଡା ଓ ସ୍ମୃତିପ୍ରଜ୍ଞା ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଏବଂ ଭାରତ ବର୍ଷର ଐତିହ୍ୟ ଓ ସଂସ୍କୃତି ଅକ୍ଷୁର୍ଣ୍ଣ ରଖିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଘର, ପରିବେଶ, ବିଦ୍ୟାଳୟ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ ମାମଲା: ୪ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)

ଟାଙ୍ଗୀ ଥାନା ଅଧୀନ ଉଜ୍ଜ୍ୱଳା ଗୋପୀନାଥପୁରରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଲିଲି ପ୍ରଧାନଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ବୁଧବାର ଖୋର୍ଦ୍ଧା ମହିଳା ଅଦାଲତରେ ପ୍ରକାଶ ପାଇଛି। ଖୋର୍ଦ୍ଧା ମହିଳା ଅଦାଲତ ଜଜ୍ ଅଭିଯୁକ୍ତ ୪ଜଣଙ୍କୁ ଧାରା ୩୨୪/୩୪ ଆଇପିସିରେ ଏକ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ସେମାନଙ୍କୁ ୨ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ରୁସିଆ ପରିଡ଼ା (୭୦), ଗୋପୀନାଥ ପରିଡ଼ା ଓରଫ ଟାଙ୍ଗୁ (୪୬), ତାଙ୍କ ସ୍ତ୍ରୀ ଭାନୁମତୀ ପରିଡ଼ା (୪୦) ଏବଂ ଝିଅ ରାନୁ ପରିଡ଼ା (୨୪)। ୨୦୧୬ ଅକ୍ଟୋବର ୧୮ ତାରିଖ ରାତି ପ୍ରାୟ ୯ଟା ୩୦ରେ ଉଜ୍ଜ୍ୱଳାଗୋପିନାଥପୁର ଗ୍ରାମର ଲିଲି ପ୍ରଧାନଙ୍କ ଘରେ ପଶି ପରିବାରଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଲିଲିଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୨୬୩/୨୦୧୬) ରୁଜୁ କରି ପୋଲିସ ତଦନ୍ତ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା। ସେମାନଙ୍କ ବିରୋଧରେ ବିଚାର ପାଇଁ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

# ‘ସ୍ୱଚ୍ଛତା ହିଁ ସେବା’ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ବେଗୁନିଆ,୨୪।୯
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ବୁଧବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଏନ୍‌ଏସ୍‌ଏସ୍ ଅଧିକାରିଣୀ ତଥା ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥି, ପ୍ରଶାସନିକ ଅଧିକାରୀ ଜୟକୃଷ୍ଣ ପାଣିଗ୍ରାହୀ ବକ୍ତା ଏବଂ ଅଧ୍ୟାପକ ବିଧୁଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ‘ସ୍ୱଚ୍ଛତା ହିଁ ସେବା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାରଣରୁ ପରିବେଶ ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷକରି ଦୂଷିତ ଜଳବାୟୁ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉନାହିଁ। ତେଣୁ ସବୁବେଳେ ସ୍ୱଚ୍ଛତାକୁ ଅନୁସରଣ କର ଓ ସୁସ୍ଥ ଜୀବନଶୈଳୀକୁ ଆପଣାଅ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଡ. ସତ୍ୟଜିତ ରାଉତ, ସଲିଳ କୁମାର ବଡ଼ଜେନା ଏବଂ ଅଧ୍ୟାପିକା ରୋନାଲିସା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ସୁବାଷ ମେଲକା ଧନ୍ୟବାଦ ଦେଇଥିଲେ। ଏନ୍‌ଏସଏସ ବିଭାଗର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ।

## ନାବାଳିକା ଅପହରଣ ମାମଲା: ଫେରାର ଅଭିଯୁକ୍ତ ଗିରଫ

ବାଲୁଗାଁ,୨୪।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ମାମଲାରେ ପୋଲିସ ଦୀର୍ଘ ୬ମାସ ପରେ ସମ୍ପୃକ୍ତ ଫେରାର ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଧୂଆଁଳ ଗ୍ରାମର ଜିତୁ ବିଶ୍ୱାଳ (୨୬)। ପ୍ରକାଶ ଯେ, ୬ମାସ ପୂର୍ବେ ଜିତୁ ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ବାଲୁଗାଁ ଥାନା ପକ୍ଷରୁ ଏନେଇ ଏକ କେସ୍ (ନଂ. ୧୫୭/୨୫) ରୁଜୁ କରାଯିବା ସହ ତଦନ୍ତ କରି ଅପହୃତା ନାବାଳିକାକୁ ଉଦ୍ଧାର କରାଯାଇଥିଲା। ତେବେ ସେହିଦିନଠାରୁ ଅଭିଯୁକ୍ତ ଫେରାର ଥିଲେ। ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ମଙ୍ଗଳବାର ରାତ୍ରିରେ ଅଭିଯୁକ୍ତ ଜିତୁଙ୍କୁ ଗିରଫ କରିଥିଲା।

# ଜଟଣୀ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ



କାର୍ଯ୍ୟକ୍ରମରେ ଅଧକ୍ଷା ଡ. ସ୍ୱପ୍ନା ମଲିକ ଏବଂ ଅନ୍ୟ ଅତିଥି।

ଜଟଣୀ,୨୪।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଦିବସ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଡ. ସ୍ୱପ୍ନା ମଲିକ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟପକ ଡ. ପ୍ରଶାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ଅବଦାନ ପୂର୍ବକ ସେବା କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ଅନୁପ କୁମାର ମହାନ୍ତି ଯୋଗଦେଇ ମହାବିଦ୍ୟାଳୟ ପରିସକୁ କିପରି ପରିଷ୍କାର ରଖାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଅମିତ ବିକ୍ରମ ପଟ୍ଟନାୟକ, ପ୍ରଭାସ କୁମାର ଲାଲା, ସସ୍ମିତା ପଣ୍ଡା, ଗଣେଶ୍ୱର ମଲିକ୍, ଡ. ପୁଷ୍ପାଞ୍ଜଳି ଦାସ, ପ୍ରଭାସିନୀ ଦଳେଇ, ସ୍ନେହା ଶୋଭାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଡ. ସୁଶାନ୍ତ ବାରିକ ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ବିଜୟ ଶଙ୍କର ଉକ୍ତ ଦିବସର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଭାଗ୍ୟଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ।

# ‘ଆସ ସ୍କୁଲ୍ ଯିବା’ ଅଭିଯାନ ପାଲଟିଛି ପ୍ରହସନ

**ଗାଁ କୋଠଘରେ ପଢୁଛନ୍ତି ପିଲା**



ଟାଙ୍ଗୀ,୨୪।୯(ରଘୁନାଥ ସାହୁ)

ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ‘ଆସ ସ୍କୁଲ ଯିବା’ ଅଭିଯାନ ଚାଲିଛି। ଏହିଅଭିଯାନରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ବିଦ୍ୟାଳୟ ଉନ୍ନୟନ କମିଟି ସଦସ୍ୟ, ପୁରାତନ ଛାତ୍ରଙ୍କୁ ସାମିଲ କରାଯାଉଛି। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କୁ ଖୋଜିବା ସହ ଗାଁରେ ଚଳିତ ମାସ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। କେଉଁ ଅଞ୍ଚଳରେ କେତେଜଣ ପିଲା ମିଳିଲେ ଓ ସେମାନଙ୍କ ଅଭିଭାବକଙ୍କୁ ବୁଝାଶୁଝାକରି ବିଦ୍ୟାଳୟକୁ ଆଣିପାରିଲେ ତାହାର ତାଲିକା ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅବଗତ କରାଇଥିଲେ। ଏହାସତ୍ତ୍ୱେ ଅନେକ ପିଲା ବିଦ୍ୟାଳୟମୁହାଁ ହେଉ ନ ଥିବା ଦେଖିବାକୁ ମିଳୁଛି। ରଣପୁର ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ‘ଆସ ସ୍କୁଲ ଯିବା ଅଭିଯାନ’ ପ୍ରହସନ ପାଲଟିଥିବା ସାଧାରଣରେ ଅଭିଯୋଗ ହେଉଛି। ଚାନ୍ଦପୁର ମଙ୍ଗଳା ସାହିର କୋଠଘରେ ୩୦ ଜଣ ପିଲା ପାଠ ପଢୁଥିବା ଦେଖିବାକୁ ମିଳିଛି। ଏହି ପିଲାମାନଙ୍କ ବୟସ ୬ରୁ ୧୪ ବର୍ଷ ବୟସ ମଧ୍ୟରେ ହେବ। ସେମାନେ ବିଦ୍ୟାଳୟକୁ ଯାଉ ନ ଥିବା ଜଣାପଡ଼ୁଛି। ଏମାନଙ୍କୁ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପାଠ ପଢ଼ାଉଥିବା ପିଲାମାନେ କହିଛନ୍ତି। ଶିକ୍ଷକମାନେ ସେମାନଙ୍କ ଅଭିଭାବକମାନଙ୍କୁ ବୁଝାଶୁଝାକରି ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପରିବର୍ତ୍ତେ ସେଠାକୁ ଯାଇ କାହିଁକି ପଢ଼ାଉଛନ୍ତି ତାହା ପ୍ରଶ୍ନବାଚୀ ପାଲଟିଛି। ଏ ସମ୍ପର୍କରେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପାଇଁ ସାଧାରଣରେ ଦାବି ହେଉଛି।

**ଏମ୍‌ବିକେ, ସିଆର୍‌ପିଙ୍କ ଧାରଣା**

କଟକ ସଦର,(ସୁଶାନ୍ତ କୁମାର ଜେନା): ଦରମା ବନ୍ଦ ପ୍ରତିବାଦରେ ବୁଧବାରଠାରୁ କଟକ ସଦର ବ୍ଲକରେ କାର୍ଯ୍ୟରତ ସମସ୍ତ ଏମ୍‌ବିକେ (ଦକ୍ଷ ନଥିପତ୍ର ଲେଖିକା) ଓ ସିଆର୍‌ପି (ଗୋଷ୍ଠୀ ସମ୍ବଳ ସହାୟିକା), ବ୍ୟାଙ୍କ ମିତ୍ରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ମଙ୍ଗଳବାର ସଂଘ ପକ୍ଷରୁ ଏକ ସ୍ମାରକପତ୍ର କଟକ ସଦର ବିଡିଓ ପ୍ରତୀକ ସାହୁଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ ହରପ୍ରିୟା ବେହେରା ଓ ସମ୍ପାଦିକା ସସ୍ମିତା ହାତୀଙ୍କ ସମେତ ସହଯୋଗୀମାନେ ସ୍ମାରକ ପତ୍ରରେ ପ୍ରୋତ୍ସାହନ ବଦଳରେ ମାସିକ ଦରମା ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ସହ ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ୯ ମାସ ପରେ ବି ମିଳିପାରିଲାନି ଘରୋଇ ନର୍ସିଂହୋମ ତାଲିକା

କଟକ ସଦର,୨୪।୯(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀରେ ଛତୁ ଫୁଟିଲା ଭଳି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ ଖୋଲିଛି। ଏହି ସବୁ ନର୍ସିଂହୋମରେ ସର୍ବନିମ୍ନ ସୁବିଧା ନ ଥିବା ଅଭିଯୋଗ ହୋଇଛି। ତେଣୁ କଟକ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏହି ନିର୍ବାଚନମଣ୍ଡଳୀରେ କାର୍ଯ୍ୟ କରୁଥିବା ନର୍ସିଂହୋମ ଓ ଘରୋଇ ଡାକ୍ତରଖାନାର ତାଲିକା ସୂଚନା ଅଧିକାର ଆଇନରେ ଆବେଦନ କରାଯାଇଥିଲା। ଇତି ମଧ୍ୟରେ ୯ ମାସ ବିତିଯାଇଥିଲେ ମଧ୍ୟ ତାଲିକା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଜଣେ କାର୍ଯ୍ୟରତ କିରାଣୀ ଏହି ତାଲିକା ପ୍ରଦାନ କରୁନାହାନ୍ତି। ପତ୍ର ସଂଖ୍ୟା ୧୬୧୦୩/୧୦।୧୨।୨୦୨୪ରେ ଅତିରିକ୍ତ ଜିଲା ମୁଖ୍ୟ ମେଡିକାଲ ଅଫିସର ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସମ୍ପୃକ୍ତ କିରାଣୀ ଏହି ଆଦେଶ ପାଳନ କରିନାହାନ୍ତି। ତେଣୁ ପ୍ରଥମ ଅପିଲ ମଧ୍ୟ କରାଯାଇଥିଲେ ସୁଦ୍ଧା ୩ ମାସ ହେବ ତାର ଶୁଣାଣି କରାଗଲା ନାହିଁ। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି। ଏ ନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମତାମତ ମିଳି ପାରିନାହିଁ।

### ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକୋତ୍ସବ

କଟକ,୨୪।୯(କାର୍ତ୍ତିକ ସାହୁ)

ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ପ୍ରବର୍ତ୍ତକ ଶ୍ରୀ କୁମାର ଭାଇଙ୍କ ପ୍ରତିଷ୍ଠିତ କଟକ ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମର ଅଣଚାଶତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା ତଥା ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସିନର୍ଜି ଇଞ୍ଜିନିୟରିଂ କଲେଜ ସଭାପତି ବିନୋଦ ଦାଶ ଯୋଗଦେଇ ମାନବିକତା ରହିଲେ ସମସ୍ତଙ୍କୁ ସୁବ୍ୟବହାର ଦେଖାଇବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ବିଶିଷ୍ଟ ଅତିଥି ବୈଜ୍ଞାନିକ ଡ. ସୁବୋଧ କୁମାର ରାଉତରାୟ କହିଲେ, ଶ୍ରୀ କୁମାର ଭାଇ ଶୋଭନୀୟ ସମାଜ ନିମନ୍ତେ ସୈନିକ ତିଆରି କରିବା ପାଇଁ ଏହି ଶୋଭନୀୟ ଶିକ୍ଷାଶ୍ରମ ଗଢ଼ିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ୍ ଅନସୂୟା ମିଶ୍ର ତାଙ୍କର ଜାପାନ ଗସ୍ତ ଅନୁଭୂତି ପିଲାମାନଙ୍କ ସହ ବାଣ୍ଟିଥିଲେ। ସମ୍ମାନିତ ଅତିଥି ମେଜର ନନ୍ଦ କିଶୋର ସାମଲ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ର ଭଲଗୁଣ ଶିଖି, ଭଲ ପାଠ ପଢ଼ି ଆଦର୍ଶ ମଣିଷ ହେବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ଭାଷଣ, ଶିକ୍ଷାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ- ଶପଥ ନେବାରେ ଶପଥ ନେବା ଏବଂ ସାନ ପିଲାମାନେ ଶୋଭନୀୟ ଶିକ୍ଷାପଦ୍ଧତି ପ୍ରଦର୍ଶନ କରିଥିଲେ। ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ଗୁରୁମା ଉର୍ମିଳା ବେହେରା, ଗୀତାଞ୍ଜଳି ସ୍ୱାଇଁ, କାଦମ୍ବିନୀ ପାତ୍ର, ରାଜରାଣୀ ତ୍ରିପାଠୀ, ମଧୁସ୍ମିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# 'ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ ପ୍ରତିବଦ୍ଧ ରହୁ'

## ମହିଳା ସୁରକ୍ଷା ଆଇନ-୨୦୦୫ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ

କଟକ,୨୪।୯(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ପ୍ରଣିତ ଆଇନ-୨୦୦୫ ସମ୍ପର୍କରେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଏବଂ ଅବକାରୀ ବିଭାଗ ବିଶେଷ ଭାବେ ତତ୍ପରତାର ସହ ମହିଳାଙ୍କ ସୁରକ୍ଷା ନିମନ୍ତେ ପ୍ରତିବଦ୍ଧ ରହୁ ବୋଲି ପ୍ରଶିକ୍ଷକମାନେ କହିଛନ୍ତି। ପୋଲିସ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଆବଶ୍ୟକ ସ୍ଥଳେ ଘରୋଇ ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ଆଶ୍ରୟ ଗୃହରେ ଥଇଥାନ କରିବା ଏବଂ ଏଥିସମ୍ବନ୍ଧୀୟ ଆଇନରେ ଥିବା ସମସ୍ତ ବ୍ୟବସ୍ଥା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ବନ୍ଧରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଅଧ୍ୟକ୍ଷତା କରି ନାରୀ ସଶକ୍ତିକରଣ, ସମାଜରେ ନାରୀମାନଙ୍କୁ ସମ୍ମାନ ପ୍ରଦାନ ଏବଂ ନାରୀ ସେବା ଓ ସେମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ ବିକାଶ ଅନୁଷ୍ଠାନ ଆଇଏସ୍‌ଡିର ନିର୍ଦ୍ଦେଶକ ଶୁଭଶ୍ରୀ ଦାସ ଏବଂ ଉପ ଆରକ୍ଷୀ ଅଧୀକ୍ଷକ ସହରାଞ୍ଚଳ ସସ୍ମିତା ବାରିକ ବିଶେଷଜ୍ଞ ଭାବେ ତାଲିମ ପ୍ରଦାନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ କୁମାର ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ସୁରକ୍ଷା ଅଧିକାରୀ ସସ୍ମିତା କୁମାରୀ ପାତ୍ର ଏବଂ କାର୍ଯ୍ୟକ୍ରମ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍ ଅଫିସ ଘେରାଉ, ରାସ୍ତା ଅବରୋଧ

## ବିଡିଓଙ୍କ ମନମୁଖି କାର୍ଯ୍ୟର ପ୍ରତିବାଦ

କଣ୍ଟାପଡ଼ା,୨୪।୯(ସୁର ନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ବୁଧବାର କଣ୍ଟାପଡ଼ା ବ୍ଲକ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥ ୧ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଦଶହରା ପରେ ଆଲୋଚନା କରାଯିବ ବୋଲି ବିଡିଓ ସସ୍ମିତା ନାୟକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଖବର ନେବାରେ ଜଣାପଡ଼ିଛି ଗତ ୩ ମାସ ହେବ କଣ୍ଟାପଡା ବିଜେଡି ପକ୍ଷରୁ ବ୍ଲକରେ ଚାଲିଥିବା କିଛି ବେନିୟମ କାର୍ଯ୍ୟ ପ୍ରତିବାଦ କରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ ତାରିଖରେ ଆଲୋଚନା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ରହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜେଡିର ଶତାଧିକ କର୍ମୀ ଅଚାନକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନ ଆରମ୍ଭ କରିଥିଲେ। ବିଡିଓ ଆସି ପୂର୍ବତନ ବିଧାୟକଙ୍କ ସହ ଆଲୋଚନା ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଥିଲା। ବିଡିଓ ନ ଆସିବାରୁ ଅପରାହ୍ନରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ଫୁଲନଖରା-ନିଆଳୀ ରାସ୍ତା ଅବରୋଧ କରିଥିଲେ। ବିଡିଓ ନାୟକ ଆସି ପୂର୍ବତନ ବିଧାୟକଙ୍କ ସହ ଆଲୋଚନ କରିଥିଲେ। ଆସନ୍ତା ୧୦ ତାରିଖ ପରେ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ଘୋଷଣା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ କଣ୍ଟାପଡା ବିଜେଡି ସଭାପତି କୈଳାଶ ମହାରଣା, କାର୍ଯ୍ୟକାରୀ ସଭାପତି ସୁବ୍ରତ ପାତ୍ର, ଯୁବନେତା ଅଭିମନ୍ୟୁ ମଲ୍ଲିକ, ପୂର୍ବତନ ବ୍ଲକ ଆମ୍ବା ଅଧ୍ୟକ୍ଷ ନକୁଳ ରାଉତ, ଯୁବ ବିଜେଡି ସଭାପତିବିମାନବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସ୍ମିତାରାଣୀ ସ୍ୱାଇଁ, ସରପଞ୍ଚ ସୁମିତ୍ରା କର, ସମିତି ସଦସ୍ୟା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଆନ୍ଦେଳନକୁ ପରିଚାଳନା କରୁଥିଲେ।

# ଦୋଛକିରେ ନାଟକ 'ସକାଳର ଅପେକ୍ଷାରେ'


ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ 'ସକାଳର ଅପେକ୍ଷାରେ'ର ଏକ ଦୃଶ୍ୟ।

## କଟକ ନାଟ୍ୟୋତ୍ସବ-୨୦୨୫ ଚୟନ ପର୍ଯ୍ୟାୟର ତୃତୀୟ ଦିବସ

କଟକ,୨୪।୯(କାର୍ତ୍ତିକ ସାହୁ)

ମଣିଷ ନୂତନ ଓ ପୁରାତନ ମଧ୍ୟରୁ କାହାକୁ ବାଛିବ, ଜାଣିପାରେନା। ପରିବର୍ତ୍ତନ ଓ ଚିରନ୍ତନର ଭଉଁରୀ ଭିତରେ ପଡ଼ି ଉବୁଟୁବୁ ହେଉଥିବା ମଣିଷ ଶେଷରେ ନିଜକୁ ସମୟର ଉଜାଣି ସୁଅ ମୁହଁରେ ଛାଡ଼ିଦିଏ। ଅତୀତ ଓ ବର୍ତ୍ତମାନର ଦୋଛକିରେ ଥିବା ମଣିଷ ଅପସଂସ୍କୃତି, ଅପସଂସ୍କାରର ମୂଳୋତ୍ପାଟନ କରି କିପରି ସୁନେଲି ଭବିଷ୍ୟତର କିରଣ ବଞ୍ଚିବାର ସ୍ୱପ୍ନ ଦେଖୁଛି ତାହା ବଖାଣିଥିଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ 'ସକାଳର ଅପେକ୍ଷାରେ।' କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ବୁଧବାର ତୃତୀୟ ଦିନରେ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଡିଟୋରିୟମରେ ନାଟକ ମଞ୍ଚସ୍ଥ ହୋଇ ପରିବର୍ତ୍ତନ ଓ ଚିରନ୍ତନ ମଧ୍ୟରେ ଦ୍ୱନ୍ଦ୍ୱ ଓ ମଣିଷ ଜୀବନରେ ତଦଜନିତ ବିରୋଧାଭାସକୁ ବଳିଷ୍ଠ ପଟ୍ଟ ପରିବର୍ତ୍ତନରେ ପହଞ୍ଚାଇଛି। ନାଟକ ରିତେଶ ନାୟକ ଓ ମାନସୀ ପାତ୍ର ରଚନା କରିଥିବା ବେଳେ କରନ ଖୁଣ୍ଟିଆ ଓ ଶୁଭଶ୍ରୀ ଶୁଭାକାଂକ୍ଷା ଦାଶ ନାଟ୍ୟ ନିର୍ଦ୍ଦେଶନା ଏବଂ ଆମ୍ରନ ଦାଶ ଓ ଦିବ୍ୟାଶା ମହାନ୍ତି ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର 'ମୋ ପରିଚୟ', ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ନାଟକ 'ପଥଭ୍ରଷ୍ଟ ଗୋବିନ୍ଦ', ଆଇନ ମହାବିଦ୍ୟାଳୟର ନାଟକ 'ମୁକ୍ତି' ମାଧ୍ୟମରେ ସାମ୍ପ୍ରତିକ ସମାଜର ପ୍ରସଙ୍ଗ ଉପସ୍ଥାପନ କରିଥିଲା। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଶ୍ରୀକାନ୍ତ ଚୌଧୁରୀ, ଦେବୁ ପଟ୍ଟନାୟକ, ଉମେଶ ଦାସ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ, ବବି ଇସଲାମ ଓ ସନ୍ଦୀପ ପାଣି ପ୍ରମୁଖ ଚୟନ ପର୍ଯ୍ୟାୟରେ ଉପସ୍ଥିତ ଥିଲେ। ସିନେ ଅଭିନେତା ଶ୍ରୀତମ ଦାସ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ନାଟକ ଗୁଡ଼ିକରେ ଛାତ୍ରୀଛାତ୍ରମାନେ ଅଭିନୟ କରିବା ସହ ନିଜେ କାହାଣୀ ଲେଖିବା, ନିର୍ଦ୍ଦେଶନା ଦେବା, ସଂଗୀତ ଦେବା ଆଦି କାର୍ଯ୍ୟ ତୁଲାଇଛନ୍ତି।

# ଲକ୍ଷେଶ୍ୱର ମନ୍ଦିରକୁ ପକ୍କା ରାସ୍ତା କରାଯାଉ

ଫୁଲନଖରା,୨୪।୯(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡସ୍ଥିତ ନଖରା ଗ୍ରାମରେ ରହିଛି ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୁରାତନ ଶୈବ ପୀଠ। ଏହି ପୀଠରେ ପ୍ରଭୁ ଶ୍ରୀରାମ ମନ୍ଦିର ମଧ୍ୟ ରହିଛି। ଏହି ପୀଠରେ ଅବସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଓ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରକୁ ଦୈନନ୍ଦିନ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଜମିଥାଏ। ମାନସିକ କଲେ ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପ୍ରଭୁ ଲକ୍ଷେଶ୍ୱର ପୂରଣ କରିଥାନ୍ତି। ମାତ୍ର ଆଜକୁ ୫-୭ ବର୍ଷ ହେବ ଜାତୀୟ ରାଜପଥରୁ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ପୀଠକୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଏକ ଘରୋଇ ଡାକ୍ତରଖାନା ବହୁ ଉଚ୍ଚତମ ଅଟ୍ଟାଳିକା ନିର୍ମାଣ କରିଥିବାରୁ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ଜଳ ନିଷ୍କାସନର କୌଣସି ସୁବିଧା ନ ଥିବାରୁ ଶ୍ରଦ୍ଧାଳୁମାନେ ପୀଠକୁ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଦିଗରେ ଭୁବନେଶ୍ୱର ମହାନଗର ନିଗମ ଓ ଖୋର୍ଦ୍ଧା ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜାତୀୟ ରାଜପଥରୁ ଲକ୍ଷେଶ୍ୱର ପୀଠ ଫାଟକ ପାଖକୁ ଯାଇଥିବା ମୁଖ୍ୟ ରାସ୍ତାକୁ ଦେଢ଼ ଫୁଟ ଉଚ୍ଚତାରେ ପକ୍କା ରାସ୍ତା ନିର୍ମାଣ କରାଗଲେ ରାସ୍ତାରେ ଉପରେ ପାଣି ଜମି ରହିବ ନାହିଁ। ଏ ନେଇ କଟକ ଜିଲା ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର ସଭାପତି ଲଳିତ କୁମାର ଦାଶ, ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ଅମିତ କୁମାର ପରିଡା, ଗୁଣ୍ଡୁଚି ସାହୁ, ଲକ୍ଷେଶର ଟ୍ରଷ୍ଟ ବୋର୍ଡର ସଭାପତି ଗୁଣନିଧି ପଟ୍ଟନାୟକ ଓ ବଂଶୀଧର ଭୋଳ, ସହଯୋଗ ଓଡ଼ିଶା ସଭାପତି ଗଣେଶ ପ୍ରସାଦ ଦାଶ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ପାରା ଲିଗାଲ୍ ଭଲ୍ୟୁଣ୍ଟିୟରଙ୍କ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଅତିଥି।

କଟକ,୨୪।୯(କାର୍ତ୍ତିକ ସାହୁ)

ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ସହଯୋଗରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନଙ୍କ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଇନ ସହାୟତା ପ୍ରଦାନ କ୍ଷେତ୍ରରେ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନଙ୍କୁ ସଚେତନ ଓ ଦକ୍ଷ କରାଇବା ନିମନ୍ତେ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦୦ ଭଲ୍ୟୁଣ୍ଟିୟର ଯୋଗଦେଇ ସାଇବର ଆଇନ, ଆଦିବାସୀ ଅଧିକାର, ସିଭିଲ ପ୍ରସିଡ୍ୟୁରର କୋଡ୍, ପୋକ୍‌ସୋ, ପୀଡ଼ିତଙ୍କୁ କ୍ଷତିପୂରଣ ଆଦି ସଂକ୍ରାନ୍ତରେ ବିଶେଷ ଜ୍ଞାନ ହାସଲ କରିଥିଲେ। ଓଡ଼ିଶା ରାଜ୍ୟ ଲିଗାଲ ସର୍ଭିସ୍ ଅଥରିଟିଙ୍କ ପରାମର୍ଶକ୍ରମେ ଏସବୁ ଦିଗ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ସାଇବର କ୍ରାଇମର ଅତିରିକ୍ତ ଏସ୍‌ପି ରିତେଶ ମହାପାତ୍ର, ଐଦେ ଏତ ଆକ୍ସନର ନିର୍ଦ୍ଦେଶକ ଉମି ଡାନିଏଲ, ଜୁଭେନାଇଲ ଜଷ୍ଟିସ ବୋର୍ଡର ପୂର୍ବତନ ସଦସ୍ୟ ନମ୍ରତା ଚଢ଼ା ପ୍ରମୁଖ କର୍ମଶାଳାରେ ତାଲିମ ପ୍ରଦାନ କରିଥିଲେ। ପ୍ରଫେସର ରଙ୍ଗୀନ ପଲ୍ଲବ ତ୍ରିପାଠୀ, ଡ. ସୁମନ ଦାଶ ଭଟ୍ଟାଚାର୍ଯ୍ୟ, ଡ. ସୁଦତ୍ତା ବାରିକ ଏବଂ ଡ. ଅଙ୍କିତା ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟ ସମୟରେ ଡାକ୍ତର, କର୍ମଚାରୀଙ୍କୁ ସୁରକ୍ଷା ଦାବି

କଟକ,୨୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ମେଡିକାଲରେ କାର୍ଯ୍ୟ ସମୟରେ ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ଦାବି କରିଛି ଜୁନିୟର ଡାକ୍ତର ସଂଘ (ଜେଡିଏ)। ଏ ଦିଗରେ ତୁରନ୍ତ ଆଲୋଚନା କରି ପଦକ୍ଷେପ ନେବାକୁ ଜେଡିଏ ପକ୍ଷରୁ ମେଡିକାଲ କଲେଜ ଅଧ୍ୟକ୍ଷ ଓ ମେଡିକାଲ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଓପିଡି ଓ ଆଇପିଡି ସମୟରେ କଟକଣା, ମେଡିକାଲ ପରିସରରେ ପୋଲିସ ପାଟ୍ରୋଲିଂ, ଡାକ୍ତର ପରାମର୍ଶ କରିବା ସମୟ, ଆଟେଣ୍ଡାଣ୍ଟ ପାସ୍, ସିସିଟିଭି କ୍ୟାମେରା ଲଗାଇବା ଓ ଏହାକୁ ଠିକ୍ ଭାବେ ପରିଚାଳନା କରିବା ଆଦି ବିଭିନ୍ନ ବିଷୟରେ ଉଲ୍ଲେଖ କରାଯାଇଛି। ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଲୁସି ଦାସ ଓ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଦାବିପତ୍ର ଗ୍ରହଣ କରି ଏଦିଗରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଜେଡିଏ ସଭାପତି ଡା. ଚିନ୍ମୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଷୋଳପୁଅ ମା'ଙ୍କ ବାର୍ଷିକୋତ୍ସବ

ଚୌଦ୍ୱାର,୨୪।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୯ ନଂ. ୱାର୍ଡସ୍ଥିତ ଟେକନିକାଲ କଲୋନୀରେ ଷୋଳପୁଅ ମା'ଙ୍କ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲୋନୀସ୍ଥିତ ଜୟ ଦୁର୍ଗା ଯୁବକ ସଂଘ ଅନୁକୂଳ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବସ୍ତିରେ ରହୁଥିବା ତେଲଗୁ ସମ୍ପ୍ରଦାୟ ଲୋକମାନେ ସକାଳୁ ଶୋଭାଯାତ୍ରାରେ ଯାଇ ସ୍ଥାନୀୟ ବିରୁପା ନଦୀକୂଳରେ ଘଟ ସ୍ଥାପନା ସହିତ ପୂଜାର୍ଚ୍ଚନା କରି ବାଜା ରୋଷଣିରେ ମା'ଙ୍କୁ ଆବାହନ କରି ସାହି ଭିତରକୁ ଆଣିଥିଲେ। ସନ୍ଧ୍ୟାରେ ବାଜାବାଣ ସହିତ ଶୋଭାଯାତ୍ରାର ସାହି ପରିକ୍ରମା କରାଯାଇ ସାହିସ୍ଥିତ ସୋଲାପୁରି ମନ୍ଦିରରେ ମା'ଙ୍କ ଘଟକୁ ବିଦାୟ ଦିଆଯାଇଥିଲା। ଜୟଦୁର୍ଗା ଯୁବକ ସଂଘ ସଭାପତି ଜାମି ତ୍ରିନାଥ, ସମ୍ପାଦକ ଜେ. ଧର୍ମରାଜ, ଜେ.ରାମକ୍ରୀଷ୍ଣା, ରବୀନ୍ଦ୍ର କୁମାର ପାଣ୍ଡେ, ବି. ଶଙ୍କର ରାଓ, ତପନ ନାୟକ, ଡି.ରାଜୁ, ଲିଙ୍ଗରାଜ ଚୌଧୁରୀ, ବି. ବାବୁଲା, ବି. ନୀଳକଣ୍ଠ, ଧୀର ପ୍ରଧାନ, ଜି. ବବୁଲ, କେ. କ୍ରିଷ୍ଣା, ବି.ଚିନ୍ନାରାଓ, ବି. ୟମନା ରେଡ୍ଡୀଙ୍କ ସମେତ ସାହିର ଯୁବବର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଲକ୍ଷ୍ୟ ହାସଲ ପାଇଁ ଲୋଡ଼ା କଠିନ ପରିଶ୍ରମ'

## ଡ୍ରିମ୍‌ସ ସ୍କୁଲ ଅଫ୍ ଏଗ୍ରିକଲଚର୍‌ରେ 'ଅଙ୍କୁରମ୍-୨୦୨୫'

କଟକ,୨୪।୯(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ୍ ଏଗ୍ରିକଲଚର୍‌ର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ 'ଅଙ୍କୁରମ୍-୨୦୨୫' ପଦ୍ମିନୀ ଅଡିଟୋରିୟମ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ନବାଗତ ବିଦ୍ୟାର୍ଥୀ ଏବଂ ଅତିଥିଙ୍କୁ ସ୍ୱାଗତ କରିବା ସହ ଉତ୍ସବର ସଫଳତା କାମନା କରିଥିଲେ। ମୁଖ୍ୟଅତିଥି କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଜିଏକେ କୁମାର କହିଲେ, ସଫଳତାର ମାର୍ଗ ଏତେ ସହଜ ନୁହେଁ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଲାଗି କଠିନ ପରିଶ୍ରମ ଲୋଡ଼ା। ଏଥିସହ ଆତ୍ମବିଶ୍ୱାସ ରହିବା ନିତାନ୍ତ ଜରୁରୀ। ସମ୍ମାନିତ ଅତିଥି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)ର ଜଳ ପରିଚାଳନା ବିଭାଗ ନିର୍ଦ୍ଦେଶକ ଡ. ଅର୍ଜ୍ଜମାଦତ୍ତ ଷଡ଼ଙ୍ଗୀ କୃଷି ଓ ଜୀବଜଗତ ପାଇଁ ଜଳ ଅପରିହାର୍ଯ୍ୟ ହୋଇଥିବାରୁ ଏହାର ଠିକ୍ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡ୍ରିମସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନାବାର୍ଡର ଅତିରିକ୍ତ ପ୍ରବନ୍ଧକ ଦେବେଶ ବେହେରା ସମସ୍ତ ପ୍ରକାର ଆହ୍ୱାନକୁ ସାମ୍ନା କରି ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ନୂତନ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନ ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ ସ୍ୱାଗତ ଭାଷଣ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରାଧ୍ୟାପିକା ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ଦୟାନନ୍ଦ ଷଡ଼ଙ୍ଗୀ, ଡ. ଦୀପକ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗ ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦେଇଥିଲେ।



ଡ୍ରିମ୍‌ସ ସ୍କୁଲ ଅଫ୍ ଏଗ୍ରିକଲଚର୍‌ର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ 'ଅଙ୍କୁରମ୍-୨୦୨୫' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅଯୋଧ୍ୟା ରାମମନ୍ଦିର ସଦୃଶ ଲାଇଟ ଗେଟ୍



## ଧରାବତରଣ କରିବେ ମା'

**କଟକ ଚଣ୍ଡୀରୋଡ୍ ଶେଖ୍‌ବଜାର ପୂଜା କମିଟି**

କଟକ,୨୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ତିନିଦିନ ଧରି ଜ୍ୱରରେ ପୀଡ଼ିତ ଥିବା ବୋଲଗଡ଼ ଥାନା ବିଦ୍ୟାସିଂହପୁର (ମାଳିସାହି) ଗ୍ରାମର ସନ୍ତୋଷ ମହାପାତ୍ରଙ୍କ ସାନପୁଅ ବିଷ୍ଣୁପ୍ରସାଦ ମହାପାତ୍ର(୧୮)ଙ୍କର ଭୁଲ ଇଞ୍ଜେକ୍ସନ ନେଇ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ମଙ୍ଗଳବାର ଅଭିଯୋଗ ଆଣିଥିଲେ। ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ଖୋର୍ଦ୍ଧା ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କ ନିର୍ଦ୍ଦେଶ କ୍ରମେ ବୋଲଗଡ଼ ବ୍ଲକ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଅସିତ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣାଭ ପଟ୍ଟଯୋଶି ଓ ବ୍ଲକ ମୁଖ୍ୟ ପରିଦର୍ଶକ ଦୀପକ ମହାନ୍ତି ପ୍ରମୁଖ ମାଳିସାହିରେ ମୃତକ ବିଷ୍ଣୁଙ୍କ ଘରେ ପହଞ୍ଚି ଘଟଣାର ବିବରଣୀ ସଂଗ୍ରହ କରିଛନ୍ତି। ଅଧିକାରୀମାନେ ବିଷ୍ଣୁଙ୍କ ପରିବାର ଲୋକଙ୍କଠାରୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।



ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ପରିବାର ଲୋକଙ୍କଠାରୁ ଅଧିକାରୀମାନେ ତଥ୍ୟ ସଂଗ୍ରହ କରୁଛନ୍ତି।

ସୂଚନା ଅନୁଯାୟୀ, ବୋଲଗଡ଼ ଥାନା ଅଞ୍ଚଳର ବିଷ୍ଣୁଙ୍କୁ ଜ୍ୱର ହେବାରୁ ମଙ୍ଗଳବାର ସକାଳେ ସେ ତାଙ୍କ ବଡ଼ଭାଇଙ୍କ ସହିତ ଚିକିତ୍ସା ନିମନ୍ତେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ପାଥୋଲାବରେ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ତାଙ୍କୁ ଟାଇଫଏଡ୍ ହୋଇଥିବା ନେଇ ପାଥୋଲାବ କର୍ମଚାରୀ କହିଥିଲେ। ଔଷଧ ଓ ଇଞ୍ଜେକ୍ସନ ଦେଉଛି ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ସେ କହିଥିଲେ। ପରେ କର୍ମଚାରୀ ଜଣଙ୍କ ସମ୍ପୃକ୍ତ ଛାତ୍ରଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ନେବାର କିଛି ସମୟ ପରେ ଛାତ୍ରଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ତେବେ ଗୁରୁତର ଛାତ୍ରଙ୍କୁ ଖୋର୍ଦ୍ଧା ମେଡିକାଲ ନେବା ପରିବର୍ତ୍ତେ ଆମ୍ବୁଲାନ୍ସରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ନ ଥିଲା। ପରେ ଘରକୁ ଆଣି ଦାହସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

## ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ

ବେଗୁନିଆ,୨୪।୯(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ଅବକାରୀ ଥାନା ପୋଲିସ ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀସ୍ଥିତ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ସମ୍ମୁଖରୁ ବୁଧବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, ଦଶପଲାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଜଣେ ବ୍ୟକ୍ତି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ନେଇଯାଉଥିଲେ। ଅବକାରୀ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ବସ୍‌କୁ ସମ୍ପୃକ୍ତ ସ୍ଥାନରେ ଅଟକାଇ ତଲାସି କରିଥିଲା। ଗଞ୍ଜେଇ ମିଳିବା ପରେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ସ୍କନ୍ଦମାତା ବେଶରେ ମା' ଉଗ୍ରତାରା

ଟାଙ୍ଗୀ,୨୪।୯(ରଘୁନାଥ ସାହୁ)



ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ମୁକ୍ତିଝରଗଡ଼ସ୍ଥିତ ମା' ଉଗ୍ରତାରା ପୀଠ ନବରାତ୍ର ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ବୁଧବାର ମା' ସ୍କନ୍ଦମାତା ବେଶରେ ପୂଜା ପାଇଥିଲେ। ଏହି ବେଶ ଦେଖିବା ସହ ପୂଜା କରିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଉଗ୍ରତାରା ମନ୍ଦିର କମିଟି ମୁଖ୍ୟ ଖୋର୍ଦ୍ଧା ଉପଜିଲାପାଳ କିଶୋର କୁମାର ପଣ୍ଡା, ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଯାଇଛି।

## ପତ୍ନୀହନ୍ତା ସ୍ୱାମୀଙ୍କୁ ଆଜୀବନ ଜେଲ

ବାଣପୁର/ଖୋର୍ଦ୍ଧା,୨୪।୯
(ଦିଲ୍ଲୀପ କୁମାର ସ୍ୱାଇଁ/ ପ୍ରଭାତ ପାଣିଗ୍ରାହୀ)

ଝରିଆଟାଙ୍ଗୀ ହତ୍ୟା ମାମଲାର ରାୟ ବୁଧବାର ବାଣପୁର ସର୍କିଟ କୋର୍ଟରେ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ (୧) ରଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାରକରି ଅଭିଯୁକ୍ତ ପତ୍ନୀହନ୍ତା ସ୍ୱାମୀ ବିଭୁଦତ୍ତ ରାଉତରାୟଙ୍କୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

କୋର୍ଟ ବିବରଣୀରୁ ପ୍ରକାଶ, ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅଧୀନ ଝରିଆଟାଙ୍ଗୀ ଗ୍ରାମର ଶିକ୍ଷକ ସ୍ୱର୍ଗତ ବିରୂପାକ୍ଷ ରାଉତରାୟଙ୍କ ଏକମାତ୍ର ପୁତ୍ର ବିଭୁଦତ୍ତ ରାଉତରାୟ ନାରୁଣୀ ଥାନା ଅନ୍ତର୍ଗତ ଲୁହାକୋଟ୍ ଗ୍ରାମର ରାଜକିଶୋର ପ୍ରଧାନଙ୍କ ଝିଅ ନମିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଓ ଦୁଇଟି ପୁଅ ଅଛନ୍ତି। ତେବେ ଛୋଟ ଛୋଟ କଥାକୁ ନେଇ ବିଭୁଦତ୍ତ ଓ ନମିତାଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ୨୦୨୦ ନଭେମ୍ବର ୨୩ ଅପରାହ୍ନ ପ୍ରାୟ ସାଢେ ୩ଟା ବେଳେ ବିଭୁଦତ୍ତ ଘର ବାରିପଟେ କାଠ ହାଣିବା ପାଇଁ କଟୁରି ଧାର କରୁଥିଲେ। ଏହି ସମୟରେ ନମିତା ତାଙ୍କୁ ଖାଇବା ପାଇଁ ଡାକିଥିଲେ। ବିଭୁଦତ୍ତ ମନା କରିବା ପରେ ନମିତା ପୁନର୍ବାର ତାଙ୍କୁ ଡାକିଥିଲେ। ଏଥିରେ ବିଭୁଦତ୍ତ ଉତ୍ତ୍ୟକ୍ତ ହୋଇ କଟୁରିରେ ନମିତାଙ୍କ ବେକକୁ ହାଣିଦେବାରୁ ମୁଣ୍ଡଟି ଛିଡ଼ିଯାଇ ଦୂରରେ ପଡ଼ିଥିଲା। ନମିତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ କଟୁରି ଓ ମୃତଦେହ ଜବତକରିବା ସହ ବିଭୁଦତ୍ତଙ୍କୁ ଗିରଫ କରିଥିଲା। ନମିତାଙ୍କ ବାପା ରାଜକିଶୋରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଥିଲା। ତତ୍କାଳୀନ ବାଣପୁର ଥାନାଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ବିଭିନ୍ନ ଦଫାରେ ଅଭିଯୁକ୍ତ ବିଭୁଦତ୍ତଙ୍କ ବିରୋଧରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଏହାର ଶୁଣାଣି ଚାଲିଥିଲା। ବୁଧବାର ଶୁଣାଣିରେ ସାକ୍ଷ୍ୟ, ପ୍ରମାଣ ସମେତ ପାରିପାର୍ଶ୍ୱିକ ଅବସ୍ଥା, ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାରକରି ବିଚାରପତି ଅଭିଯୁକ୍ତ ବିଭୁଦତ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଓ ଜରିମାନାରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ ଏବଂ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ ଅନ୍ନଦା ଶଙ୍କର ଷଡ଼ଙ୍ଗୀ ଏହି ମାମଲାକୁ ପରିଚାଳନା କରୁଥିଲେ।

## 'ସୁସ୍ଥ ନାରୀ, ସଶକ୍ତ ପରିବାର'

ବାଣପୁର,୨୪।୯
(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରିମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ୨୧୪ଜଣ ମହିଳା ଓ ପୁରୁଷଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସଞ୍ଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ ଉଦଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଡା. ପ୍ରଭାତ କୁମାର ଜଗଦେବ, ଡା. ମନୋଜ କୁମାର ସାହୁ, ଡା. ରାକେଶ ମହାରଣା,ଡା. କାହ୍ନୁ ଚରଣ ସାହୁ, ଗମ୍ଭାରିମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀଜା ମହାରଥା ଯୋଗଦେଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ସସ୍ମିତା ବେହେରା, ଆକାଉଣ୍ଟାଣ୍ଟ ଫିଞ୍ଜିନା ତ୍ରିପାଠୀ, ସହାୟକ ନିର୍ମଳ ମାଝୀ, ରଞ୍ଜନ ସେଠୀ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ମାତୃ ସମ୍ମିଳନୀ

ଜଟଣୀ,୨୪।୯(ରବୀନ୍ଦ୍ରନାଥ ମହାନ୍ତ)

ଜଟଣୀସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଶିଶୁବାଟିକା ପକ୍ଷରୁ ମାତୃ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକାର ୪୨ଜଣ ମା' ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି, ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସରୋଜ କୁମାର ବେଲିଆରସିଂହ ଏବଂ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଗୀତାଞ୍ଜଳି ସାହୁ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୀତାଞ୍ଜଳି ସାହୁ ଶିଶୁଙ୍କ ପ୍ରତି ମା'ମାନଙ୍କର ଭୂମିକା ବିଷୟରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ଶିଶୁବାଟିକାର ପ୍ରମୁଖ ନମିତା ମିଶ୍ର ଏବଂ ଗୁରୁମା ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ଧନ୍ୟବାଦ ଦେଇଥିଲେ।

## ସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ




ଅତିଥିଙ୍କ ଗହଣରେ ମହାବିଦ୍ୟାଳୟର ଛାତ୍ରୀ ଏବଂ ଜରାନିବାସର ଅନ୍ତେବାସୀ।

ବାଲୁଗାଁ,୨୪।୯
(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ବୁଧବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ପ୍ରାକ୍ତନ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଶିକ୍ଷାର୍ଥୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି ଓ ବ୍ୟକ୍ତିତ୍ୱର ବିକାଶ ଏନ୍‌ଏସ୍‌ଏସ୍‌ର ମୂଳ ଲକ୍ଷ୍ୟ। ରାଜ୍ୟ ଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ ବାଲୁଗାଁ ମହାବିଦ୍ୟାଳୟ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ବବୁଲ ରଣସିଂହ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ବିକ୍ରମ ବିଷୋୟୀ, ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ନବକିଶୋର ଜାଲି, ଯଶୋବନ୍ତ ବେହେରା, ଶିବ କୁମାର ବେହେରା, ମୋନାଲିସା ରାଉତ, ସନ୍ଧ୍ୟାରାଣୀ ବେହେରା, ସୁଗନ୍ଧରାଜ ଜେନା, ରଶ୍ମିରେଖା ବେହେରା ପ୍ରମୁଖ ଯୋଗଦେଇ ନିଜ ଅନୁଭୂତି ବର୍ଣ୍ଣନା କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିବା ସହ ନିକଟସ୍ଥ ଜରାନିବାସରେ ବୃଦ୍ଧା ବୃଦ୍ଧଙ୍କୁ ଫଳ ବଣ୍ଟନ କରିଥିଲେ। ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

**କାର୍ଯ୍ୟର ନାମ:** "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ୍-କୁନାଗଡ଼ ରୋଡ୍ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ୍ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲକିଙ୍ଗ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

**କାର୍ଯ୍ୟର ନାମ:** ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ୍‌ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି : 05(ପାଞ୍ଚ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-117/CI/25-26



ସମଗ୍ର ଶିକ୍ଷା / Samagra Shiksha

**DISTRICT PROJECT OFFICE, SAMAGRA SHIKSHA, MAYURBHANJ**

Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**
**No. : 4590 Date : 23.09.2025**

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj
OIPR-27140/11/0014/2526



**Government of Jharkhand**
**Urban Development and Housing Department**
**Deoghar Municipal Corporation, Deoghar**

**Short Term E Procurement Notice**
**Tender Notice No. DNN/31/2025-26 (2nd Call)**

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह0/–
नगर आयुक्त सह प्रशासक
देवघर नगर निगम, देवघर

PR 362826 Deoghar(25-26).D



No.O-787

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**

E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana
OIPR-25148/11/0043/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**

E-mail id : eerwgunupur@gmail.com

No.O-808

**GEPNIC e-Procurement Notice**
**Bid Identification No. : EERWGNP - Online - 04/2025-26**

**No.:/3461 Date : 17.09.2025**

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur
OIPR-25170/11/0018/2526



**Jharkhand BijliVitran Nigam Limited**
(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for 'Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)'.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचायें। कृपया अपनी शिकयतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL

PR 362770 Jharkhand Bijlee Vitran Nigam Ltd(25-26)D



**WALK-IN-INTERVIEW**
**JODA WOMEN'S COLLEGE, JODA, KEONJHAR**

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**



No.B-554

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : sernb1.ganjam@yahoo.com

**"e" Procurement Notice**
**Bid Identification No. SE R&B Divn. No.I Bam. 15/2025-26**

Lr. No. 11205 Dated : 20.09.2025

| | |
|---|---|
| Name of work | : E.I. Work |
| No. of works | : 11 (Eleven) Nos |
| Estimated Cost | : Approximately Rs.5.86 to 15.71 Lakh |
| Period of Completion | : 1 (One) Year |
| Date and time of Availability of bid document in the portal | : From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : Upto 16.00 hours of 14.10.2025 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur
OIPR-34109/11/0046/2526



No.A-660

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUNDARGARH IRRIGATION DIVISION, SUNDARGARH**
**ଅଧୀକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼**

E.mail-ID : irreesng@yahoo.in / irreesng@gmail.com

**'e' Procurement for Civil Works**
**Bid-Identification No. SID-03/2025-26 (On-line), Dt. 23.09.2025**

Letter No. 11462 Dt. 23.09.2025

| | | |
|---|---|---|
| 1 | No. of works | : Six (06 Nos.) |
| 2 | Estimated Cost | : Rs.8.48 Lakh to Rs.29.17 Lakh |
| 3 | Period of completion | : Four (04) Calendar Months |
| 4 | Date & Time of availability | : Dt.26.09.2025 at 10:00 A.M. to Dt.16.10.2025 up to 5:30 P.M. |
| 5 | Last date/Time for receipt of bids in the portal | : Dt.16.10.2025 up to 5:30 P.M. |
| 6 | Date and time of opening of tender | : Dt.18.10.2025 at 11:00 A.M. |

Further details can be seem from the State Govt. Portal : www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Superintending Engineer
Sundargarh Irrigation Division
Sundargarh
OIPR-32134/11/0011/2526

# ‘ଅତ୍ୟାବଶ୍ୟକ ଯୁଗର ସମ୍ଭାବନା, ଆହ୍ୱାନ’

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ପିପିଲି,୨୪।୯(ଦୁର୍ଗା ମାଧବ ମିଶ୍ର)

ପିପିଲି ନୋଡାଲ ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିପିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ପୀତବାସ ସେଠୀ, ଡେଲାଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ପ୍ରଧାନଶିକ୍ଷୟିତ୍ରୀ ସୌଭାଗିନୀ ନାୟକ, ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଏବିଇଓ ସାହେବ ପାତ୍ର, ଖବରଦାତା ଦୀନବନ୍ଧୁ ବେହୁରା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ‘ଅତ୍ୟାବଶ୍ୟକ ଯୁଗର ସମ୍ଭାବନା ଓ ଆହ୍ୱାନ’ ବିଷୟରେ ଛାତ୍ରୀଛାତ୍ରମାନେ ସେମିନାରରେ ଉପସ୍ଥାପନା କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବୀରପୁରୁଷୋତ୍ତମପୁର ପତିତପାବନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ମମତା ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀରେ ଭାଗନେବାକୁ ମନୋନୀତ ହୋଇଥିଲେ। ପ୍ରତିଯୋଗିତାରେ ବିଚାରପତି ଭାବେ ପିପିଲି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପିକା ରଚିତା ସାହୁ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦିବ୍ୟ ପ୍ରସାଦ କାନୁନ୍‌ଗୋ ଯୋଗ ଦେଇଥିଲେ। ଏବିଇଓ ଡ. ଶରତ ଚନ୍ଦ୍ର ଚଉଁରୀ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ଶିକ୍ଷକ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କଣାସ,୨୪।୯(ବିଭୂତି ଭୂଷଣ ତ୍ରିପାଠୀ)

୨୦୨୪-୨୫ ଶିକ୍ଷାବର୍ଷରେ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ କଣାସ ବ୍ଲକରୁ ମଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ସିଆର୍‌ସିଙ୍କ ସମେତ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଧବାର କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଚଳିତ ମାସର ଦ୍ୱିତୀୟ ମାସିକ ସମୀକ୍ଷା ବୈଠକରେ ପୁରୀ ଜିଲାର ଏକମାତ୍ର ସାଧନ କେନ୍ଦ୍ର ସଂଯୋଜକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ବୈକୁଣ୍ଠନାଥ କୋଦମାସିଂହ, ପ୍ରାଥମିକ ବିଭାଗରେ ଶିକ୍ଷୟିତ୍ରୀ ମମତାରାଣୀ ବେହେରା, ମାଧ୍ୟମିକ ବିଭାଗରେ ପୀତବାସ ସୁନା, ପ୍ରଫୁଲ୍ଲ କୁମାର ପଲେଇ ଓ ଆଶୁତୋଷ ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଧିକାରୀ ବେହେରାଙ୍କ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଏହି କୃତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ଶିକ୍ଷାଧିକାରୀମାନେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ୪ ଦିନ ପୂରିଲା

ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପିକା ଲୋପିତା କେଇଙ୍କୁ ମହାବିଦ୍ୟାଳୟ ପରିସରରେ ଦୁର୍ବ୍ୟବହାର ଘଟଣାକୁ ୪ ଦିନ ବିତିଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିପାରି ନାହିଁ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କୁ ସଂପୃକ୍ତ ଅଧ୍ୟାପିକା ଲିଖିତ ଅଭିଯୋଗ କରିବାପରେ ତାଙ୍କୁ ନ୍ୟାୟ ନ ମିଳିବାରୁ ବୁଧବାର ପୂର୍ବାହ୍ନରେ ଅଧ୍ୟାପିକାଙ୍କ ମା’ ବୀଣାପାଣି କେଇ ଝିଅର ମାନସିକ ସ୍ଥିତି ଠିକ୍ ନାହିଁ, କେତେବେଳେ କ’ଣ ଘଟିବ ଓ ଆମକୁ ନ୍ୟାୟ ଦିଅ ବୋଲି ଏକ ଲିଖିତ ଅଭିଯୋଗ କରିଥିବା ଅଭିଯୋଗ ପତ୍ରରୁ ଜଣାପଡ଼ିଛି। ଏନେଇ ଅଧ୍ୟକ୍ଷା ପ୍ରିୟମ୍ବଦା କହିଛନ୍ତି, ଆଭ୍ୟନ୍ତରୀଣ କମିଟି ରିପୋର୍ଟ ଆସିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଟ୍ରେନ୍ ଲାଇନରୁ କଲେଜ ଛାତ୍ରୀଙ୍କ ମୃତଦେହ ଜବତ

ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ଟ୍ରେନ୍ ଲାଇନରୁ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଜିଆର୍‌ପି ଥାନା ପୋଲିସ ଉଦ୍ଧାର କରିଛି। ମୃତ ଛାତ୍ରୀ ଜଣଙ୍କ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର ଖୁସି ରାଉତ। ସେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇ ଟ୍ରେନ୍ ଲାଇନରେ ଫିଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପରିବାର ଲୋକେ ଏନେଇ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଜାଣିବା ପାଇଁ ଜିଆର୍‌ପି ପୋଲିସ ଏବଂ ଆର୍‌ପିଏଫ୍ ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜେନାସାହି ପାଖାପାଖି ଜଣେ ଯୁବତୀଙ୍କ ମୃତଦେହ ଟ୍ରେନ ଲାଇନରେ ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବତୀଙ୍କ ଗୋଡ କଟିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନ ଖଣ୍ଡିଆ ଖାବରା ହୋଇଛି। ଟ୍ରେନ୍ ଲାଇନ ମଝିରେ ସେ ମୋଡ଼ି ହୋଇ ପଡିଥିଲେ। ନିକଟରୁ ତାଙ୍କ କଲେଜ ବ୍ୟାଗ ଏବଂ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏ ନେଇ ମୃତା ଛାତ୍ରୀଙ୍କ ମାଆ ଜିଆର୍‌ପି ଥାନାରେ କେହି ଦୁର୍ବୃତ୍ତ ଝିଅକୁ ହତ୍ୟା କରି ରେଳ ଲାଇନରେ ଫିଙ୍ଗି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି।

# ୩ୟ ଦିନରେ ଧାରଣା: ବ୍ଲକ୍ କାର୍ଯ୍ୟ ବାଧାପ୍ରାପ୍ତ

କଣାସ,୨୪।୯(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନକ୍ରମେ କଣାସ ବ୍ଲକ ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବାରୁ ୩ ଦିନ ହେଲା ବ୍ଲକର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ବୁଧବାର ତୃତୀୟ ଦିନରେ ଶତାଧିକ କର୍ମୀ ଧାରଣାରେ ବସିଥିବା ବେଳେ ଗଡ଼ବଡ଼ପୁଟ ପଞ୍ଚାୟତର ସିଆର୍‌ପି ସନ୍ଧ୍ୟାରାଣୀ ରାଉତରାୟ ଅସୁସ୍ଥ ହୋଇପଡ଼ିବାରୁ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ସଙ୍ଗେସଙ୍ଗେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। କଣାସର ୨୮ଟି ପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସିରହିବା ସହିତ ସେମାନଙ୍କର ଦାବି ସମ୍ପର୍କରେ ସ୍ଲୋଗାନ୍ ଦେଉଛନ୍ତି। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆଯାଇ ନ ଥିବାବେଳେ ୬ ମାସ ହେଲାଣି ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କର୍ମୀମାନେ ବ୍ଲକ, ଜିଲା, ରାଜ୍ୟସ୍ତରୀୟ ଅଧିକାରୀ ଓ ବିଭାଗ ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ ବି କୌଣସି ସୁଫଳ ମିଳି ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ୍‌କୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ୩ ଦିନ ହେଲା କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ଓ ଅନ୍ୟ ପୋଲିସ୍ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

## ‘ସିକ୍ତ ସମ୍ପର୍କ’ ପୁସ୍ତକ ଉନ୍ମୋଚିତ

ପୁରୀ,୨୪।୯ (ଅଜିତ୍ କୁମାର ମହାନ୍ତି)

ମିନତୀ ମିଶ୍ରଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ ‘ସିକ୍ତ ସମ୍ପର୍କ’ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ନୀଳକଣ୍ଠ ପତି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ହରପ୍ରିୟା ସାହୁ, ନ୍ୟାଶନାଲ ବୁକ ଟ୍ରଷ୍ଟର ପୂର୍ବତନ କର୍ମକର୍ତ୍ତା ମାନସ ରଞ୍ଜନ ମହାପାତ୍ର ଏବଂ ପ୍ରକାଶକ ଶରତ କୁମାର ମିଶ୍ର ମଞ୍ଚାସୀନ ରହି ଗଳ୍ପ ସଙ୍କଳନ ସିକ୍ତ ସମ୍ପର୍କକୁ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଲେଖିକା ମିନତୀ ମିଶ୍ର ନିଜର ସଂକଳନ ପ୍ରସ୍ତୁତି ସହ ଜଡ଼ିତ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି, ଡ. ସସ୍ମିତା ମିଶ୍ର, ପ୍ରତିଭା ଦାସ, କ୍ରିଷ୍ଟା ମହାପାତ୍ର, ପ୍ରବାସିନୀ ମିଶ୍ର ଏବଂ ଲେଖିକାଙ୍କ ଦୁଇ କନ୍ୟା ଓ ଜାମାତା ଏବଂ ନାତୁଣୀ ସଞ୍ଚାଳନ କରିଥିଲେ।

## ଭୂମି ମାଲିକଙ୍କୁ ସ୍ୱତ୍ୱଲିପି ପ୍ରଦାନ



ଜମି ମାଲିକମାନଙ୍କୁ ସ୍ୱତ୍ୱଲିପି ପ୍ରଦାନ କରାଯାଉଛି।

ପୁରୀ,୨୪।୯(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକଙ୍କୁ ସ୍ୱତ୍ୱଲିପି ବା ଖତିଆନ ବଣ୍ଟନ ଆରମ୍ଭ ହୋଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଚକବନ୍ଦୀ ଉପନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶକ୍ରମେ ଅତିରିକ୍ତ ଉପଜିଲାପାଳ ତଥା ଚକବନ୍ଦୀ ଅଧିକାରୀ ନୀଳମାଧବ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଶେଷ ହୋଇଥିଲା। ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଚୂଡ଼ାନ୍ତ ସ୍ୱତ୍ୱଲିପି ବା ଖତିଆନ ସଂପୃକ୍ତ ଜମି ମାଲିକମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇଁଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଚୂଡ଼ାନ୍ତ ବନ୍ଦୋବସ୍ତ ସ୍ୱତ୍ୱଲିପି ବା ଖତିଆନ ୯।୪।୧୯୭୬ ମସିହାରେ ପ୍ରକାଶନ ହୋଇଥିଲା। ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭହୋଇ ୨୪।୯।୨୦୨୫ରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୂଡ଼ାନ୍ତ ସ୍ୱତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକମାନଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଅନେକ ଦିନ ଧରି ସ୍ୱତ୍ୱଲିପିର ସଂଶୋଧନ ହୋଇପାରି ନ ଥିବାରୁ ଆମେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲୁ। ବର୍ତ୍ତମାନ ଏହି ସ୍ୱତ୍ୱଲିପି ପାଇଥିବାରୁ ଭୂମି ମାଲିକମାନେ ସେମାନଙ୍କ ଖୁସିବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

# ୧୬୬ ୟୁନିଟ୍ ରକ୍ତ ସଂଗ୍ରହ

ପିପିଲି, ୨୪।୯(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ବୁଧବାର ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ପିପିଲି ମଙ୍ଗଳପୁର ନିକଟ ହୋଟେଲ ରାଞ୍ଚ ପରିସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଫିତା କାଟି ଏହାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମଗିରି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାୟକ ଆଶ୍ରିତଙ୍କ ଧର୍ମପତ୍ନୀ ସ୍ମିତା ମହାନ୍ତି ଏହି ଉତ୍ସବରେ ସାମିଲ ହୋଇଥିଲେ। ତେବେ ଏହି ରକ୍ତଦାନ ଶିବିରରେ ମୋଟ ୧୬୬ ୟୁନିଟ୍ ରକ୍ତ ସ୍ୱେଚ୍ଛାକୃତ ଭାବେ ସଂଗ୍ରହ କରାଯାଇଛି। ପିପିଲି ତହସିଲଦାର, ବିଡିଓ ସିଡିପିଓ, ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ, ଡେଲାଙ୍ଗ ବ୍ଲକର ବିଭିନ୍ନ ଅଧିକାରୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ପିପିଲି ଓ ଡେଲାଙ୍ଗ ବ୍ଲକର ଅନେକ ପୋଲିସ କର୍ମଚାରୀ ବିଧାୟକଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଡେଲାଙ୍ଗ ଓ ପିପିଲି ବ୍ଲକର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର କୃତୀ ଛାତ୍ରୀଛାତ୍ର ମୋଟ ୬୧ ଜଣଙ୍କୁ ଏମ୍‌ପି ଡ. ପାତ୍ର ଏବଂ ସ୍ମିତା ମହାନ୍ତି ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଭାଜପାର କାର୍ଯ୍ୟକର୍ତ୍ତା ବୈଠକ

ବଳଙ୍ଗା,୨୪।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ୧୮ନଂ. ଜିଲା ପରିଷଦ ଜୋନ୍‌ର କୋଠକୁସାଙ୍ଗ ପଞ୍ଚାୟତରେ ସେବାପକ୍ଷ ଅବସରରେ ଭାଜପାର କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବରିଷ୍ଠ ନେତୃତ୍ୱ ପ୍ରଦୀପ୍ତ କୁମାର ଖଟୋଇ, ଅଶୋକ କୁମାର ସାହୁ, ପବିତ୍ର କୁମାର ସାହୁ, ଧରଣୀଧର ବେହେରା, ବିଜୟ କୁମାର ସାମନ୍ତସିଂହାରଙ୍କ ସମେତ ପଞ୍ଚାୟତର ନେତୃମଣ୍ଡଳୀ ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମୀକ୍ଷା କରିଥିଲେ।

## ଜାତୀୟ ସେବା ଯୋଜନା ଦିବସ

ଅସ୍ତରଙ୍ଗ, ୨୪।୯(ମମତା ଜେନା)

ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟ ଅସ୍ତରଙ୍ଗଠାରେ ଜାତୀୟ ସେବା ଯୋଜନା ଦିବସ ତଥା ସ୍ୱେଚ୍ଛାସେବୀ ଅଧିଗ୍ରହଣ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରହ୍ଲାଦ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅର୍ଥନୀତି ଅଧ୍ୟାପକସ୍ ପ୍ରଦୀପ୍ତ କୁମାର ମିଶ୍ର, ରାଜନୀତି ବିଜ୍ଞାନ ଅଧ୍ୟାପକ ବୁଦ୍ଧଦେବ ଜେନା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ଛାଟୋଇ ଅଧ୍ୟାପିକା ମମତା ସଓ୍ୱାଇଁ ଏବଂ ଅଧ୍ୟାପିକା ପ୍ରଗତି ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ମନୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରାମଚନ୍ଦ୍ର ବିଶ୍ୱାଳ, ସଚ୍ଚିଦାନନ୍ଦ ନାୟକ, ଶୁଶାନ୍ତ ପରିଡା ସହଯୋଗ କରିଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

କାର୍ଯ୍ୟର ନାମ: "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ୍ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲିଙ୍କ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.10.2025 ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-628/Q/25-26



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

କାର୍ଯ୍ୟର ନାମ: ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି: 05(ପାଞ୍ଚ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.10.2025 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆଇଡାଣ୍ଟିଫାଏର୍ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-117/CI/25-26



### DISTRICT PROJECT OFFICE, SAMAGRA SHIKSHA, MAYURBHANJ

ସମଗ୍ର ଶିକ୍ଷା Samagra Shiksha

Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**

**No. : 4590 Date : 23.09.2025**

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj

OIPR-27140/11/0014/2526



### Government of Jharkhand
### Urban Development and Housing Department
### Deoghar Municipal Corporation, Deoghar

**Short Term E Procurement Notice**

**Tender Notice No. DNN/31/2025-26 (2nd Call)**

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह० / –
नगर आयुक्त सह प्रशासक
देवघर नगर निगम, देवघर

PR 362826 Deoghar(25-26).D



No.O-787

### GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION, MOHANA

E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana

OIPR-25148/11/0043/2526



### GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION, GUNUPUR

E-mail id : eerwgunupur@gmail.com

No.O-808

**GEPNIC e-Procurement Notice**

**Bid Identification No. : EERWGNP - Online - 04/2025-26**

**No.:/3461 Date : 17.09.2025**

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25170/11/0018/2526



### Jharkhand BijliVitran Nigam Limited

(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for ‘Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)’.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचावें। कृपया अपनी शिकयतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL

PR 362770 Jharkhand Bijlee Vitran Nigam Ltd(25-26)D



### WALK-IN-INTERVIEW
### JODA WOMEN'S COLLEGE, JODA, KEONJHAR

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**



No.B-554

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

Phone / Fax : (0680) 2233683, e-mail : sernb1.ganjam@yahoo.com

**“e” Procurement Notice**

**Bid Identification No. SE R&B Divn. No.I Bam. 15/2025-26**

Lr. No. 11205 Dated : 20.09.2025

| | | |
|---|---|---|
| Name of work | : | E.I. Work |
| No. of works | : | 11 (Eleven) Nos |
| Estimated Cost | : | Approximately Rs.5.86 to 15.71 Lakh |
| Period of Completion | : | 1 (One) Year |
| Date and time of Availability of bid document in the portal | : | From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : | Upto 16.00 hours of 14.10.2025 |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34109/11/0046/2526



No.A-660

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### SUNDARGARH IRRIGATION DIVISION, SUNDARGARH

ଅଧୀକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼

E.mail-ID : irreesng@yahoo.in / irreesng@gmail.com

**‘e’ Procurement for Civil Works**

**Bid-Identification No. SID-03/2025-26 (On-line), Dt. 23.09.2025**

Letter No. 11462 Dt. 23.09.2025

| | | | |
|---|---|---|---|
| 1 | No. of works | : | Six (06 Nos.) |
| 2 | Estimated Cost | : | Rs.8.48 Lakh to Rs.29.17 Lakh |
| 3 | Period of completion | : | Four (04) Calendar Months |
| 4 | Date & Time of availability | : | Dt.26.09.2025 at 10:00 A.M. to Dt.16.10.2025 up to 5:30 P.M. |
| 5 | Last date/Time for receipt of bids in the portal | : | Dt.16.10.2025 up to 5:30 P.M. |
| 6 | Date and time of opening of tender | : | Dt.18.10.2025 at 11:00 A.M. |

Further details can be seem from the State Govt. Portal : www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Superintending Engineer
Sundargarh Irrigation Division
Sundargarh

OIPR-32134/11/0011/2526

# ଓଡ଼ିଶା ଦକ୍ଷ ପ୍ରତିଭାର କେନ୍ଦ୍ର ପାଲଟିବ

## ୩ ଅନୁଷ୍ଠାନ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ୩ ସଂସ୍ଥା ଗତି ଫାଉଣ୍ଡେଶନ, ଜଷ୍ଟ ଜବ୍‌ସ ନେଟ୍‌ୱର୍କ ଏବଂ ଫୁଟ୍‌ୱୟାର ଡିଜାଇନ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏଫ୍‌ଡିଡିଆଇ) ସହିତ ବୁଧବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ମନ୍ତ୍ରୀ ସ୍ୱାଇଁ କହିଲେ, ଏହି ବୁଝାମଣାପତ୍ର ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁଯୋଗକୁ ଆହୁରି ବ୍ୟାପକ କରିବ। ଓଡ଼ିଶାକୁ ଦକ୍ଷ ପ୍ରତିଭାର କେନ୍ଦ୍ର ଭାବେ ପରିଗଣିତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଦକ୍ଷତା ବିକାଶ ନୀତିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ପାଇଁ ଏହା ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଦକ୍ଷତା ବିକାଶକୁ ସବୁବେଳେ ପ୍ରାଥମିକତା ଦେଉଛୁ। ଆମର ଯୁବପିଢ଼ି କେବଳ ଆମ ରାଜ୍ୟ କିମ୍ବା ଦେଶରେ ନିଯୁକ୍ତି ପାଇବା ପାଇଁ ନୁହେଁ, ବରଂ ବିଶ୍ୱସ୍ତରରେ ସଫଳ ହେବା ପାଇଁ ଦକ୍ଷ ହେବାର ଆବଶ୍ୟକତା ରହିଛି। ଏହି ବୁଝାମଣାପତ୍ର ଦକ୍ଷତା ବିକାଶ କ୍ଷେତ୍ରରେ ଆମର ପ୍ରତିବଦ୍ଧତାର ପ୍ରମାଣ। ଏହା ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତକୁ ସଶକ୍ତ କରିବ। ଆମେ କେବଳ ନିଯୁକ୍ତି ସୃଷ୍ଟି କରୁ ନାହୁଁ, ବରଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତାକାଲି ପାଇଁ ଏକ ଦୃଢ଼ ଆତ୍ମବିଶ୍ୱାସୀ ମାନବସମ୍ବଳ ସୃଷ୍ଟି କରୁଛେ। ଗତି ଫାଉଣ୍ଡେଶନ ସହିତ ସହଭାଗିତା ଓ ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବ। ଏହାଦ୍ୱାରା ରାଜ୍ୟରେ ଉଚ୍ଚ ଦକ୍ଷତାସମ୍ପନ୍ନ ବିଶ୍ୱସ୍ତରୀୟ ଦକ୍ଷ ବୃତ୍ତିଗତ ମାନବ ସମ୍ବଳ ସୃଷ୍ଟି ହୋଇପାରିବ। ସେହିପରି ଜଷ୍ଟ ଜବ୍‌ସ ନେଟ୍‌ୱାର୍କର ସହଯୋଗରେ ଗବେଷଣା ନେତୃତ୍ୱାଧୀନ ଅନ୍ତର୍ଭୁକ୍ତ ଦକ୍ଷତା ନୀତିକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଥିଲେ।

ଗତି ଫାଉଣ୍ଡେଶନର ସିଇଓ ଅର୍ଣ୍ଣବ ଭଟ୍ଟାଚାର୍ଯ୍ୟ, ଜଷ୍ଟ ଜବ୍‌ସ ନେଟ୍‌ୱର୍କର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସବିନା ଦିୱାନ ଏବଂ ଏଫ୍‌ଡିଡିଆଇ ହାଇଦ୍ରାବାଦ କ୍ୟାମ୍ପସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ନରସିଂହୁଗାରୀ ଟି. ଏଲ. ରେଡ୍ଡୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ବିଭାଗୀୟ ଅଧିକାରୀ ଓ ୩ ସଂସ୍ଥାର କର୍ମକର୍ତ୍ତାମାନେ।


ଦ କ୍ୟାଟ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ତିନିଦିନିଆ ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ୍'ର ବୁଧବାର ଶେଷ ସନ୍ଧ୍ୟାରେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ନାଟକ ବିଭାଗର ଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ପରିବେଶ ସଚେତନଧର୍ମୀ ନାଟକ 'ବୃକ୍ଷୋ ରକ୍ଷତି ରକ୍ଷିତଃ'ର ଏକ ଦୃଶ୍ୟ। (ଫଟୋ– ବିକାଶ ନାୟକ)

# ଯୁବକଙ୍କୁ ଅପହରଣ, ୨୦ ଲକ୍ଷ ମୁକ୍ତି ଜାମିନ

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)

## ଥାନାରେ ଏତଲା ଦେଲେ ସ୍ତ୍ରୀ

ଭୁବନେଶ୍ୱର ଜାଗମରା ଅଞ୍ଚଳରୁ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅପହୃତ ଯୁବକ ହେଲେ ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଢେପାପେଣ୍ଠର ହରିଶ୍ଚନ୍ଦ୍ର ସାହୁ। ସେ ପୋଖରୀପୁଟସ୍ଥିତ ଏକ କଷ୍ଟ୍ରକ୍‌ସନ ସଂସ୍ଥାରେ ରୋଷେୟା ଭାବେ କାମ କରନ୍ତି। ହରିଶ୍ଚନ୍ଦ୍ରଙ୍କୁ ମୁକୁଳାଇବାକୁ ଅପହର୍ତ୍ତାମାନେ ୨୦ ଲକ୍ଷ ଟଙ୍କା ଦାବି କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ଖଣ୍ଡଗିରି ଥାନାରେ ବୁଧବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ହରିଶ୍ଚନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳରେ ରୁହନ୍ତି। ସୋମବାର ରାତିରେ ହରିଶ୍ଚନ୍ଦ୍ର ସାଙ୍ଗଙ୍କ ସହ ଭୋଜି କରିବାକୁ କହି ଘରୁ ଯାଇଥିଲେ। ମଙ୍ଗଳବାର ଅଫିସ କାମ ସାରି ଫେରିବେ ବୋଲି ସ୍ତ୍ରୀଙ୍କୁ କହିଥିଲେ। ହେଲେ ପରେ ହରିଶ୍ଚନ୍ଦ୍ରଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ମୋବାଇଲ ସୁଇଚ୍ ଅଫ୍ ଥିବା ଜଣାପଡ଼ିଥିଲା। ଉକ୍ତଦିନ ସନ୍ଧ୍ୟାରେ ହରଶ୍ଚନ୍ଦ୍ରଙ୍କ ସ୍ତ୍ରୀଙ୍କ ଫୋନକୁ ସ୍ୱାମୀଙ୍କ ନମ୍ବରରୁ ଏକ ମେସେଜ୍ ଆସିଥିଲା। ସେଥିରେ ୨୦ ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ କୁହାଯାଇଥିଲା। ୨୮ତାରିଖ ସୁଦ୍ଧା ଏହି ଟଙ୍କା ନ ମିଳିଲେ ହରିଶ୍ଚନ୍ଦ୍ରଙ୍କୁ ହତ୍ୟା କରାଯିବ ବୋଲି ଉଲ୍ଲେଖ ରହିଥିଲା ବୋଲି ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ହରିଶ୍ଚନ୍ଦ୍ରଙ୍କ ନମ୍ବରକୁ ଟ୍ରାକିଂ କରିବା ସହ ତାଙ୍କ ଶେଷ ଲୋକେଶନ୍ ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ଏଥିସହ ପୋଲିସ ତାଙ୍କ ଅଫିସ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିବା ସହ ହରିଶ୍ଚନ୍ଦ୍ରଙ୍କୁ ଠାବ କରିବାକୁ ଚେଷ୍ଟା କରୁଛି।

# 'ପୁଷ୍କରା' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇଲେ ଶୁଭ୍ରାଂଶୁ

## ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପୁରାତନ ଛାତ୍ରଙ୍କ କୃତିତ୍ୱ

କଟକ,୨୪।୯(କାର୍ତ୍ତିକ ସାହୁ)

ଜାତୀୟ ପୁରସ୍କାର ଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'ର ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ମଧ୍ୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଜାତୀୟ ପୁରସ୍କାର ହାସଲ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବିଶେଷ କରି ସେ କଟକସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ୍‌ର ସିନେମାଟୋଗ୍ରାଫି ବିଭାଗ ପୁରାତନ ଛାତ୍ର ଭାବେ ନିଜ ଅନୁଷ୍ଠାନ ସହ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏଭଳି ସଫଳତା ସିନେମା ନିର୍ମାତା ତଥା ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ସଫଳତାର ଶିଡ଼ି ଚଢ଼ିବାରେ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଶୁଭ୍ରାଂଶୁ ଦାସ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜନଜାତି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେବ 'ତଲାଶ'

ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)

## ରାଜ୍ୟରେ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରଶିକ୍ଷଣ ନେଲେ ଶିକ୍ଷକ

ଆଦିବାସୀ ଛାତ୍ରୀଛାତ୍ରଙ୍କ ଜୀବନରେ ପରିବର୍ତ୍ତନ ସହ ଭବିଷ୍ୟତ ନିର୍ମାଣ ଲାଗି ୟୁନିସେଫ୍ ପ୍ରୟାସ ଚଳାଇଛି। ଏହି ପରିପ୍ରେକ୍ଷୀରେ ଦି ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ ଷ୍ଟୁଡେଣ୍ଟ୍‌ସ ଓ ୟୁନିସେଫ୍ ପକ୍ଷରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ତଲାଶ' ଆରମ୍ଭ ହୋଇଛି। ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ଭୁବନେଶ୍ୱରଠାରେ ୩ଦିନ ଧରି ଚାଲିଥିବା ପ୍ରଥମ ଡିଜିଟାଲ କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ଶିକ୍ଷକମାନେ ଯୋଗଦେଇ ତାଲିମ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଓଏମ୍‌ଟିଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ପ୍ରଣତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମଗ୍ରିକ ବିକାଶ ପାଇଁ ଜନଜାତି ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକମାନଙ୍କୁ ଆଦର୍ଶ ଓ ଉପଯୁକ୍ତ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ୯୪ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ବିଭିନ୍ନ ଅଧିବେଶନରେ କ୍ୟାରିୟର ପରାମର୍ଶ, ଆତ୍ମସମ୍ମାନ ବୃଦ୍ଧି ଏବଂ ଜୀବନ କୌଶଳ ସମ୍ବନ୍ଧରେ ଆଲୋଚନା କରାଯାଇଥିଲ। ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟକ୍ତିଗତ କ୍ୟାରିୟର କାର୍ଡ ବିକାଶ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଶିକ୍ଷାଗତ ଏବଂ କ୍ୟାରିୟର ଚୟନ କରିବାରେ ଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ପାଇଁ ତଲାଶ ବହୁ ମାତ୍ରାରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

# ଦର୍ଶକଙ୍କ ସହ 'ହୀର୍ ଏକ୍ସପ୍ରେସ୍' ଦେଖିଲେ ଦିଭିତା

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଚଣ୍ଡିଗଡ଼ର ଏକ ଥିଏଟରରେ ଅଭିନେତ୍ରୀ ଦିଭିତା ଜୁନେଜା ଦର୍ଶକଙ୍କ ସହ ନିଜ ଅଭିନୀତ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ଦେଖିଛନ୍ତି। ଦିଭିତାଙ୍କ ଉପସ୍ଥିତି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ତେବେ ତାଙ୍କ ସାଦାସିଧା ଆଚରଣ ଯୁବକ, ଶିଶୁ ଓ ବୟସ୍କ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଦର୍ଶକମାନେ କହିଛନ୍ତି, ତାଙ୍କର ହସ, କଥାବାର୍ତ୍ତା ଓ ଚାଲିଚଳଣ ଫିଲ୍ମ ଦେଖା ଅନୁଭୂତିକୁ ସ୍ମରଣୀୟ କରିଛି। ଦିଭିତା ମଧ୍ୟ ଦର୍ଶକଙ୍କ ସହ ସମୟ ବିତାଇ ଖୁସି ଥିବା କହିଛନ୍ତି। 'ହୀର୍ ଏକ୍ସପ୍ରେସ୍'ର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଦିଭିତା ଦର୍ଶକଙ୍କ ମନ କିଣୁଥିବାବେଳେ ବାସ୍ତବ ଜୀବନରେ ମଧ୍ୟ ଲୋକଙ୍କର ନିକଟତର ହୋଇପାରିଛନ୍ତି।


ଦର୍ଶକଙ୍କ ଗହଣରେ ଅଭିନେତ୍ରୀ ଦିଭିତା ଜୁନେଜା।

# ବିଲ୍ଡରଙ୍କ ବିରୋଧରେ ଥାନାରେ ଅଭିଯୋଗ କଲେ ସତ୍ୟବିହାର ବାସିନ୍ଦା

ଭୁବନେଶ୍ୱର,୨୪।୯ (ସତ୍ୟଜିତ୍ ରାଉତ)

ସତ୍ୟବିହାରରେ ଜମି ନେଇ ଘର କରିଥିବା ଲୋକମାନେ ବିଲ୍ଡରଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜମି କିଣିବାବେଳେ ବିଲ୍ଡର ସଂସ୍ଥା ପକ୍ଷରୁ ରାସ୍ତା ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ରାସ୍ତା ପାଇଁ ଜମି ଦିଆଯାଇଥିବାବେଳେ ତାହା ଏକ ଘରୋଇ ପ୍ଲଟ୍ ବୋଲି ଜଣାପଡ଼ିଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ଏପର୍ଯ୍ୟନ୍ତ ରାସ୍ତା ଦିଆଯାଉ ନାହିଁ। ଏନେଇ ୩୦ରୁ ଊର୍ଦ୍ଧ୍ୱ ଲୋକ ସନ୍ଧ୍ୟାରେ ଥାନାକୁ ଆସି ହୋହଲ୍ଲା କରିବା ସହ ସେମାନଙ୍କ ଅଭିଯୋଗ ଜଣାଇଥିଲେ। ତେବେ ଏହା ଏକ ଜମିବାଡ଼ି ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ସିଭିଲ୍ କୋର୍ଟରେ ମାମଲା କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବାଲିଯାତ୍ରା ସମ୍ପର୍କରେ କଟକବାସୀ ଭଲ ଖବର ପାଇବେ: ପ୍ରଭାତୀ

## ଶାରଦୀୟ ବନ୍ଧୁ ମିଳନରେ ଏକାଠି ସବୁ ନେତା

କଟକ,୨୪।୯(ଶିଲ୍ପା ପ୍ରିୟଦର୍ଶିନୀ)

ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ କଟକ ମହାନଦୀ ବିହାରସ୍ଥିତ ସେଲିବ୍ରେଶନ ମଣ୍ଡପରେ ଶାରଦୀୟ ବନ୍ଧୁ ମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବାଲିଯାତ୍ରା ସମ୍ପର୍କରେ କହିଛନ୍ତି, ବାଲିଯାତ୍ରାକୁ ନେଇ ଯେଉଁ ସମସ୍ୟା ଉପୁଜିଛି, ତାହା ବିଷୟରେ ସରକାରଙ୍କୁ ଅନେକ ବ୍ୟକ୍ତି ଏବଂ ଅନୁଷ୍ଠାନ ଅବଗତ କରିଛନ୍ତି। ତାହା ଉପରେ ରାଜ୍ୟ ସରକାର ବିଚାର କରିବେ। ଏଥିପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବି। ଦିନକ ମଧ୍ୟରେ ଭଲ ଖବର କଟକବାସୀ ପାଇବେ। ସେହିପରି ପୁରାତନ କଟକ ସହରରେ ଶହଶହ ବର୍ଷ ଧରି ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ଦୁର୍ଗାପୂଜା ପାଳନ କରନ୍ତି। ଦୁର୍ଗାପୂଜାକୁ କିଭଳି ଅଧିକ ଲୋକ ଆସିବେ, ତାରକସି ପ୍ରଦର୍ଶନୀ ହୋଇପାରିବ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ପ୍ରଥମ ଥର ପାଇଁ ରାଜ୍ୟ ସରକାର ପୁରାତନ ମଣ୍ଡପଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇ ଦେବେ ବୋଲି ସେ କହିଛନ୍ତି। ବନ୍ଧୁମିଳନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, କଟକ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂ, ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ରାମ ନାରାୟଣ ମହାନ୍ତି, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉପସ୍ଥିତ ଅନ୍ୟ ଅତିଥିବୃନ୍ଦ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଐଶ୍ୱର୍ଯ୍ୟା


@ ଶିବାଶିଷ


@ ଶକ୍ତିପ୍ରସନ୍ନ


@ ଅଲିଭା


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହୀରାକୁଦ ଜଳଭଣ୍ଡାରର ଖୋଲିଲା ୧୦ ଗେଟ୍

ସମ୍ବଲପୁର,(ପ୍ରମୋଦ ବହିଦାର): ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବାରୁ ବୁଧବାର ପୁଣିଥରେ ଏକକାଳୀନ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରର କ୍ୟାଚ୍‌ମେଣ୍ଟ ଅଞ୍ଚଳରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ୨ ଲକ୍ଷ ଘନଫୁଟ୍ ଟପିଛି। ତେଣୁ ବୁଧବାର ଦୁଇଟି ପର୍ଯ୍ୟାୟରେ ଜଳଭଣ୍ଡାରର ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଫଳରେ ଜଳଭଣ୍ଡାରର ବର୍ତ୍ତମାନ ବାମପାର୍ଶ୍ୱସ୍ଥ ୧୧ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୫ଟି ମିଶି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ କରାଯାଉଛି।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: କଂଗ୍ରେସ

## ବିଧାନସଭା ଭିତରେ ଓ ବାହାରେ ନାରୀ ନିଆଁ

### ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ

ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)

ବିଧାନସଭାର ମୌସୁମୀକାଳୀନ ଅଧିବେଶନରେ ବୁଧବାର ଗୃହ ଭିତରେ ଓ ବାହାରେ ନାରୀ ନିଆଁ ଦେଖିବାକୁ ମିଳିଥିଲା। ଗୃହ ଭିତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସମସ୍ତ ସଦସ୍ୟମାନେ ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିବାବେଳେ ବିଧାନସଭା ବାହାରେ ମହିଳା କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ବିଶାଳ ବିକ୍ଷୋଭ କରାଯାଇଥିଲା।

ଗୃହର ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ କାଡାମ କହିଥିଲେ, ରାଜ୍ୟରେ ଦିନକୁ ଦିନ ମହିଳା ହିଂସା ବଢ଼ିବାରେ ଲାଗିଛି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତିଠାରୁ ଆରମ୍ଭକରି ପୁରୀ ବଳଙ୍ଗା ପର୍ଯ୍ୟନ୍ତ ସବୁଠୁ ଛାତ୍ରୀ ନିର୍ଯାତିତା। ରାଜଧାନୀରେ ପୋଲିସ କନ୍‌ଷ୍ଟେବଲଙ୍କୁ ହତ୍ୟା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ପୋତାଯାଉଛି। ୪୪ ହଜାର ମହିଳା ରାଜ୍ୟରୁ ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ଗୃହ କମିଟି ଗଠନ କରାଯାଉ। ଆମେ ଗତ ଅଧିବେଶନରେ ଗୃହରେ ମହିଳାଙ୍କ ସୁରକ୍ଷା ଲାଗି ସ୍ୱର ଉଠାଇଥିଲୁ। କିନ୍ତୁ ଅଗଣତାନ୍ତ୍ରିକ ଭାବରେ ଆମର ସମସ୍ତ ୧୪ ସଦସ୍ୟଙ୍କୁ ନିଲମ୍ବନ କରିଦିଆଗଲା, ଯାହାର ପ୍ରତିବାଦରେ ଆମେ ଗୃହରେ ଧାରଣାଦେଲୁ। ମାତ୍ର ଆମକୁ ବାହାର ଗୁଣ୍ଡା ଲଗାଇ ଅକଥନୀୟ ନିର୍ଯାତନା ଦିଆଗଲା। ଏ ଗୃହ ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ, କିନ୍ତୁ ଆମକୁ ଏଠି ମାଡ଼ ମରାଗଲା।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୋଫିଆ ଫିର୍ଦ୍ଦୋସ ସମାନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କଠାରୁ ନ୍ୟାୟ ମାଗିଥିଲେ। ବାଚସ୍ପତି ଏହି ଘଟଣାର ତଦନ୍ତ କରି ଜିନିଷ ଫେରାଇବା ସହ ନ୍ୟାୟ ଦିଅନ୍ତୁ। ତାରା କହିଥିଲେ, ଏନେଇ ସଂସଦୀୟ ମନ୍ତ୍ରୀଙ୍କଠାରୁ ନେଇ ଗୃହ ସଚିବ ଓ ପୋଲିସ ଡିଜିଙ୍କୁ ଅବଗତ କଲି, ହେଲେ କେହି ଶୁଣୁ ନାହାନ୍ତି। ଇତିହାସ କେବେ ବି ଭୁଲିବ ନାହିଁ। ବାଚସ୍ପତିଙ୍କର ଏଭଳି ନିଷ୍ପତ୍ତିକୁ ନେଇ ସୋଫିଆ କହିଥିଲେ, ଭୁବନେଶ୍ୱରରୁ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଉଠାଇନେଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ମାରି ଦେଉଛନ୍ତି। ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳା କେତେ ସୁରକ୍ଷିତ। ଆମେ ମହିଳାଙ୍କ ପାଇଁ ସୁରକ୍ଷା ମାଗିଲୁ କିନ୍ତୁ ଆମକୁ ନିଲମ୍ବନ କରାଗଲା। ଏହା କି ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ କିଛି ନ କହିବାରୁ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ।



ଲୋୟର ପିଏମ୍‌ଜିରେ ମହିଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ।

ଅନ୍ୟପକ୍ଷରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟରେ ମହିଳା ଅତ୍ୟାଚାର, ବଳାତ୍କାର ଓ ହତ୍ୟା ପ୍ରତିବାଦରେ ବିଧାନସଭା ଘେରାଉ କରାଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅଟକାଇଥିଲା। ଫଳରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ପୋଲିସ ବିକ୍ଷୋଭସ୍ଥଳରୁ ମହିଳା କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା। ହଜାର ହଜାର ମହିଳା କଂଗ୍ରେସ କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ କହିଛନ୍ତି, ବିଧାନସଭା ଘେରାଉ ମାଧ୍ୟମରେ ମହିଳା କଂଗ୍ରେସ ଓଡ଼ିଶାରେ ଉପେକ୍ଷିତା, ଅତ୍ୟାଚାରିତ, ନିର୍ଯାତିତ ମହିଳାଙ୍କର ସ୍ୱରକୁ ବ୍ୟକ୍ତ କରିଛି। ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନକୁ ୧୫ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୋହନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ, ହଷ୍ଟେଲରେ ଏପରିକି ମହିଳା ଆଶ୍ରମରେ ଛାତ୍ରୀମାନେ ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହିତ ବିଧାୟକ ତାରାପ୍ରସାଦ ବାହିନୀପତି, ଦାଶରଥି ଗମାଙ୍ଗୋ, ରାଜନ ଏକ୍କା, ମଙ୍ଗୁ ଖିଲ, ପବିତ୍ର ସାଉଁତା, ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ସାମିଲ ଥିଲେ।

# ହାଇୱା ମାଡ଼ିଯାଇ ୩ ମୃତ

ଦିଗପହଣ୍ଡି,୨୪।୯(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ଆସିକା ୩୨୬ ନଂ.ଜାତୀୟ ରାଜପଥର ମହାନଲା ଗ୍ରାମ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ହାଇୱା (ନଂ.ଓଡି ୦୫ ଏଫ - ୯୦୦୧) ମାଡ଼ିଯିବାରୁ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀର ଅଶ୍ୱିନୀ କୁମାର ଦୋରା (୨୮), ବାଳକୃଷ୍ଣ ରେଡ୍ଡୀ(୪୨) ଓ ପନ୍ଦରା ସାହିର କାଳିଆ ବେହେରା(୩୨)। ସେମାନେ ବାଇକ୍ ଯୋଗେ ପାଟପୁରରୁ ଦିଗପହଣ୍ଡି ଯାଉଥିବାବେଳେ ପଛରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାକଡକୁ ଛିଟିକି ପଡିଥିଲେ। ଖବରପାଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ହାଇୱା ଚାଳକ ଘଟଣାସ୍ଥଳରୁ କିଛି ଦୂରରେ ରାସ୍ତା କଡ଼ର ଏକ ଜମିରେ ଗାଡ଼ି ରଖି ଫେରାର ହୋଇଯାଇଛନ୍ତି। ହାଇୱାଟି ୩୨୬ ନଂ. ଜାତୀୟ ରାଜପଥ ଆସିକା-ଢଉଗାଁଠାରୁ ପୋଡାମାରି ଯାଏ ୪୦ କି.ମି. ରାସ୍ତା ଦୋହରୀକରଣ କାର୍ଯ୍ୟରେ ନିୟୋଜିତ ଥିବା କଟକର ଏକ ଠିକାସଂସ୍ଥାର ବୋଲି ପୋଲିସ ଜାଣିବାକୁ ପାଇଛି।

# ସଡ଼କ ଦୁର୍ଘଟଣାରେ ମା'ଝିଅ ମୃତ, ବାପା ଗୁରୁତର

ଘଟଗାଁ,୨୪।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥ କୋଲିମାଟି କୁମଡ଼ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଦେଢ଼ବର୍ଷର ଶିଶୁ କନ୍ୟା ସହ ମା'ଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଘଷିପୁରା ଥାନା ଅନ୍ତର୍ଗତ ନଦୁଆ ନିକଟ ଚମୁଇଁ ଗ୍ରାମ କଲୋନି ସାହିର ରେଡୁ ମୁଣ୍ଡାଙ୍କ ସ୍ତ୍ରୀ ସୁକୁଟି ମୁଣ୍ଡା ଓ ତାଙ୍କ ଝିଅ। ସୂଚନା ଅନୁଯାୟୀ, ରେଡୁ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ ଯୋଗେ ଘଟଗାଁ ବ୍ଲକ୍ ଉପରଡ଼ିହା ପଞ୍ଚାୟତ ଦୁଖାବହାଲି ଶ୍ୱଶୁରଘର ଆସି ଘରକୁ ଫେରୁଥିଲେ। ଏହି ସମୟରେ ଘସିପୁରାରୁ ଘଟଗାଁ ଆଡକୁ ଆସୁଥିବା ଏକ ବୋଲେରୋ ସହିତ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ରେଡୁ ଓ ସୁକୁଟିଙ୍କୁ ଘଟଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁକୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିଡୁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି।

# ଟ୍ରେନ୍ ଧକ୍କାରେ ୨ ଭାଇଙ୍କ ଜୀବନ ଗଲା

ରାଉରକେଲା,୨୪।୯(ସଙ୍ଗୀତା ଜେନା)

ମୋବାଇଲ ଫୋନ୍ ମରାମତି କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଏକ ଯାତ୍ରୀବାହୀ ଟ୍ରେନ୍ ଧକ୍କା ଦେବାରୁ ମଙ୍ଗଳବାର ରାତିରେ ୨ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ହରିପୁର ବସ୍ତିର ରଞ୍ଜନ ପାତ୍ର (୧୮) ଏବଂ ସାନ ଭାଇ ଜଗନ ପାତ୍ର(୧୫)। ରଞ୍ଜନ ତାଙ୍କ ମା'ଙ୍କ ସହ ଏକ ହୋଟେଲରେ କାମ କରୁଥିବା ବେଳେ ଜଗନ ଉଦିତନଗର ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଥିଲେ। ରାଉରକେଲା ଜିଆର୍‌ପି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୨ଟି ପୃଥକ୍ ମାମଲା (ନଂ.୭୯/୨୫ ଓ ନଂ.୮୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରଞ୍ଜନ ଓ ଜଗନ ତାଙ୍କ ଭଉଣୀଙ୍କ ସହ ଟ୍ରେନ ଲାଇନ୍ ପାର୍ଶ୍ୱ ହରିପୁର ବସ୍ତିରେ ରୁହନ୍ତି। ସେମାନଙ୍କ ବାପା ବାଲେଶ୍ୱରରେ ରହୁଛନ୍ତି। ଭଉଣୀ ଏକ ମୋବାଇଲ ଦୋକାନରେ କାମ କରନ୍ତି। ମଙ୍ଗଳବାର ରାତି ୯ଟାରେ ରଞ୍ଜନ ଓ ଜଗନ ଭଉଣୀଙ୍କୁ ଆଣି ଘରେ ଛାଡିବା ପରେ ମୋବାଇଲ ଫୋନ୍ ମରାମତି କରିବାକୁ ଉଦିତନଗର ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଉଭୟ ବାସନ୍ତୀ ଓଭରବ୍ରିଜ୍ ତଳ ଟ୍ରେନ ଲାଇନ ଅତିକ୍ରମ କରି ଘରକୁ ଫେରୁଥିବା ବେଳେ ବରସୁଆଁ-ବୀରମିତ୍ରପୁର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଟ୍ରେନ୍ ଚାଳକ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସୂଚନା ଦେଇଥିଲେ। ତ୍ରିପାଠୀଙ୍କ ଏତଲା କ୍ରମେ ଜିଆର୍‌ପି ପୋଲିସ ମୃତଦେହ ଜବତ କରିଥିଲା।

# ଝାରସୁଗୁଡ଼ାରେ ଦେଢ଼ଘଣ୍ଟା ରହିବେ ପ୍ରଧାନମନ୍ତ୍ରୀ

- ଗସ୍ତ ପୂର୍ବରୁ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ
- ବର୍ଷାର ପୂର୍ବାନୁମାନ କରି ବ୍ରହ୍ମପୁର କାର୍ଯ୍ୟକ୍ରମ ବାତିଲହେଲା

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡ଼ା ଗସ୍ତ କରିବା ପରିପ୍ରେକ୍ଷୀରେ ବୁଧବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ ବ୍ରହ୍ମପୁରରେ ହେବାକୁ ଥିଲା। ପାଣିପାଗ ବିଭାଗ ତରଫରୁ ବର୍ଷା ପୂର୍ବାନୁମାନ ଯୋଗୁ ଉକ୍ତ କାର୍ଯ୍ୟକ୍ରମ ଝାରସୁଗୁଡ଼ାରେ ଅନୁଷ୍ଠିତ ହେବା ନେଇ ସ୍ଥିରର କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଅନୁଷ୍ଠିତ ହେବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଉଚ୍ଚ ଶିକ୍ଷା ବିଭାଗ କମିଶନର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଝାରସୁଗୁଡ଼ା ଗସ୍ତକରି କ୍ଷେତ୍ର ପରିଦର୍ଶନ ସହ ସେଠାରେ ଏକ ବୈଠକରେ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ଅନୁଷ୍ଠିତ ବୈଠକ ଅନୁଯାୟୀ, ପ୍ରଧାନମନ୍ତ୍ରୀ ୨୭ ତାରିଖ ସକାଳ ୯ଟା୨୦ମିନଟ୍‌ରୁ ନୂଆଦିଲ୍ଲୀ ବିମାନବନ୍ଦରରୁ ସ୍ୱତନ୍ତ୍ର ବାୟୁସେବା ବିମାନ ଯୋଗେ ବାହାରି ଝାରସୁଗୁଡ଼ା ବିମାନବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ମିନଟ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ପୂର୍ବାହ୍ନ ୧୧ ଟା ୨୫ମିନିଟରେ ଅମଲିପାଲିସ୍ଥିତ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ ସ୍ଥଳରେ ଯୋଗଦେବେ। ସେଠାରେ ପ୍ରଧାନମନ୍ତ୍ରୀ ପୂର୍ବ ନିର୍ଦ୍ଧାରଣ ଅନୁସାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଲୋକାର୍ପଣ କରିବେ। ଏହାପରେ ଅପରାହ୍ନ ୧୨ଟା୪୫ମିନିଟ୍‌ରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଜନସାଧାରଣ, ମହିଳା, ଛାତ୍ରୀଛାତ୍ର, ଯୁବବର୍ଗଙ୍କ ସମେତ ପ୍ରାୟ ୬୦ହଜାର ଜନସମାବେଶ ହେବା ନେଇ ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ଏବଂ ତାଙ୍କ ସାମୟିକ ରହଣି ଆଦି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଛି।

# ସବୁ ଉପଖଣ୍ଡରେ ହେବ ଶୀତଳଭଣ୍ଡାର: କୃଷିମନ୍ତ୍ରୀ

## ପ୍ରଶ୍ନକାଳରେ ରଣେନ୍ଦ୍ର-କେ.ଭି. ମୁହାଁମୁହିଁ





ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ।

ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଉପଖଣ୍ଡରେ ଶୀତଳଭଣ୍ଡାର ସରକାରୀ ଘରୋଇ ସହଭାଗିତା(ପିପିପି)ରେ ନିର୍ମାଣ ହେବ। ଯଦି ଉପଖଣ୍ଡରୁ ଏକାଧିକ ଆବେଦନ ଆସିବ ତାହାକୁ ମଧ୍ୟ ବିଭାଗ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାନସଭାର ପ୍ରଶ୍ନକାଳ ସମୟରେ ମୂଳ ପ୍ରଶ୍ନକର୍ତ୍ତା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ୧୨ ଉପଖଣ୍ଡରେ ନୂତନ ଶୀତଳଭଣ୍ଡାର ସ୍ଥାପନ ଏବଂ ଗୋଟିଏ ପୁରୁଣା ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଠଗଡ଼ ସମେତ ବାଲେଶ୍ୱର, ବରଗଡ଼, ବାରିପଦା, ବୌଦ୍ଧ, ଯାଜପୁର, ଜୟପୁର, ଖୋର୍ଦ୍ଧା, ପାନପୋଷ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁରରେ ନୂତନ ଶୀତଳଭଣ୍ଡାର ହେବାକୁ ଥିବାବେଳେ ଚମ୍ପୁଆରେ ଥିବା ପୁରୁଣା ଶୀତଳଭଣ୍ଡାର ପୁନରୁଦ୍ଧାର ହେବାକୁ ରହିଛି।

ବିଧାୟକ ରଣେନ୍ଦ୍ର ପାଲଟା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ଚାଷୀମାନେ ସାର ପାଇଁ ହାଉ ହାଉ ହେଉଛନ୍ତି। ମାତ୍ର ସରକାର ଚାଷୀଙ୍କୁ ତାହା ଯୋଗାଇପାରୁ ନାହାନ୍ତି। କିନ୍ତୁ ସବୁ ଉପଖଣ୍ଡରେ ଶୀତଳଭଣ୍ଡାର କରିବେ ବୋଲି କହୁଛନ୍ତି କହି କଟାକ୍ଷ କରିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାର ୨୪ ବର୍ଷ ରହିଥିଲା, କେତେ ଶୀତଳଭଣ୍ଡାର କରିଛି ତାହା ସମସ୍ତେ ଜାଣିଛନ୍ତି। ଏପରିକି ନିଜେ ରଣେନ୍ଦ୍ର ଭାଇ ମନ୍ତ୍ରୀ ଥିବାବେଳେ କିଛି କଲେନାହିଁ। ଏବେ ଆମ ବେଳକୁ ଯେଉଁ କଥା କହୁଛନ୍ତି, ଆମେ କିନ୍ତୁ ନିଶ୍ଚିତ କରିବୁ। କୃଷିକ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ଯାହା ଆବଶ୍ୟକ ତାହା କରିବୁ ବୋଲି ମନ୍ତ୍ରୀ କହିଥିଲେ। ଏପରିକି କେ.ଭି. କହିଥିଲେ ଯେ, ଯଦି କୌଣସି ଉପଖଣ୍ଡରୁ ଏକାଧିକ ଆବେଦନ ଆସେ ତାହାକୁ ମଧ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେବେ।

ଏହି ସମୟରେ ରଣେନ୍ଦ୍ର ପୁଣି ପ୍ରଶ୍ନ କରିଥିଲେ। ସେ କହିଥିଲେ, ଯଦି କୌଣସି ଉପଖଣ୍ଡରୁ ନୂତନ ଶୀତଳଭଣ୍ଡାର ଲାଗି ପ୍ରସ୍ତାବ ନ ଆସେ ତେବେ ସେକ୍ଷେତ୍ରରେ ସରକାର ନିଜଆଡୁ ଶୀତଳଭଣ୍ଡାର କରିବେ କି? ମନ୍ତ୍ରୀ କହିଥିଲେ, ସରକାର ନିଶ୍ଚିତ ଭାବେ ଏଥିପ୍ରତି ଧ୍ୟାନଦେବେ। ତେବେ ରଣେନ୍ଦ୍ର ଭାଇ ରାଜ୍ୟରେ ସାର ଅଭାବ କଥା କହୁଛନ୍ତି। ବାସ୍ତବ କଥା ହେଲା ଏହା ବିରୋଧୀଙ୍କ ଦ୍ୱାରା ପ୍ରାୟୋଜିତ କୃତ୍ରିମ ଅଭାବ। ଏହାର ପ୍ରଭାବ ଧାନ ସଂଗ୍ରହ ବେଳେ ଦେଖିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ ଭାଜପା ବିଧାୟକ ସନାତନ ବିଜୁଳି ଓ ଦୁଷ୍ମନ୍ତ ସ୍ୱାଇଁ ଭାଗନେଇ ନିଜ ଅଞ୍ଚଳର ଶୀତଳଭଣ୍ଡାର କଥା ରଖିଥିଲେ।

# ଜବାବ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

## ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ନ ହେବା ମାମଲା

କଟକ,୨୪।୯(କାର୍ତ୍ତିକ ସାହୁ)

ସରକାରୀ ଓ ବେସରକାରୀ ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରାଯିବାକୁ ନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରିବା ଦିଗରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ରୋଗୀ ଅଧିକାର ଓ ସୁରକ୍ଷା ପ୍ରଦାନ ସମ୍ପର୍କିତ ଏକ ନିୟମାବଳୀ ସବୁ ସରକାରୀ ଓ ବେସରକାରୀ ମେଡିକାଲରେ ପ୍ରଦର୍ଶିତ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରି ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ରୋଗୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଣୀତ ରୋଗୀ ଅଧିକାର ଚାର୍ଟର ଲାଗୁ କରିବା ପାଇଁ ଦାବି କରିଆସୁଛି। ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ ଏହା ଉଭୟ ସରକାରୀ ଓ ବେସରକାରୀ ମେଡିକାଲରେ ଲାଗୁ ନ ହେବାରୁ ମଞ୍ଚ ପ୍ରତିଷ୍ଠାତା ସଭାପତି ଡ. ଅମିୟ ଭୂଷଣ ବିଶ୍ୱାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରୋଗୀ ଶୋଷଣକୁ ରୋକିବା ପାଇଁ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ତଦାରଖ ବ୍ୟବସ୍ଥା ପ୍ରଣୟନ ପାଇଁ ସେ ହାଇକୋର୍ଟଙ୍କୁ ଆବେଦନରେ ପ୍ରାର୍ଥନା କରିଛନ୍ତି। ମଞ୍ଚ ପକ୍ଷରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ପ୍ରବଳ ବର୍ଷାରେ ସମ୍ବଲପୁର ସହର ଉବୁଟୁବୁ




ସମ୍ବଲପୁର ସହରର ସାରସ୍ୱତ କଲୋନୀ ଅଞ୍ଚଳ ଜଳମଗ୍ନ।

ସମ୍ବଲପୁର,୨୪।୯(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ବୁଧବାର ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ତଳିଆ ଅଞ୍ଚଳରେ ପାଣି ପଶିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ସମ୍ବଲପୁର ସହରର ଏସ୍‌ଆଇଟି କଲୋନୀ, ମୁଦିପଡ଼ା, ଦେଉଳବନ୍ଧ, ଜେଏମ୍‌ଜେ ହସ୍ପିଟାଲ, ଅନୁଗୁଳିଆପଡ଼ା ନିକଟ ଜାତୀୟ ରାଜପଥ(୫୩), ବରେଇପାଲି, ବୁଢାରାଜା, ପ୍ରଧାନପଡ଼ା, ଅନୁଗୁଳିଆ ଲକ୍ଷ୍ମୀଟକିଜ୍ ଅଞ୍ଚଳ, ପୁଟିବନ୍ଧ, ଗୁମ୍ଫେସିଂହା, ହୀରାକୁଦ କଲୋନୀ, ଚାରଭାଟି, ସାରସ୍ୱତ କଲୋନୀ, ଚନ୍ଦନନଗର, ବଡ଼ବଜାରର କେତେକ ଅଞ୍ଚଳ ସମେତ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ବୁଧବାର ସେ ମହାନଗର ନିଗମ ଆୟୁକ୍ତ ରୋହନ ଖତ୍ରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀଙ୍କ ଗହଣରେ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ସେଥିମଧ୍ୟରେ ହାଉସିଂ ବୋର୍ଡ କଲୋନୀ, ଗୋପାଳମାଲ, ଶାନ୍ତିନଗର, ଫାଟକ ମାଲିପଡା, ପୁଟିବନ୍ଧ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୭ରୁ ୮ ଘଣ୍ଟା ଧରି ମୁଷଳଧାରାରେ ବର୍ଷା ଯୋଗୁ ଜଳ ନିଷ୍କାସନ ହୋଇ ନ ପାରି ସହରରେ ଏଭଳି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଜିଲାପାଳ କହିଛନ୍ତି। ସମ୍ବଲପୁର ମହାନଗର ଅଞ୍ଚଳରେ ୧୮୦ ମିଲିମିଟର, ଧନକଉଡ଼ା ଅଞ୍ଚଳରେ ୧୭୦ ମିଲିମିଟର ଓ ରେଙ୍ଗାଲି ଅଞ୍ଚଳରେ ୨୫୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ତେବେ ବର୍ଷା ଛାଡ଼ିଲା ପରେ ବିଭିନ୍ନ ସ୍ଥାନରୁ ଜମି ରହିଥିବା ଜଳ ପ୍ରଶମିତ ହୋଇଛି। ଏସ୍‌ଏମ୍‌ସି ଅଧିକାରୀ, ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର କରିଥିଲେ। ପ୍ରାୟ ୧୨୦ ଜଣ ବନ୍ୟା ପୀଡ଼ିତଙ୍କୁ ଉଦ୍ଧାର କରାଯାଇ ବନ୍ୟା ଆଶ୍ରୟ କେନ୍ଦ୍ରରେ ରଖାଯାଇଛି। ଅପରପକ୍ଷରେ ୨୪ ଘଣ୍ଟାଧରି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ବୋନ୍ଦର କହିଛନ୍ତି।

# ଏମ୍‌ସିଏଲ୍‌ର ଜମି ଅଧିଗ୍ରହଣ ସମସ୍ୟା ସମାଧାନ

ତାଳଚେର,୨୪।୯ (ମନୋଜ ନନ୍ଦ)

ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଯୋଗୁ ଦୀର୍ଘବର୍ଷ ଧରି ପଡ଼ିରହିଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଥିବା ଏମ୍‌ସିଏଲ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି, ରିଟ୍ ଅପିଲ ନଂ. ୩୪/୨୦୧୫ (ଗଦାଧର ବିଶ୍ୱାଳ ଓ ଅନ୍ୟ ବନାମ ଏମ୍‌ସିଏଲ୍)ର ବିଚାର କରି ହାଇକୋର୍ଟ ଏମ୍‌ସିଏଲ୍ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମିକୁ ଅଧିକାର କରିବା ପାଇଁ ଏକ ଆଦେଶ ପାରିତ କରିଛନ୍ତି। ଏଥିସହ ଏକ ମାସ ମଧ୍ୟରେ ୨୫ ଜଣ କ୍ଷତିଗ୍ରସ୍ତଙ୍କୁ ସାମୂହିକ ଆବାସ ପ୍ରଦାନ କରିବା ଏବଂ ପୁନର୍ବାସସ୍ଥଳର ବଳକା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏମ୍‌ସିଏଲ୍‌କୁ ପରାମର୍ଶ ଦେଇଛନ୍ତି। ଏକମାସ ମଧ୍ୟରେ ଅଧିଗ୍ରହଣ କରାଯାଇଥିବା ଜମିକୁ ଏମ୍‌ସିଏଲ୍‌କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଁସମୂଳ ଗ୍ରାମ ଅଧୀନରେ ଥିବା ତଳସାହିର ଏହି ବିଚାରାଧୀନ ପ୍ରସଙ୍ଗ ଯୋଗୁ ୨୦୧୫ ମସିହାରୁ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପର ସମ୍ପ୍ରସାରଣ ପ୍ରଭାବିତ ହୋଇଥିଲା। ୨୦୧୪ରେ ହେଁସମୂଳ ତଳସାହିର ୧୦୨ ଜଣ ବାସିନ୍ଦା ଅତିରିକ୍ତ ସୁବିଧା ଦାବି କରି ଆଇନର ଆଶ୍ରୟ ନେଇଥିଲେ। ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶା ସରକାରଙ୍କ ଆର୍ ଆଣ୍ଡ ଆର୍ ବ୍ୟବସ୍ଥା ଅନୁଯାୟୀ ସମସ୍ତ ଯୋଗ୍ୟ ଜମି ହରାଇଥିବା ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ, ନିଯୁକ୍ତି ଏବଂ ପୁନର୍ବାସ ପ୍ଲଟ ପ୍ରଦାନ କରାଯାଇଥିଲ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଖଣି ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର କୋଇଲା ଉତ୍ପାଦନ ବୃଦ୍ଧି କରିପାରିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'

## ଆଜି 'ବିଶ୍ୱ ସାମୁଦ୍ରିକ ଦିବସ'



ବିଶ୍ୱ ବାଣିଜ୍ୟ, ଜଳବାୟୁ ଏବଂ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଧ୍ୟାନ କେନ୍ଦ୍ରିତ କରିବା ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ଗୁରୁବାରରେ ପାଳନ ହୋଇଆସୁଛି 'ବିଶ୍ୱ ସାମୁଦ୍ରିକ ଦିବସ'। ଅନ୍ତର୍ଜାତୀୟ ସାମୁଦ୍ରିକ ସଙ୍ଗଠନ(ଆଇଏମ୍‌ଓ) ସମ୍ମିଳନୀ କାର୍ଯ୍ୟକାରୀ ହେବାର ୨୦ତମ ବାର୍ଷିକୀ ଉପଲକ୍ଷେ ୧୯୭୮ ମସିହାରେ ପ୍ରଥମ ବିଶ୍ୱ ସାମୁଦ୍ରିକ ଦିବସ ପାଳନ ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ପାଳନ ହେଉଥିବା ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'। ଏହା ବିଶ୍ୱ ଅର୍ଥନୀତି, ଜୀବିକା ଏବଂ ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥାଏ। ଏଥିସହ ଏହା ଜାହାଜର ଦାୟିତ୍ୱ, ସାମୁଦ୍ରିକ ପରିବେଶକୁ ସୁରକ୍ଷା ଦେବା ଏବଂ ସମୁଦ୍ର ସମ୍ପଦଗୁଡ଼ିକୁ ସ୍ଥାୟୀ ଭାବେ ପରିଚାଳନା କରିବାର ସୁଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ସୂଚନାଯୋଗ୍ୟ, ସମୁଦ୍ର ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ, ୮୦ ପ୍ରତିଶତରୁ ଅଧିକ ବାଣିଜ୍ୟିକ ପରିବହନ ସମୁଦ୍ର ଦ୍ୱାରା କରାଯାଏ। ସମୁଦ୍ର ଅନେକ ଲୋକଙ୍କ ପାଇଁ ଖାଦ୍ୟ, ଚାକିରି ଏବଂ ଆର୍ଥିକ ସୁଯୋଗର ଏକ ଉତ୍ସ ଭାବେ ବିବେଚିତ ହୋଇଥାଏ। ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦ୍ୟା
ପରିବାରବର୍ଗ


ଶୁଭଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜି ନିବେଶ ଆଶା

■ଅକ୍ଟୋବର ୨୭ରୁ ମୁମ୍ବାଇରେ ସାମୁଦ୍ରିକ ସପ୍ତାହ
■ଯୋଗଦେବେ ଶତାଧିକ ଦେଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)




ଭାରତ ସାମୁଦ୍ରିକ ସପ୍ତାହ-୨୦୨୫(ଆଇଏମ୍‌ଡବ୍ଲ୍ୟୁ) ପାଳନର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ପାରାଦୀପ ବନ୍ଦର ପକ୍ଷରୁ ଏକ ରୋଡ୍-ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଭୁବନେଶ୍ୱରରେ ଇଣ୍ଡିଆନ ମେରିଟାଇମ୍ ସେକ୍ଟରର ପରିବର୍ତ୍ତନକୁ ନାଭିଗେଟ୍ କରିବା: ଭଲ୍ୟୁମ୍‌ରୁ ଭିଜନକୁ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଲୋକ ସଭା ସଦସ୍ୟ ବିଭୁ ପ୍ରସାଦ ତରାଇ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ସଚିବ ଉଷା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଗତ ଭାଷଣରେ ପାରାଦୀପ ପୋର୍ଟର ଚେୟାରମ୍ୟାନ ପି.ଏଲ. ହାରାନ୍ଧ କହିଲେ, ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁଥିବା ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ୧୦୦ରୁ ଅଧିକ ଦେଶ, ୨୦୦ ଅନ୍ତର୍ଜାତୀୟ ବକ୍ତା, ୫୦୦ ପ୍ରଦର୍ଶକ ଓ ୧ ଲକ୍ଷ ପ୍ରତିନିଧି ଯୋଗଦେବେ। ଏହା ପୋର୍ଟ ମଡର୍ନାଇଜେଶନ, କ୍ଷମତା ବୃଦ୍ଧି, ଗ୍ରୀନ୍ ଶିପିଂ, ଶିପ୍ ବିଲ୍ଡିଂ, ଇନ୍ସୁରାନ୍ସ ଓ ଫାଇନାନ୍ସ, ମେରିଟାଇମ୍ ସୁରକ୍ଷା ଆଦି ବିଷୟରେ ଚର୍ଚ୍ଚାର ପ୍ଲାଟ୍‌ଫର୍ମ ହେବ। ମନ୍ତ୍ରଣାଳୟ ୧୦ ଲକ୍ଷ କୋଟିରୁ ଅଧିକ ଏମ୍‌ଓୟୁ ସାଇନ୍ କରିବ। ସେଥିମଧ୍ୟରୁ ଓଡ଼ିଶାର ପାରାଦୀପ ପୋର୍ଟ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ଆକର୍ଷଣ କରିବ ବୋଲି ଆଶା କରାଯାଉଛି। ସେ ଗୁଜରାଟର ଭାବନଗରରେ ପ୍ରଧାନମନ୍ତ୍ରୀଙ୍କ ଇଭେଣ୍ଟରେ ଓଡ଼ିଶା ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ମେଜର୍ ପୋର୍ଟ(୨୧,୫୦୦ କୋଟି), ମହାନଦୀ ମାଉଥ୍‌ରେ ଶିପ୍‌ବିଲ୍ଡିଂ ହବ୍(୨୪,୭୦୦ କୋଟି) ଓ ପୁରୀରେ କ୍ରୁଜ୍ ଟର୍ମିନାଲ ଉପରେ ଏମ୍‌ଓୟୁକୁ ଉଲ୍ଲେଖ କରି 'ୱାନ୍ ନେଶନ ୱାନ୍ ପୋର୍ଟ' ପ୍ରୋସେସ୍ ଡକ୍ୟୁମେଣ୍ଟ ଆଦି ସମ୍ପର୍କରେ କହିଥିଲେ। ସେହିପରି ଉଷା ପାଢ଼ୀ କହିଲେ, ବର୍ତ୍ତମାନର ୮୦ ଏମ୍‌ଟିପିଏ ପୋର୍ଟ କ୍ଷମତାକୁ ୨୦୪୭ ସୁଦ୍ଧା ୫୦୦ ଏମ୍‌ଟିପିଏ କରିବା ପାଇଁ ଆଧୁନିକୀକରଣ, ନୂଆ ଭିତ୍ତିଭୂମି ଓ ଓଡ଼ିଶା ମେରିଟାଇମ୍ ବୋର୍ଡ ପ୍ରସ୍ତାବିତ ରହିଛି। ସେ ମେରିଟାଇମ୍ ସେକ୍ଟରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ହେମନ୍ତ ଶର୍ମା ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍ ଓ ମେରିଟାଇମ୍ ସେକ୍ଟର ପରସ୍ପରର ଅଭିବୃଦ୍ଧିରେ ସହାୟକ ହେଉଥିବା କହିଥିଲେ। ଓଡ଼ିଶାର ୮-୯% ଆର୍ଥିକ ବୃଦ୍ଧି ରାଷ୍ଟ୍ରୀୟ ହାରକୁ ଅତିକ୍ରମ କରୁଥିବା ସେ କହିଥିଲେ। ଏମ୍‌ପି ଡ. ତରାଇ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ସଂଯୁକ୍ତ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ଓଡ଼ିଶାକୁ ଭାରତର ପୂର୍ବମୁଖୀ ମେରିଟାଇମ୍ ଗେଟ୍‌ୱେ, ପୂର୍ବୋଦୟ ଓ ସଷ୍ଟେନେବଲ ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍‌ର ଡ୍ରାଇଭର୍ ଭାବେ ପ୍ରସ୍ତୁତ ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡେପୁଟି ଚେୟାରମ୍ୟାନ (ଇନ୍‌ଚାର୍ଜ) ଏ.କେ. ସାହୁ ଧନ୍ୟବାଦ ଦେଇଥିଲେ।

# ଓଡିଏମ୍- ଓଭୋ -ଆର୍ଡୋର ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)



ଓଡିଏମ୍ ଶିକ୍ଷା ସମୂହ ଦ୍ୱାରା ଓଡିଏମ୍-ଓଭୋ-ଆର୍ଡୋରର ସହଯୋଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆ ପୁଷ୍ଟିକର ସହଯୋଗୀ ଭାବରେ ଓଡିଏମ୍ ଶିକ୍ଷାସମୂହ ଓ ଆର୍ଡୋର ଫୁଟ୍‌ବଲ ଏକାଡେମୀ ସହ ଓଭୋ ଫାର୍ମସର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଅଧୀନରେ ଓଭୋ ଫାର୍ମସ ଓଡିଏମ୍ ଛାତ୍ରବୃତ୍ତି ପ୍ରାପ୍ତ ଛାତ୍ରୀଛାତ୍ର ଏବଂ ଆର୍ଡୋର ଏକାଡେମୀ ସେଣ୍ଟର ପାଇଁ ପ୍ରତି ସପ୍ତାହରେ ବିନା ମୂଲ୍ୟରେ ୧,୪୦୦ ଅଣ୍ଡା ଯୋଗାଇଦେବ। ଏହାଦ୍ୱାରା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଓଡିଏମ୍ ଶିକ୍ଷା ସମୂହର ସିଓଓ ସ୍ୱୟନ ସତ୍ୟେନ୍ଦୁ, ଓଭୋ ଫାର୍ମସର ସିଇଓ ସମରେନ୍ଦ୍ର ମିଶ୍ର ଓ ଆର୍ଡୋର ଫୁଟ୍‌ବଲ ଏକାଡେମୀର ମୁଖ୍ୟ ଜୟଦେବ ମହାପାତ୍ର ଉପସ୍ଥିତ ରହିଥିଲେ। ଓଡିଏମ୍-ଓଭୋ-ଆର୍ଡୋର ଏହି ସହଯୋଗକୁ ନେଇ ଉତ୍ସାହିତ ଅଛନ୍ତି ଏବଂ ଏହା ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ଏକ ନୂଆ ଦିଗ ଆରମ୍ଭ କରିବ ବୋଲି ଆଶା କରାଯାଉଛି।


## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ଶୁଭଜିତ୍
ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ କୋଟି ଆୟୁଷ ପ୍ରଦାନ କରନ୍ତୁ।
ଶୁଭକାମନା ସହ: ତୋର ଭାଇ, ଭଉଣୀ (ମାମୁନ୍) ଓ ସମସ୍ତ ପରିବାରବର୍ଗ।
ଧ-୭୬୮୫୬

## ଜନ୍ମଦିନ ଶୁଭେଚ୍ଛା



ଆଦ୍ୟା ଅସ୍ମିତା
ସାରସ୍ୱତ, ମୁଣ୍ଡିଦେଉଳି, କାମାକ୍ଷାନଗର, ଢେଙ୍କାନାଳ
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆଦ୍ୟାକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏବଂ ତା ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ରୋମା, ଡାଏନା, ପାପା, ମାମା, ଅଜା, ଆଈ, ଜେଜେବାପା, ଜେଜେମା', ମାମୁଁ, ମାଈଁ, ଲକିମାମୁଁ, ବିକିମାମୁଁ, ସଲିଆଇ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୨୦୯୭

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଡିଅନ୍ ଗ୍ରୁପ୍ ଓ ଆଥର୍ ଏନର୍ଜିର ନୂଆ ପାର୍ଟନରଶିପ୍

## କଟକରେ ଖୋଲିଲା ଏକ୍ସପେରିଏନ୍ସ ସେଣ୍ଟର

ଭୁବନେଶ୍ୱର,୨୪।୯



ଡିଅନ ଗ୍ରୁପ୍ ଓ ଇଲେକ୍ଟ୍ରିକ୍ ଭେଇକିଲ ଟୁ-ହ୍ୱିଲର ସେଗ୍‌ମେଣ୍ଟର ବ୍ରାଣ୍ଡ ଆଥର ଏନର୍ଜି ଲିମିଟେଡ୍ ସହ ପାର୍ଟନରଶିପ୍ ଘୋଷଣା କରିଛି। ଏହି ସହଯୋଗରେ କଟକରେ ଏକ ନୂଆ ଏକ୍ସପେରିଏନ୍ସ ସେଣ୍ଟର ଖୋଲାଯାଇଛି। କଟକବାସୀଙ୍କ ପାଇଁ ଗୁଣବତ୍ତାଯୁକ୍ତ ଉତ୍ପାଦ ଓ ସେବା ଯୋଗାଇବ। ଡିଅନ ଗ୍ରୁପ୍‌ର ଶାଖା ସଂସ୍ଥା ଡିଅନ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଆଥର ଏନର୍ଜି ମଧ୍ୟରେ ଏହି ନୂଆ ପାର୍ଟନରଶିପ୍ ଡିଅନର ଅଟୋମୋବାଇଲ ଭର୍ଟିକାଲକୁ ମଜଭୁତ କରିବ ଏବଂ ଆଥର ଏନର୍ଜିର ବଜାର ନେଟ୍‌ୱର୍କକୁ ବିସ୍ତାର କରିବ। ସୂଚନାଥାଉ କି, ୨୦୧୦ରେ ଇଂ. ମନୋଜ କୁମାର ସାହୁ(ଫାଉଣ୍ଡର ଓ ଡାଇରେକ୍ଟର)ଙ୍କ ଦ୍ୱାରା ପ୍ରତିଷ୍ଠିତ ଡିଅନ୍ ଗ୍ରୁପ୍ ଓଡ଼ିଶାର ଏକ ଦ୍ରୁତ ବିକାଶଶୀଳ ଏଣ୍ଟରପ୍ରାଇଜ୍। ୨୦୧୯ରେ ଟାଟା ମୋଟର୍ସର ଅଥୋରାଇଜ୍‌ଡ ଡିଲର ଭାବେ ଅଟୋମୋଟିଭ ସେକ୍ଟରରେ ପ୍ରବେଶକରି ଏହା ବର୍ତ୍ତମାନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ବାଲୁଗାଁ, ଫୁଲବାଣୀ ଓ ଭଞ୍ଜନଗରରେ ୭ଟି ଶୋ'ରୁମ୍ ଏବଂ ବ୍ରହ୍ମପୁରରେ ଏକ ଟାଟା ମୋଟର୍ସ ଅଥୋରାଇଜ୍‌ଡ ସର୍ଭିସ୍ ଷ୍ଟେଶନ (କମର୍ସିଆଲ ଭେଇକିଲ) ସହ ୨୦,୦୦୦ରୁ ଅଧିକ ଗ୍ରାହକଙ୍କୁ ସେବା ଦେଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଆଥର ଏନର୍ଜିର ହେଡ୍ ଅଫ୍ ସେଲ୍‌ସ ଅପରେଶନ ଓ ନେଟ୍‌ୱର୍କ ଉମେଶ ଚୌଧୁରୀ ଉପସ୍ଥିତ ଥିଲେ।

# ଜିଓମାର୍ଟର ଜିଓ ଉତ୍ସବ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)




ପାର୍ବଣଋତୁରେ ଜିଓମାର୍ଟ ପକ୍ଷରୁ ଜିଓ ଉତ୍ସବ-୨୦୨୫ ହୋଇଛି। ଏହି ଉତ୍ସବ ଅବସରରେ ଗ୍ରାହକଙ୍କୁ ଅନେକ ଅଫର ପ୍ରଦାନ କରାଯାଉଥିବାବେଳେ ଆଇଫୋନ ୧୬ ଭାରତରେ ସର୍ବନିମ୍ନ ମୂଲ୍ୟରେ ଅର୍ଥାତ୍ ୪୪,୮୭୦ ଟଙ୍କାରୁ ଆରମ୍ଭ ଉପଲବ୍ଧ ହୋଇଛି। ଏହାସହ ଆଇଫୋନ୍ ୧୬ ପ୍ଲସ୍ ୬୧,୭୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ବ୍ୟତୀତ ଜିଓମାର୍ଟ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଇନ୍‌ଫିନିକ୍ସ ଜିଟି ୩୦ ୧୭,୪୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ମ୍ୟାକ୍‌ବୁକ୍ ଅପ୍‌ଗ୍ରେଡ୍ ୪୯,୫୯୦ ଟଙ୍କାରୁ ସାମ୍‌ସଙ୍ଗ୍ ୩୨" ଟିଭି: ୧୦,୪୯୦ ଟଙ୍କାରୁ, ସେମି-ଅଟୋମେଟିକ ଓାଶିଂ ମେଶିନ ୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଅନ୍ୟପଟେ ଏୟାର କଣ୍ଡିସନର (ଏସି) ୨୨,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହାସହ ରୋଷେଇ ଓ ଘରୋଇ ଉପକରଣ, ଅଡିଓ ଏବଂ ଆକ୍ସେସୋରିଜ୍‌ରେ ୯୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ପାର୍ବଣରେ କ୍ରୟକୁ ଆହୁରି ଲାଭଦାୟକ କରିବା ପାଇଁ ଜିଓମାର୍ଟ ଆଇସିଆଇସିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଏବଂ ଆର୍‌ବିଏଲ୍ ବ୍ୟାଙ୍କ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପ୍ରଦାନ କରୁଛି। ଜିଓମାର୍ଟର ବିସ୍ତୃତ ନେଟ୍‌ୱାର୍କ ମେଟ୍ରୋ, ସହର ଓ ଗ୍ରାମାଞ୍ଚଳର ଲକ୍ଷାଧିକ ପରିବାର ନିର୍ଦ୍ଧାରିତ ସମୟରେ ବାଧାମୁକ୍ତ ଡେଲିଭରି ପ୍ରଦାନ କରୁଛି।


Classified Everyday
0674-2580101, 9692975378


# ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା

ଭୁବନେଶ୍ୱର,୨୪।୯



ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିଅର ଦ୍ୱାରା ପ୍ରକାଶିତ ତାଲିକାରେ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ସ୍ଥାନ ପାଇଛନ୍ତି। ଏହା ପତଞ୍ଜଳି, ଆୟୁର୍ବେଦ ଓ ଭାରତ ପାଇଁ ଗର୍ବର ବିଷୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତୀୟ ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ମିଶ୍ରଣକରି ତାଙ୍କର ୩୦୦ରୁ ଅଧିକ ଗବେଷଣା ପ୍ରବନ୍ଧ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହୋଇଛି। ତାଙ୍କ ନେତୃତ୍ୱରେ ପତଞ୍ଜଳି ୧୦୦ରୁ ଅଧିକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିଛି। ୧୨୦ରୁ ଅଧିକ ପୁସ୍ତକ ଓ ୨୫ଟି ପ୍ରାଚୀନ ପାଣ୍ଡୁଲିପିରେ ଯୋଗଦାନ ସହ ତାଙ୍କର ହର୍ବାଲ ଏନ୍‌ସାଇକ୍ଲୋପିଡିଆ ବୈଜ୍ଞାନିକ ମହଲରେ ପ୍ରଶଂସିତ ହୋଇଛି। ଉତ୍ତରାଖଣ୍ଡର ମାଲାଗୋଁରେ ହର୍ବାଲ ଓାର୍ଲ୍ଡ ମାଧ୍ୟମରେ ସେ ପାରମ୍ପରିକ ଚିକିତ୍ସା ଜ୍ଞାନ ବିସ୍ତାର କରୁଛନ୍ତି। ଯୋଗଗୁରୁ ରାମଦେବ ଏହାକୁ ଆୟୁର୍ବେଦର ବୈଜ୍ଞାନିକ ମାନ୍ୟତା ଓ ଭାରତର ଗବେଷଣା ଶକ୍ତିର ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି।

# ନାଲ୍‌କୋ ପକ୍ଷରୁ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍

ଭୁବନେଶ୍ୱର,୨୪।୯

ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଭୁବନେଶ୍ୱରଠାରେ 'ନବ-ଦୃଷ୍ଟି: ପିପୁଲ ଫାଷ୍ଟ, ଫିଉଚର ଫର୍‌ୱାର୍ଡ' ବିଷୟବସ୍ତୁ ଆଧାରିତ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି । ନୂତନ ଯୁଗର ମାନବ ସଂସାଧନ ପରିଚାଳନା ପଦ୍ଧତି ଉପରେ ଚିନ୍ତନ ଏବଂ ପ୍ରତିଫଳନ ନିମନ୍ତେ ଖଣି, କୋଇଲା, ପେଟ୍ରୋଲିୟମ ଏବଂ ଧାତୁ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ୍ ଏବଂ ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ବିତ୍ତ) ଅଭୟ କୁମାର ବେହୁରିଆ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ ଜ୍ୟୋତିନାଥ ପ୍ରମୁଖ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସେଲ୍‌ର ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମାନବ ସମ୍ବଳ ଗ୍ରୁପ୍ ସଭାପତି ବିଜୟ କୁମାର ସାହୁ ଓ ଇଣ୍ଡିଆନ ଅଏଲର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଇଣ୍ଡିଆନ ଅଏଲ, ସେଲ୍, ଟାଟା ଷ୍ଟିଲ୍, ଏନ୍‌ଟିପିସି ଏବଂ କୋଲ୍ ଇଣ୍ଡିଆ ଭଳି ଦେଶର କେତେକ ପ୍ରମୁଖ କମ୍ପାନୀ ନିଜର ମାନବ ସମ୍ବଳ ପ୍ରୟାସ ଏବଂ ଅଭ୍ୟାସଗୁଡ଼ିକୁ ଉପସ୍ଥାପନା କରିଥିଲେ।

# ବିଦ୍ୟୁତ୍ ବିଲ୍ ପୈଠ ସରଳ କରୁଛି ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ) ପକ୍ଷରୁ ଡିଜିଟାଲ ପେମେଣ୍ଟ ବିକଳ୍ପ କାର୍ଯ୍ୟକ୍ଷମ କରି ବିଦ୍ୟୁତ୍ ବିଲ୍ ପୈଠ ବେଶ୍ ସହଜ କରିଛି। ଏହି ଉଦ୍ୟମ ଉପଭୋକ୍ତାମାନଙ୍କୁ କୌଣସି ଅସୁବିଧା ବିନା ନିଜ ଘରେ ଆରାମରେ ବିଲ୍ ପଇଠ କରିବା ଏବଂ ଆକର୍ଷଣୀୟ ରିହାତି ପାଇବାର ସୁଯୋଗ ଦେଇଛି। ୧୦ ଲକ୍ଷରୁ ଅଧିକ ଟିପିସିଓଡିଏଲ ଉପଭୋକ୍ତା ଡିଜିଟାଲ ପେମେଣ୍ଟ ସୁବିଧା ଉପଭୋଗ କରୁଛନ୍ତି। ଏହାକୁ ସୁଗମ କରିବା ପାଇଁ ଟିପିସିଓଡିଏଲ ୟୁପିଆଇ ପେମେଣ୍ଟ, ମିତ୍ର ଆପ୍ ଭଳି ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଏଥିସହିତ ସୁରକ୍ଷିତ ଏବଂ ତତ୍‌କ୍ଷଣାତ୍ ପେମେଣ୍ଟ ପାଇଁ ଉପଭୋକ୍ତାଙ୍କୁ କ୍ୟୁଆର୍ କୋଡ୍ ମଧ୍ୟ ଦିଆଯାଇଛି। ଟିପିସିଓଡିଏଲ ପ୍ରତି ମାସରେ ପ୍ରାୟ ୧୦ ଲକ୍ଷ ଉପଭୋକ୍ତାଙ୍କୁ ଇ-ବିଲ୍ ପଠାଉଛି, ଯାହାଦ୍ୱାରା ଠିକ୍ ସମୟରେ ବିଲ୍‌ର ସୂଚନା ମିଳୁଛି ଏବଂ ଡିଜିଟାଲ ନେଣଦେଣକୁ ଉତ୍ସାହିତ କରାଯାଉଛି। କ୍ୟୁଆର୍ କୋଡ୍ ଉଦ୍ୟମର ପ୍ରଥମ ପର୍ଯ୍ୟାୟରେ ହିଁ ୫୮,୪୪୦ ଉପଭୋକ୍ତା (ତିନି-ଫେଜ୍ ଘରୋଇ) ଏହି ପ୍ରଣାଳୀକୁ ଗ୍ରହଣ କରିସାରିଛନ୍ତି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି, ପ୍ରତ୍ୟେକ ଉପଭୋକ୍ତାଙ୍କୁ ସରଳ ଡିଜିଟାଲ ସାଧନ ଦ୍ୱାରା ସଶକ୍ତ କରିବା, କାଗଜବିହୀନ ନେଣଦେଣକୁ ଉତ୍ସାହିତ କରିବା ଏବଂ ଏକ ପ୍ରକୃତ କ୍ୟାଶ୍‌ଲେସ୍ ଓଡ଼ିଶା ଗଠନରେ ଯୋଗଦାନ କରିବା ଟିପିସିଓଡିଏଲର ଲକ୍ଷ୍ୟ ରହିଛି।

# ତାପଜ କେନ୍ଦ୍ରରୁ ବାହାରୁଛି ୪୬ ନିୟୁତ ଟନ୍ ପାଉଁଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୪୫ଟି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୬ ନିୟୁତ୍ ଟନ୍ ପାଉଁଶ ବାହାରିଛି। ଏହାକୁ ଇଟା ତିଆରି କାରଖାନା ସହ ସିମେଣ୍ଟ କାରଖାନା, କଂକ୍ରିଟରେ ମିଶାଇବା, ଆଜ୍‌ବେଷ୍ଟସ୍ ନିର୍ମାଣ, ବନ୍ଧ ଓ ରାସ୍ତା କାମରେ ଲଗାଯାଉଛି । ତାପଜ କେନ୍ଦ୍ରର ପାଉଁଶ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ କହିଛନ୍ତି, ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶର ସର୍ବାଧିକ ଉପଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟମ ବୋର୍ଡ ୨୦୧୭ ମସିହାରେ ଖାଲୁଆ ଅଞ୍ଚଳ ପୂରଣ ଏବଂ ପରିତ୍ୟକ୍ତ ଖଣି ଗର୍ତ୍ତ ପୂରଣ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି।




REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

ଭୁବନେଶ୍ୱର NISER, IIT ନିକଟରେ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492. D-2018



Healthcare

The massage felt totally professional & comfortable at all times-7978109255. D-76495

Newly open Jyoti SPA positively health benefits (expert therapist). 8458067955. D-76936

Newly open health benefits spa by experts therapist con 8658088274. D-1866

## LOST

I, Rajkishor Das, R/o- At-Near DIET School, P.O./P.S.- Ainthapali, Tahasil/Dist.- Sambalpur, Odisha, PIN- 768004 declare that my father Narasingh Charan Das had purchased a landed property at Mouza-Chhanchanpali, P.S.-Dhama, Area Ac.1.45 Dec through a registered Sale Deed bearing No.- 353 of 1993 dated-16.02.1993. That on 20.09.2025 while I was going from my house to Ainthapali inadvertently I lost the said original sale deed along with other property documents. Inspite of my repeated search it could not be traced out. If anybody found kindly contact me Mob. 9938904555 or deposit it at the nearest police station. D-2107

## AFFIDAVIT

I, Alok Soni, S/o- Late Damodar Prasad Soni, resident of Ward No.- 45, M-285, Padmanabhpur, District-Durg, Chhattisgarh (PIN 491001), hereby declare that my correct and full name is Alok Kumar Soni. Henceforth, I shall be known as Alok Kumar Soni for all purposes. D-2100

Dillip Kumar Das, House No.-76, At- Kapagoradi P.O.-Othaka PIN-752108 Puri changed my as Laxmidhar Das, S/o- Jahan Das. D-2108

I, Sanjya Kumar Paikaray, S/o- late Dharanidhar Paikaray, resident of Plot No.-238, At/P.O.- Rasulgarh, P.S.- Mancheswar, Bhubaneswar, Dist.-Khordha, Odisha-751010 declare by this affidavit No.- 85, dated- 22.09.2025 that now onwards I shall be known as Sanjay Kumar Paikaray for all future purposes. D-2099

By Virtue of an affidavit sworn before Executive Magistrate, Kutra, dated- 18-09-25, I Anjlina Dhanwar, Address: Vill-Katang (Turitoli), P.O.-Katang, P.S.- Kutra, Dist.- Sundargarh Odisha, PIN-770023 declare that I have changed the Name of my daughter from Adilina Dhanwar to Edlin Dhanwar. Henceforth, She shall be known as Edlin Dhanwar for all purposes.
Edlin Dhanwar
D-2101

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଫୁସି ବେହେରା
ଗୌଡ଼ସାହି, ମାଁସଡ଼ା, ବିଞ୍ଝାରପୁର
ଆବିର୍ଭାବ -୧୨।୦୩।୩୩
ତିରୋଧାନ- ୧୬।୦୯।୨୫
ବୋଉଲୋ, ତୁ ଚାହୁଁ ଚାହୁଁ ଏଗାର ଦିନ ହେବ ଆମକୁ ଛାଡ଼ି ଅଫେରା ରାଇଜକୁ ଗଲୁଣି । ହେଲେ ତୋର ସ୍ଥାନଟି ସେମିତି ଶୂନ୍ୟ ହୋଇ ରହିଯାଇଛି। ତୋର ପ୍ରେରଣା ଆମ୍ଭକୁ ଦିଗଦର୍ଶନ ଦେବାରେ ସହାୟକ ହେବ । ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁତ୍ର- ଜଗବନ୍ଧୁ, ରାମଚନ୍ଦ୍ର, ଶ୍ୟାମସୁନ୍ଦର, ପୁତ୍ରବଧୂ- ରାଧାରାଣୀ, ଅଞ୍ଜଳୀ, ଝିଅ- ଭାରତୀ, ପ୍ରଭାତୀ, ଜ୍ୱାଇଁ- ଯୁଗଳ, ଅଭୟ, ନାତି- ଦିଲ୍ଲିପ, ସଞ୍ଜୟ, ଚନ୍ଦନ, ସୌମ୍ୟ, ନାତୁଣୀ- ପୂଜା, ମାମା ଓ ବନ୍ଧୁ, ପରିବାରବର୍ଗ
ଧ-୨୧୦୯

## ଶ୍ରଦ୍ଧାଞ୍ଜଳି



ଂଇଂ. ପ୍ରେମାନନ୍ଦ ପ୍ରଧାନ
ଆବିର୍ଭାବ: ୧୦।୦୨।୧୯୬୬
ତିରୋଧାନ: ୧୫।୦୯।୨୦୨୫
ପବିତ୍ର ଇଂଜିନିୟର ଦିବସରେ ତୁମେ ଆମ ସମସ୍ତଙ୍କୁ ଶୋକ ସାଗରରେ ବୁଡ଼ାଇ ଦେଇ ଆରପାରିକୁ ଚାଲିଗଲ । ପରମ ପିତାଙ୍କ ନିକଟରେ ଆକୁଳ ପ୍ରାର୍ଥନା ତୁମର ଅମର ଆତ୍ମା ଚିରନ୍ତନ ଶାନ୍ତି ଲାଭ କରୁ ।
ଉଭୟ ପିତ୍ରାଳୟ ଓ ଶ୍ୱଶୁରାଳୟର ଶୋକାକୁଳ ପ୍ରଧାନ ପରିବାରବର୍ଗ
ସ୍ଥାନ- ବଳମ କଣ୍ଡେଳ, ଜି- ଦେବଗଡ଼
ଧ-୨୧୦୨



ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବୁଧବାର ପାଟନାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ବିଧାନସଭା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ 'ଅତି ପିଛଡ଼ା ନ୍ୟାୟ ସଂକଳ୍ପ'ର ଉନ୍ମୋଚନ କରୁଛନ୍ତି।

## ନିଜ ଲୋକଙ୍କୁ ବିସ୍ଫୋରଣରେ ଉଡ଼ାଉଛି ପାକିସ୍ତାନ

ନ୍ୟୁୟର୍କ,୨୪।୯(ପିଟିଆଇ)

ଖାଇବର ପାଖ୍ତୁନ୍ଖ୍ୱାରେ ସୋମବାର ଏୟାରଷ୍ଟ୍ରାଇକ୍ କରି ୩୦ ଜଣଙ୍କୁ ଉଡ଼ାଇଦେଇଛି। ଏହି ପ୍ରସଙ୍ଗରେ ଭାରତ ବୁଧବାର ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ରେ ପଡ଼ୋଶୀ ଦେଶକୁ ଟାର୍ଗେଟ କରିଛି। ଜେନେଭାସ୍ଥିତ ଭାରତର ସ୍ଥାୟୀ କମିଶନ କ୍ଷିତିଜ ତ୍ୟାଗୀ ୟୁଏନ୍‌ଏଚ୍‌ଆର୍‌ସିର ୬୦ତମ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି, ପାକିସ୍ତାନ ଆତଙ୍କବାଦୀଙ୍କୁ ରପ୍ତାନି କରିବା ସହ ନିଜ ଲୋକଙ୍କୁ ବିସ୍ଫୋରଣରେ ଉଡ଼ାଉଛି। ପାକିସ୍ତାନ ଭାରତ ବିରୋଧରେ ଭିତ୍ତିହୀନ ଓ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ଏହି ମଞ୍ଚର ଦୁରୁପଯୋଗ ବନ୍ଦ କରିବା ଉଚିତ। ସେମାନେ ଭାରତୀୟ ଭୂଖଣ୍ଡକୁ ବେଆଇନ ଦଖଲ କରିବା ଛାଡ଼ି ନିଜ ଅର୍ଥନୀତିକୁ ସଜାଡ଼ନ୍ତୁ।

## ଲେହ୍ ହିଂସା ପାଇଁ ୱାଙ୍ଗଚୁକ୍ ଦାୟୀ: କେନ୍ଦ୍ର

ନୂଆଦିଲ୍ଲୀ,୨୪।୯

ଲଦାଖର ଲେହ୍ ହିଂସା ପାଇଁ ବୁଧବାର କେନ୍ଦ୍ର ସରକାର ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକଙ୍କ 'ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ'କୁ ଦାୟୀ କରିଛନ୍ତି। ସରକାର ଓ ଲଦାଖର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ନେଇ ସୋନମ୍ ଓ କେତେଜଣ ନିର୍ଦ୍ଦିଷ୍ଟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟକ୍ତି ସନ୍ତୁଷ୍ଟ ନ ଥିଲେ। ସୋନମ୍ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଓ ଷଷ୍ଠ ପରିଚ୍ଛେଦରେ ସାମିଲ ପାଇଁ ସେପ୍ଟେମ୍ବର ୧୦ରୁ ଅନଶନ ଚଳାଇଥିଲେ। ଅନେକ ନେତା ମନା କରିବା ସତ୍ତ୍ୱେ ସେ ଅନଶନ ଜାରି ରଖିଥିଲେ। ଇତିମଧ୍ୟରେ ସୋସିଆଲ ମିଡିଆରେ କେତେକ ପୋଷ୍ଟ କରାଯାଇଥିଲା, ଯାହାକୁ ନେଇ ହିଂସା ଉପୁଜିଥିଲା। ତେବେ ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ପରବର୍ତ୍ତୀ ବୈଠକ ଅକ୍ଟୋବର ୬ରେ ହେବ। ଏହାବାଦ ଲଦାଖର ନେତାମାନଙ୍କ ସହ ଗୁରୁବାର ଓ ଶୁକ୍ରବାର ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିବା ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି।



ସୋନମ୍ ୱାଙ୍ଗଚୁକ

## ବଘେଲଙ୍କ ପୁଅ ଗିରଫ କଲା ଏସିବି

ରାୟପୁର,୨୪।୯(ପିଟିଆଇ)

ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ବୁଧବାର ଆଣ୍ଟି କରପ୍ସନ ବ୍ୟୁରୋ (ଏସିବି) ଆର୍ଥିକ ଅପରାଧ ଶାଖା ପକ୍ଷରୁ ଗିରଫ କରାଯାଇଛି। ଏହାପରେ ତାଙ୍କୁ ଏକ କୋର୍ଟରେ ହାଜର କରି ଅକ୍ଟୋବର ୬ ପର୍ଯ୍ୟନ୍ତ [illegible] ରିମାଣ୍ଡରେ ନେଇଛି। ଚୈତନ୍ୟ ମଦ ଦୁର୍ନୀତି ମାମଲାରେ ଜୁଲାଇ ୧୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ପ୍ରକାଶ ଯେ ସେପ୍ଟେମ୍ବର ୧୫ରେ ଇଡି ପଞ୍ଚମ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଥିଲା।



## ୨ ଭାରତୀୟଙ୍କ ଉପରେ ଆମେରିକାର କଟକଣା

ୱାଶିଂଟନ,୨୪।୯

ଆମେରିକା ସାରା ନକଲି ଫେଣ୍ଟାନିଲ ଯୋଗାଣ ଅଭିଯୋଗରେ ୟୁଏସ୍ ଟ୍ରେଜେରିର ଓଏଫ୍ଏସି ୨ ଜଣ ଭାରତୀୟ ନାଗରିକଙ୍କ ଉପରେ କଟକଣା ଜାରି କରିଛି। ଏହି ୨ ଜଣ ହେଲେ ସାଦିକ୍ ଅବାସ ହବିବ ସୟେଦ ଓ ଖିଜର ମହମ୍ମଦ ଇକ୍‌ବାଲ ଶେଖ। ଉଭୟେ ୨୦୨୪ରେ ଧରାପଡ଼ି ଦୋଷୀ ସାବ୍ୟସ୍ତ ହେବା ସତ୍ତ୍ୱେ ନାର୍କୋଟିକ୍ ଚାଲାଣରେ ଜଡ଼ିତ ରହି ଅନ୍‌ଲାଇନ ଫାର୍ମାସି ଜରିଆରେ ଅପରେଟ୍ କରୁଥିଲେ। ଏମାନେ ଡୋମିନିକ୍ ସାଧାରଣତନ୍ତ୍ର ଓ ଆମେରିକା ଭିତ୍ତିକ ନାର୍କୋଟିକ୍ସ ଟ୍ରାଫିକରଙ୍କ ସହଯୋଗରେ ରିହାତି ମୂଲ୍ୟରେ ଫେଣ୍ଟାନିଲ ଓ ଅନ୍ୟ ବେଆଇନ ଔଷଧ କାରବାର କରୁଥିଲେ। ଏହାବାଦ ଭାରତର ଏକ ଅନ୍‌ଲାଇନ ଫାର୍ମାସି କେଏସ୍ ଟ୍ରେଡର୍ସର ଭୂମିକା ମଧ୍ୟ ଆପରାଧିକ ଅପରେଶନ୍‌ରେ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି ବୋଲି ସଂସ୍ଥା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଆମେରିକାରେ ୧୮ରୁ ୪୫ ବର୍ଷୀୟ ଅନେକ ଶହ ବ୍ୟକ୍ତିଙ୍କ ମୃତ୍ୟୁର ଅନ୍ୟତମ କାରଣ ହେଉଛି ଓପିଓଇଡ୍, ଯାହାକି ଫେଣ୍ଟାନିଲରେ ରହିଥାଏ।

## ସିଡିଏସ୍ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ୮ ମାସ ବଢ଼ିଲା

ନୂଆଦିଲ୍ଲୀ, ୨୪।୯



କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ କାର୍ଯ୍ୟକାଳକୁ ଆସନ୍ତା ବର୍ଷ ମେ ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି। ଆସନ୍ତା ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ଏବେ ଏହା ୮ ମାସ ବୃଦ୍ଧି ପାଇଛି। ସେ ଗତ ୩ ବର୍ଷ ଧରି ସିଡିଏସ୍ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜେନେରାଲ ବିପିନ ରାୱତଙ୍କ ପରେ ୨୦୨୨ ସେପ୍ଟେମ୍ବର ୩୦ ସେ ଦେଶର ଦ୍ୱିତୀୟ ସିଡିଏସ୍ ଭାବେ ନିଯୁକ୍ତ ହୋଇଥିଲେ।


**GOVERNMENT OF ODISHA** E-mail Id: cceabp@gmail.com
**OFFICE OF THE CHIEF CONSTRUCTION ENGINEER ANANDAPUR BARRAGE PROJECT, SALAPADA**
No.A-668
E-Procurement Notice No.CCEABP-12 of 2025-26

| E-Procurement Officer | Name of the Work | Bid Id No. | Tender cost in Lakhs (Appx) | Bid Security (online) | Cost of Bid document (Online) | Class of Contractor | Period of Comple-tion | Available of tender online for bidding | | Date of Opening of technical bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer A.B. Project Salapada | Repair and rehabilitation of approach road of Anandapur Barrage connecting to N.H.-20, Anandapur Barrage and S.H.-53 | ABP-ABD-01/12 of 2025-26 | 690.00 | 6,90,000/- | 10,000/- | "A" & Spl Class | Six Calendar Months | 04.10.25 11.30 AM | 23.10.25 5.00 PM | 24.10.25 11.30 AM |

Further details can be seen from the Govt. website www.tendersorissa.gov.in/ www.dowr.odisha.gov.in.
Addendum/ Corrigendum/ Cancellation if any required will be published in Govt. website only.
OIPR-32180/11/0013/2526 Sd./- Chief Construction Engineer, Anandapur Barrage Project, Salapada

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
**SHORT NOTICE**
**For Sale of Cement Grade Limestone**
No. CAD-1864: The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on Dtd.03.10.2025.**
For details, please visit the website of MSTC i.e. **www.mstcecommerce.com**.
OIPR-30005/11/0272/2526 Chief General Manager (S&M)

**GOVERNMENT OF ODISHA** No.B-565
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
Phone/Fax : 0680-2233996, e-mail : sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
**Bid Identification No. SC (R&B)-GM-II-15/2025-26 No.8368 Dated.16.09.2025**
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below :
2) Nature of Work : Electrical work
3) No. of work : 09 Nos.
4) Tender Cost : Rs.6,000/-
5) Class of Contractor : Authorised dealer / Distributor (specialized agency for fire work must with MOU with ELBO) Electrical Contractor
6) Availability of bid documents in the website : From 23.09.2025 10.00 A.M. to 10.10.2025 4.00 P.M.
7) Date of opening of Bid : 13.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
Sd./- S. Panigrahi, Superintending Engineer, Ganjam (R&B) Division No.II
OIPR-34080/11/0032/2526

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ
**OFFICE OF THE NOTIFIED AREA COUNCIL, REDHAKHOL (ODISHA), DIST-SAMBALPUR**
E-mail:eonacrdl@gmail.com
**'e' Procurement Notice**
**No.2194/NAC Dt.23.09.2025**
**Bid Identification No.RDL NAC-2/2025-26**
**Tender ID-2025_ORULB_118436**
